R.N.I. REGN. No. 65000/96 POSTAL REGN. No. OR/BN-32/12-14

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

ଏକତ୍ରିଂଶତମ ବର୍ଷ

ସଂଖ୍ୟା : ୧୦

ତିଥି: ପ୍ରତିପଦ

୧୧ ଅକ୍ଟୋବର ୨୦୨୬, ରବିବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

11 October 2026, Sunday

ରଙ୍ଗିନ ତରଙ୍ଗ ଟାବଲଏଡ ସହ

Bhubaneswar | Balasore | Angul | Berhampur | Sambalpur

# ଜ୍ଞାନେଶଙ୍କ ଇସ୍ତଫା ଦାବିରେ କମ୍ପିଲା ଦିଲ୍ଲୀ

ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି) : ମୁଖ୍ୟ ନିର୍ବାଚନ କମିଶନ(ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ କକ୍ରୋଚ ଜନତା ପାର୍ଟି(ସିଜେପି)ର ପ୍ରସ୍ତାବିତ ବିକ୍ଷୋଭ ଡାକରାକୁ ନେଇ ସମଗ୍ର ଦିଲ୍ଲୀ ହଲଚଲ ଦେଖିବାକୁ ମିଳିଛି । ପୋଲିସ ଓ ଅର୍ଦ୍ଧ ସୁରକ୍ଷାବାହିନୀ ଦ୍ୱାରା ସମଗ୍ର ଦିଲ୍ଲୀରେ



- ପ୍ରତିବାଦକାରୀଙ୍କୁ ଜନ୍ତରମନ୍ତର ଛାଡ଼ିଲାନି ପୋଲିସ
- ଅଭିଜିତ୍, ଆଶୁତୋଷ, ସୌରଭଙ୍କୁ ବିମାନରୁ ଗିରଫ
- ପୋଲିସ-ପ୍ରତିବାଦକାରୀ ଧସ୍ତାଧସ୍ତି
- ୪୫ ମେଟ୍ରୋ ଷ୍ଟେସନ୍ ବନ୍ଦ, ଦିଲ୍ଲୀକୁ ଟ୍ରେନ୍ ବାତିଲ
- ଆନ୍ଦୋଳନକୁ ଓହ୍ଲାଇଲେ ସୁପ୍ରିମ୍‌କୋର୍ଟ ଓକିଲ
- ଯୋଗେନ୍ଦ୍ର ଯାଦବଙ୍କ ସମେତ ସିଭିଲ ସୋସାଇଟି ସଦସ୍ୟ ସାମିଲ
- ୪ ପୂର୍ବତନ ମୁଖ୍ୟମନ୍ତ୍ରୀ ବିକ୍ଷୋଭରୁ ଅଟକ
- ୩୦୦୦ରୁ ଉର୍ଦ୍ଧ୍ୱ ପ୍ରତିବାଦକାରୀ ଗିରଫ
- ସମଗ୍ର ଦିଲ୍ଲୀରେ ପୋଲିସ ଛାଉଣୀ

ଏକରକମ ଲକ୍‌ଡାଉନ୍ ପରିସ୍ଥିତି ସୃଷ୍ଟି ହୋଇଥିଲା । ସିଜେପି ମୁଖ୍ୟ ଅଭିଜିତ୍ ଦିପ୍‌କେ, ଆଶୁତୋଷ ରାଙ୍କା, ସୌରଭ ଦାସଙ୍କୁ ପୋଲିସ ବିମାନ ଭିତରୁ ଗିରଫ କରିଥିବାବେଳେ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ପ୍ରତିବାଦକାରୀଙ୍କୁ ବିଭିନ୍ନ ସ୍ଥାନରେ ଅଟକ ରଖିଛି ।

ସିଜେପି ଆନ୍ଦୋଳନକୁ ମୁଖ୍ୟତଃ ଜେନ୍-ଜି ଆନ୍ଦୋଳନ କୁହାଯାଉଥିବାବେଳେ ଆଜି ପୋଲିସ ସହ ପ୍ରତିବାଦକାରୀ ମୁହାଁମୁହିଁ ହୋଇଛନ୍ତି । ଏହି (୯ ପୃଷ୍ଠାରେ)

## ଆନ୍ଦୋଳନ ଜାରି ରଖ : ରାହୁଲ

ନୂଆଦିଲ୍ଲୀ, ୧୦।୧୦ : ପ୍ରତିବାଦକାରୀଙ୍କ ଉପରେ ଏଭଳି ପୋଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ସରକାରଙ୍କ ଉପରେ ବର୍ଷିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ଏକ ଦଶନ୍ଧି ଧରି ସେ ଲଢ଼ି ଆସୁଛନ୍ତି । ଆମେ ଆମ ବିରୋଧୀଙ୍କୁ ଏତେ ଭଲଭାବେ ବୁଝିଛୁ ଯେ ଯେତିକି କେହି ନିଜ (୯ ପୃଷ୍ଠାରେ)

## ଅରାଜକତା ସୃଷ୍ଟି ଲାଗି ଉଦ୍ୟମ : ବିଜେପି

ନୂଆଦିଲ୍ଲୀ, ୧୦।୧୦ : ସିଜେପି ଆନ୍ଦୋଳନକୁ ବିଜେପି ଫ୍ଲପ୍ ଶୋ ବୋଲି କହିଛି । ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ବିଦେଶୀ ଶକ୍ତି ବଳରେ ଅରାଜକତା ପ୍ରଚାର କରୁଥିବା ବିଜେପି ମୁଖପାତ୍ର ସମ୍ବିତ୍ ପାତ୍ର କହିଛନ୍ତି । ଭିଡତନ୍ତ୍ର ଉପରେ ଏହା ଗଣତନ୍ତ୍ରର ବିଜୟ । ହିଂସାକୁ ଉସ୍‌କାଇବା, ଧସ୍ତାଧସ୍ତି ହେବା ଓ ରାସ୍ତାରେ ଯୁଦ୍ଧ ଭଳି ସ୍ଥିତି ସୃଷ୍ଟି କରିବାକୁ (୯ ପୃଷ୍ଠାରେ)

## ଦିଲ୍ଲୀରେ ବିକ୍ଷୋଭ ନିୟନ୍ତ୍ରଣ, ଅଟକ ଘଟଣା

# ଆଜି ସ୍ୱତନ୍ତ୍ର ଶୁଣାଣି

ନୂଆଦିଲ୍ଲୀ, ୧୦।୧୦ : ଦିଲ୍ଲୀରେ ବିକ୍ଷୋଭ ସମୟରେ ମେଟ୍ରୋ ଷ୍ଟେସନ୍ ବନ୍ଦ ଓ ରେଳ ସେବା ବାତିଲ୍ କରାଯିବା ସହ ବିକ୍ଷୋଭକାରୀଙ୍କୁ ଅଟକ ରଖାଯିବା ଘଟଣାକୁ ନେଇ ସୁପ୍ରିମକୋର୍ଟ ଅକ୍ଟୋବର ୧୧ ରବିବାର ଦିନ ସ୍ୱତନ୍ତ୍ର ଶୁଣାଣି କରିବେ । ଅକ୍ଟୋବର ୯ରେ କୋର୍ଟ ଦେଇଥିବା ନିର୍ଦ୍ଦେଶର ଉଲ୍ଲଂଘନ ହୋଇଥିବା ଅଭିଯୋଗରେ ଦାଖଲ ଅଦାଲତ ଅବମାନନା ଆବେଦନ ଏବଂ ବିକ୍ଷୋଭକାରୀଙ୍କ ଅଟକକୁ ଚ୍ୟାଲେଞ୍ଜ କରୁଥିବା ହେବିୟସ୍ କର୍ପସ୍ ଆବେଦନର ଶୁଣାଣି ହେବ । (୯ ପୃଷ୍ଠାରେ)






## ଗିରଫ ପ୍ରତିବାଦକାରୀଙ୍କୁ ତୁରନ୍ତ ଛାଡ଼ : ୱାଙ୍ଗଚୁକ୍

ନୂଆଦିଲ୍ଲୀ, ୧୦।୧୦ : ଆସନ୍ତାକାଲି ସୁଦ୍ଧା ଗିରଫ ନେତାଙ୍କୁ ଛଡ଼ାନଗଲେ ଅନଶନ କିମ୍ବା ପଦଯାତ୍ରା ଆରମ୍ଭ କରିବେ ବୋଲି ପରିବେଶବିତ୍ ସୋନମ ୱାଙ୍ଗଚୁକ୍ ଚେତାବନୀ ଦେଇଛନ୍ତି । ଏକ ବିବୃତ୍ତି ଜାରି କରି ୱାଙ୍ଗଚୁକ୍ କହିଛନ୍ତି ଯେ ଦେଶରେ ଅଘୋଷିତ ଜରୁରୀକାଳିନ ପରିସ୍ଥିତି ଭଳି ଅବସ୍ଥା ସୃଷ୍ଟି ହୋଇଛି । ପ୍ରତିବାଦ ପୂର୍ବରୁ ଶାନ୍ତି ଓ ଏକତା ରକ୍ଷା ପାଇଁ ସେ ଆହ୍ୱାନ କରିଥିଲେ । କିନ୍ତୁ ଆନ୍ଦୋଳନର ନେତୃତ୍ୱ ନେଉଥିବା ନେତାମାନଙ୍କୁ ଗିରଫ କରାଯିବା ନେଇ ସେ ପ୍ରଶ୍ନ ଉଠାଇଛନ୍ତି । ସୋନମ୍ ତାଙ୍କ ବାର୍ତ୍ତାରେ ଶାନ୍ତି ଓ (୯ ପୃଷ୍ଠାରେ)

## ଫ୍ଲାଏଦୁବାଇ ବିମାନ ଘଟଣା: ଏନ୍‌ଆଇଏରେ ମାମଲା

ନୂଆଦିଲ୍ଲୀ, ୧୦।୧୦ : ଫ୍ଲାଏଦୁବାଇ ଯାତ୍ରୀବାହୀ ବିମାନକୁ ଅପହରଣ କିମ୍ବା ଦୁର୍ଘଟଣାଗ୍ରସ୍ତ କରିବାକୁ ଉଦ୍ୟମ ହୋଇଥିବା ଅଭିଯୋଗରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଏକ ମାମଲା ରୁଜୁ କରିଛି । ଏହି ଘଟଣାରେ ଭାରତୀୟ ପାଇଲଟ୍ ସ୍ମିତ ମଛରଙ୍କୁ ଓମାନର ଜଣେ ସହ-ପାଇଲଟ୍ କକ୍‌ପିଟ୍ ଭିତରେ ଛୁରିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ସେପ୍ଟେମ୍ବର ୩୦ରେ ଏହି ଘଟଣା ଘଟିଥିଲା ।

ଏହି ମାମଲାରେ ୨୦୧୬ର ଆଣ୍ଟି-ହାଇଜାକିଂ ଆଇନର ଧାରା ୩ ଏବଂ ୧୯୬୭ର ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ) ଲାଗୁ କରାଯାଇଛି । ଏଫ୍‌ଆଇଆର୍ ଅନୁଯାୟୀ, କେନ୍ଦ୍ର ସରକାର ଏହି ଘଟଣାର ତଦନ୍ତ କରିବାକୁ ଏନ୍‌ଆଇଏକୁ ନିର୍ଦ୍ଦେଶ ଦେଇଛନ୍ତି ।

ସେପ୍ଟେମ୍ବର ୩୦ରେ ଫ୍ଲାଏଦୁବାଇର ଏଫ୍‌ଜେଡ୍ ୧୦୭୩ ବିମାନ ୧୭୪ ଜଣ ଯାତ୍ରୀ ଓ ୬ ଜଣ କର୍ମଚାରୀଙ୍କୁ ନେଇ ଦୁବାଇରୁ ଉଡ଼ାଣ ଭରିଥିଲା । ବିମାନରେ ଭାରତୀୟ କ୍ୟାପ୍‌ଟେନ୍ ସ୍ମିତ ମଛର ଏବଂ ଓମାନର ଜଣେ ସହ-ପାଇଲଟ୍ ଥିଲେ । ଅଭିଯୋଗ ଅନୁସାରେ, ସହ-ପାଇଲଟ୍ କ୍ୟାପ୍‌ଟେନ୍‌ଙ୍କୁ ଛୁରିରେ ଆକ୍ରମଣ କରିଥିଲେ । ଯାତ୍ରୀମାନେ ଏହା ବିମାନ ଅପହରଣ କିମ୍ବା ତାହାକୁ ଖସାଇଦେବା ପାଇଁ ଉଦ୍ୟମ ବୋଲି ସନ୍ଦେହ କରିଥିଲେ ।

ଆକ୍ରମଣରେ ମଛରଙ୍କ ମୁଣ୍ଡ ଓ ହାତରେ ଗଭୀର କ୍ଷତ (୯ ପୃଷ୍ଠାରେ)

## ପୂର୍ତ୍ତ ବିଭାଗର ୯.୨୪ କୋଟି ହଡ଼ପ, ଆଉ ୩ ଗିରଫ

ଭୁବନେଶ୍ୱର, ୧୦।୧୦ (ସବ୍ୟୁ) : ପୂର୍ତ୍ତ ବିଭାଗ ଡିଭିଜନ୍ ୧ ରେ ୯.୨୪ କୋଟି ଟଙ୍କା ହଡପ ମାମଲାରେ ଭିଜିଲାନ୍ସ ଆଉ ୩ ଜଣଙ୍କୁ ଗିରଫ କରିଛି । ପୂର୍ବରୁ ମହିଳା ସେକ୍ସନ୍ ଅଫିସରଙ୍କ ସମେତ ୬ ଜଣ ଗିରଫ ହୋଇଥିଲେ । ୩୦ ଆକାଉଣ୍ଟରେ ଏହି ହଡପ ଟଙ୍କା କାରବାର ହୋଇଥିବାରୁ ଗିରଫଦାରୀ ସଂଖ୍ୟା ବଢିପାରେ ବୋଲି ସୂଚନା ମିଳିଛି । ଭିଜିଲାନ୍ସ ଏହି ମାମଲାରେ ତଦନ୍ତ ଜାରି ରଖିଛି ।

ଗିରଫ ୩ ଜଣ ହେଲେ ଜିଲ୍ଲା ଟ୍ରେଜେରି ଅଫିସର ସିନିୟର ଆକାଉଣ୍ଟାଣ୍ଟ କୃଷ୍ଣଚନ୍ଦ୍ର ବେହେରା, ପୁରୀ ପୂର୍ତ୍ତ ଡିଭିଜନର ସିନିୟର ଆସିଷ୍ଟାଣ୍ଟ ବିଶ୍ୱନାଥ ଦାସ ଓ ଡିଭିଜନ ୧ର ପିଅନ କୁମୁଦ ସାହୁ ଗିରଫ ୩ ଜଣଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ (୯ ପୃଷ୍ଠାରେ)

## ଛାତ୍ର ସଂସଦ ନିର୍ବାଚନ

# ଆରମ୍ଭରୁ ଦେଖାଦେଲାଣି ଉତ୍ତେଜନା

ଭୁବନେଶ୍ୱର, ୧୦।୧୦ (ସବ୍ୟୁ) : ଛାତ୍ର ସଂସଦ ନିର୍ବାଚନ ଲାଗି ନାମାଙ୍କନ ଦାଖଲ ଶେଷ ହେବାପରେ ବିଭିନ୍ନ କଲେଜରେ ଛାତ୍ର ଅଶାନ୍ତି ବଢ଼ିଥିବା ନେଇ ସୂଚନା ମିଳିଛି । କେତେକ କଲେଜରେ ହିଂସା ହେବାସହ ସଭାପତି ପ୍ରାର୍ଥୀମାନଙ୍କୁ ମାଡ ମରାଯାଇଥିବା ମଧ୍ୟ ଅଭିଯୋଗ ଆସିଛି । ନବରଙ୍ଗପୁର ମଡେଲ ଡିଗ୍ରୀ କଲେଜକୁ ସାଇନ୍ ଏ ଡାଏ ଘୋଷଣା କରାଯାଇଛି ।

ଉମରକୋଟ୍ କଲେଜ ନିର୍ବାଚନ ପୂର୍ବରୁ ଗୋଷ୍ଠୀ ସଂଘର୍ଷ ହୋଇଛି । ଦୁଇ ଅଣଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଯୋଗୁ ଜଣେ ଯୁବକଙ୍କୁ ଛୁରାମାଡ ହୋଇଛି । ଛୁରାମାଡର (୯ ପୃଷ୍ଠାରେ)

ଅନେକ କଲେଜରେ ନିର୍ବାଚନ ବାତିଲ








## ସୋସିଆଲ କୋଟ୍ସ



ସବୁବେଳେ ଅନ୍ୟମାନଙ୍କ କଥା ଶୁଣିଲେ ଆଗକୁ ବଢିହେବ ନାହିଁ। କିଛି ଟା ଏଭଳି ପରିସ୍ଥିତି ଥାଏ ଯେଉଁଠାରେ ନିଜ କଥା ଭାବିବାକୁ ହୁଏ ଏବଂ ଅନ୍ୟମାନଙ୍କ ଇଗନୋର କରିବାକୁ ହୁଏ ।

**କ୍ୟାଟ୍ରିନା କେଫ, ଅଭିନେତ୍ରୀ**



ଭାଷା ପାଇଁ ଅନେକ ପରିଶ୍ରମ କରିଛି । ପ୍ରଥମ ଫିଲ୍ମ ଯେତେବେଳେ ଭଲ ହୋଇନଥିଲା, ସେତେବେଳେ ଖୁବ କଷ୍ଟ ହୋଇଥିଲା ।

**ତମ୍ମନା ଭାଟିଆ, ଅଭିନେତ୍ରୀ**



ଫିଲ୍ମରେ ଫିଟନେସର ଖୁବ ଆବଶ୍ୟକତା ରହିଛି । ଫିଟ ରହିଲେ ପର୍ସନାଲ ଓ ପ୍ରଫେସନାଲ ଲାଇଫ ସବୁଠାରେ ଭଲ ଫଳ ମିଳିବ ।

**ବିଦ୍ୟୁତ ଜମାଲ, ଅଭିନେତା**

## ଇତିହାସ

୧୭୩୭- କଲିକତାରେ ବାତ୍ୟା କାରଣରୁ ପ୍ରାୟ ୩ ଲକ୍ଷ ଲୋକଙ୍କ ମୃତ୍ୟୁ ।

୧୮୫୨- ଅଷ୍ଟ୍ରେଲିଆ ମହାଦ୍ୱୀପର ପ୍ରଥମ ବିଶ୍ୱବିଦ୍ୟାଳୟ ସିଡ୍‌ନୀ ୟୁନିଭର୍ସିଟିର ସ୍ଥାପନା ।

୧୮୬୨- ବୈଜ୍ଞାନିକ ଥୋମାସ ଅଲବା ଏଡିଶନ୍ ଭୋଟ୍ ଗଣନା ପାଇଁ ଇଲେକ୍‌ଟ୍ରିକ୍ ଭଏସ୍ ମେସିନ୍‌ର ପେଟେଣ୍ଟ ହାସଲ କଲେ ।

୧୮୬୯- କାନାଡାରେ ବ୍ରିଟିଶ ସେନା ବିପକ୍ଷରେ ଲାଲ ନଦୀ ବିଦ୍ରୋହ ଆରମ୍ଭ ।



ଜୟପ୍ରକାଶ ନାରାୟଣ

୧୮୮୧- ଡେଭିଡ୍ ହୁଷ୍ଟନ କ୍ୟାମେରା ପାଇଁ ଫିଲ୍ମ ରୋଲ୍‌ର ପେଟେଣ୍ଟ କରାଇଲେ ।

୧୯୦୨- ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ତଥା ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜନ୍ମ ।

୧୯୧୧- ସ୍ୱାମୀ ବିବେକାନନ୍ଦଙ୍କ ସହଯୋଗୀ, ଶିକ୍ଷିକା ତଥା ସମାଜସେବିକା ସିଷ୍ଟର ନିବେଦିତାଙ୍କ ପରଲୋକ ।

୧୯୩୦- ଜୱାହରଲାଲ୍ ନେହରୁଙ୍କୁ ନୈନି ସେଣ୍ଟ୍ରାଲ୍ ଜେଲ୍‌ରୁ ବାହାର କରାଗଲା ।

୧୯୮୭- ଶ୍ରୀଲଙ୍କାରେ ଭାରତୀୟ ଶାନ୍ତି ସେନା ତରଫରୁ ଅପରେସନ୍ ପବନ ଶୁଭାରମ୍ଭ ।

୧୯୪୨- ବଲିଉଡ୍ ଇଣ୍ଡଷ୍ଟ୍ରିର ମହାନାୟକ ଅମିତାଭ ବଚ୍ଚନଙ୍କ ଜନ୍ମ ।

## ଅନ୍ତର୍ଜାତୀୟ ବାଳିକା ଦିବସ

ପ୍ରତିବର୍ଷ ଅକ୍ଟୋବର ୧୧ ତାରିଖକୁ 'ଅନ୍ତର୍ଜାତୀୟ ବାଳିକା ଦିବସ' ଭାବରେ ପାଳନ କରାଯାଏ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବାଳିକାମାନଙ୍କ ଅଧିକାର । ସେମାନଙ୍କ ସମ୍ମୁଖୀନ ହେଉଥିବା ବିଭିନ୍ନ ଚ୍ୟାଲେଞ୍ଜ ଏବଂ ସମାଜରେ ସେମାନଙ୍କର ସଶକ୍ତୀକରଣ ଓ ସମାନତା ଉପରେ ଗୁରୁତ୍ୱାରୋପ କରିବା । ଏହି ଦିବସର ଇତିହାସକୁ ଦେଖିଲେ, ଜାତିସଂଘ ସାଧାରଣ ପରିଷଦ ଦ୍ୱାରା ୨୦୧୧ ମସିହା ଡିସେମ୍ବର ୧୯ ତାରିଖରେ ଏକ ବିଲ ପାସ୍ କରାଯାଇଥିଲା । ଏହାପରେ ପ୍ରଥମ କରି ୨୦୧୨ ଅକ୍ଟୋବର ୧୧ ତାରିଖରେ ଏହି ଦିନଟିକୁ ବିଧିବଦ୍ଧ ଭାବେ ପାଳନ କରାଯାଇଥିଲା । ଯାହାକି ପ୍ରଥମେ କାନାଡ଼ା ଦେଶର 'ଗାର୍ଲ୍ସ ଆଣ୍ଡ ବ୍ରେଷ୍ଟ୍' ନାମକ ଏକ ଏନଜିଓ ଦ୍ୱାରା ବାଳିକାମାନଙ୍କ ସଚେତନତା ପାଇଁ ଏକ ପ୍ରୟାସ ଭାବେ ଆରମ୍ଭ ହୋଇଥିଲା । ଏହି ଦିବସର ମହତ୍ତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ବାଳିକାମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଭଳି ମୌଳିକ ଅଧିକାର ଯୋଗାଇଦେବା ସହ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରି ଆତ୍ମନିର୍ଭରଶୀଳ ଏବଂ ନେତୃତ୍ୱ ନେବା କ୍ଷେତ୍ରରେ ସକ୍ଷମ କରିବା ପାଇଁ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥାଏ ।



## ତିନି ବର୍ଷୀୟ ବାଳକଙ୍କ ପୁସ୍ତକ



୩ ବର୍ଷରେ କିଛି ପିଲା ବହି ପଢିବାକୁ ସମର୍ଥ ହୋଇ ନଥାଆନ୍ତି, ହେଲେ ଜଣେ ବାଳକ ମାତ୍ର ୩ ବର୍ଷରେ ଏକ ପୁସ୍ତକ ଛାପି ଗିନିଜ ରେକର୍ଡରେ ସ୍ଥାନିତ ହୋଇଛନ୍ତି । ଯୁକ୍ତରାଷ୍ଟ୍ର ଆମେରିକାରେ ରହୁଥିବା ଭାରତୀୟ ବଂଶୋଦ୍ଭବ ୩ ବର୍ଷୀୟ ଆଦବ୍ୟ ଜୈନ୍ 'ଡିନୋ ଲର୍ଣ୍ଣସ୍ ନଟ୍ ଟୁ ୱେଷ୍ଟ୍ ଫୁଡ୍' ନାମକ ଏକ ପୁସ୍ତକ ପ୍ରକାଶ କରି ଗିନିଜ୍ ୱାର୍ଡ ରେକର୍ଡ ସୃଷ୍ଟି କରିଛନ୍ତି । ପିଲାମାନଙ୍କୁ ଖାଦ୍ୟ ନଷ୍ଟ ନକରିବା ଏବଂ ପୌଷ୍ଟିକ ଖାଦ୍ୟ ଖାଇବାକୁ ପ୍ରେରଣା ଦେଉଥିବା ଏହି ପୁସ୍ତକ ରଚନା ପାଇଁ ତାଙ୍କୁ ସବୁଠାରୁ କମ ବୟସର ପୁରୁଷ ଲେଖକ ଭାବରେ ସ୍ୱୀକୃତି ମିଳିଛି । ୧୨ ବର୍ଷ ବୟସରେ ଲେଖିକା ଏବଂ ଚିତ୍ରକର ହୋଇଥିବା ତାଙ୍କ ବଡ଼ ଭଉଣୀ ଅଭ୍ୟାଙ୍କଠାରୁ ପ୍ରେରଣା ନେଇ ସେ ଏହା କରିଥିବା ତାଙ୍କ ଅଭିଭାବକ ପ୍ରକାଶ କରିଛନ୍ତି । ବାଳକଙ୍କର ଏହି ଅଭୁତପୂର୍ବ ସଫଳତା ପାଇଁ ସୋସିଆଲ ମିଡିଆରେ ମଧ ତାଙ୍କୁ ଖୁବ ପ୍ରଶଂସା ମିଳିବାରେ ଲାଗିଛି ।

## ଗରବା ପାଇଁ ଭିଟାମିନ ସେବନ

ଅହମ୍ମଦାବାଦରେ ନବରାତ୍ରି ସମୟରେ ବିଭିନ୍ନ ସ୍ଥାନରେ ଗରବା ଖେଳାଯାଇଥାଏ । ଯାହା ଦଶହରାର ଖୁବ ଆକର୍ଷଣୀୟ କାର୍ଯ୍ୟକ୍ରମ ହୋଇଥାଏ । ତେବେ ସେଠାକାର କିଛି ବାସିନ୍ଦା କିଭଳି ନଥକି ଅଧିକ ସମୟ ଗରବା ଖେଳିପାରିବେ ସେଥିପାଇଁ ଏକ ଭିନ୍ନ ପନ୍ଥା ଆପଣାଇଛନ୍ତି । ଏଥିପାଇଁ ସେମାନେ ୧୦,୦୦୦ ରୁ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରି ଭିଟାମିନ୍ ଡ୍ରିପ୍ସ ବା ଇଞ୍ଜେକ୍ସନ ନେଉଛନ୍ତି । ଏହି ଡ୍ରିପ୍ସଗୁଡ଼ିକରେ ଭିଟାମିନ୍ ସି, ବି-କମ୍ପ୍ଲେକ୍ସ, ଜିଙ୍କ୍ ଏବଂ ଗ୍ଲୁଟାଥିଅନ୍ ଭଳି ଉପାଦାନ ରହିଛି । ଯାହାକି କେବଳ ଜେନ ଜି ନୁହେଁ ବରଂ ୩୦ରୁ ୪୦ ବର୍ଷ ବୟସ୍କ ବ୍ୟକ୍ତିମାନେ ମଧ ନେଉଥିବା ଜଣାପଡିଛି । ତେବେ ବିଶେଷଜ୍ଞମାନେ ଏହାକୁ ଅସୁରକ୍ଷିତ କହି ଚେତାବନୀ ଦେଇଥିବା ଜଣାପଡିଛି । ସେମାନଙ୍କ ମତରେ ଏହା ଏକ ଚିକିତ୍ସା ପଦ୍ଧତି ଏବଂ ଡାକ୍ତରୀ ପରାମର୍ଶ ବିନା ଏହାକୁ ବ୍ୟବହାର କରିବା ଦ୍ୱାରା ଆଲର୍ଜି, ଶରୀରରେ ତରଳ ପଦାର୍ଥ ଅଧିକ ହେବା ଭଳି ବିଭିନ୍ନ ଜଟିଳ ସମସ୍ୟା ଦେଖାଦେଇପାରେ ।



## ମହାକାଶରେ ମଦ ପରୀକ୍ଷଣ



ମହାକାଶରେ ମଦ ପରୀକ୍ଷଣସ୍କଟଲାଣ୍ଡ ଏବଂ ଜାପାନର ଇଞ୍ଜିନିୟରମାନେ ମହାକାଶ ହ୍ୱିସ୍କି ବା ଏକ ପ୍ରକାର ମଦର ସ୍ୱାଦକୁ କିପରି ପ୍ରଭାବିତ କରୁଛି ତାହା ପରୀକ୍ଷଣ କରିବାକୁ ପ୍ରସ୍ତୁତି ଚଳାଇଥିବା ଜଣାପଡିଛି । 'ସ୍ପେସ୍ ପଫିନ୍' ନାମକ ଏକ ଗବେଷଣା ପ୍ରକଳ୍ପର ଅଂଶବିଶେଷ ଭାବରେ ୨୦୨୮ ମସିହାରେ ଏକ କ୍ଷୁଦ୍ର ଉପଗ୍ରହ ମହାକାଶକୁ ପଠାଇବା ପାଇଁ ଯୋଜନା କରାଯାଇଛି । ଯେଉଁଥିରେ ପାରମ୍ପରିକ ବଡ଼ କାଠ ବ୍ୟାରେଲ ବଦଳରେ ଓକ୍ କାଠର ଖଣ୍ଡ ଏବଂ କଞ୍ଚାମାଲ ସହିତ ହ୍ୱିସ୍କିର ନମୁନା ଛୋଟ ପାତ୍ରରେ ରଖି ପଠାଯିବ । ଗ୍ଲାସ୍ଗୋ ବିଶ୍ୱବିଦ୍ୟାଳୟର ଡାକ୍ତର ଜାଇଲ୍ସ ବାଲେଟ୍ କହିଛନ୍ତି ଯେ ମହାକାଶରେ କାଠ ସଂସ୍ପର୍ଶରେ ଆସିବା ଦ୍ୱାରା ଏଥିରେ କୌଣସି ପରିବର୍ତ୍ତନ ଆସିପାରେ । ଏହାକୁ ଜାଣିବା ପାଇଁ ବୈଜ୍ଞାନିକମାନେ ଏହି ପରୀକ୍ଷା କରିଥିବା ମତ ଦେଇଛନ୍ତି ।

## କଖାରୁର ଓଜନ ୧,୨୯୫ କିଲୋ

ବ୍ରିଟେନର ୬୫ ବର୍ଷୀୟ କୃଷକ ଇଆନ୍ ପାଟନ୍ ବିଶ୍ୱର ସବୁଠାରୁ ଓଜନିଆ କଖାରୁ ଫଳାଇ ଏକ ନୂଆ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି । 'ବାଘିରା' ନାମରେ ନାମିତ ଏହି ବିଶାଳ କଖାରୁର ଓଜନ ୧,୨୯୫ କିଲୋଗ୍ରାମ ରହିଛି, ଯାହାକୁ ଗିନିଜ୍ ୱାର୍ଲ୍ଡ ରେକର୍ଡସରେ ସାମିଲ କରାଯାଇଛି । ଏହାକୁ ବଢ଼ାଇବା ପାଇଁ ଇଆନ୍ ଦୁଇ ମାସ ଧରି ପ୍ରତିଦିନ ୫ ରୁ ୬ ଘଣ୍ଟା ପରିଶ୍ରମ କରିବା ସହ ଦୈନିକ ଗଛରେ ପ୍ରାୟ ୪୯୨ ଲିଟର ପାଣି ଦେଉଥିଲେ । ଏହି ବିଶାଳ କଖାରୁକୁ କିଛି ସପ୍ତାହ ପାଇଁ ସାଉଥାମ୍ପଟନ୍ ନିକଟସ୍ଥ ଏକ ଫାର୍ମରେ ରଖାଯିବା ପରେ ଗାଈମାନଙ୍କୁ ଦାନା ଭାବେ ଖାଇବାକୁ ଦିଆଯିବ । ଇଆନ୍ ଓ ତାଙ୍କ ଜାଆଁଳା ଭାଇ ଷ୍ଟୁଆର୍ଟ ଦୀର୍ଘ ବର୍ଷ ଧରି କଖାରୁ ଚାଷ କରୁଛନ୍ତି । ୨୦୨୫ରେ ୧,୨୭୮ କିଲୋଗ୍ରାମର 'ମଗଲ୍' ନାମକ କଖାରୁ ଫଳାଇ ସେ ରେକର୍ଡ କରିଥିଲେ । ହେଲେ ଏଥର ଇଆନ୍ ନିଜର ପୁରୁଣା ରେକର୍ଡ ଭାଙ୍ଗି ବିଶ୍ୱର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସବୁଠାରୁ ଓଜନିଆ ବୋଇତାଳୁ ଫଳାଇବାର ରେକର୍ଡ ନିଜ ନାମରେ କାଏମ କରିଛନ୍ତି ।




## ସଲମାନଙ୍କ ୟୁଟ୍ୟୁବ ଚ୍ୟାନେଲ

ବଲିଉଡ ଅଭିନେତା ସଲମାନ ଖାନ ଗତ ଶୁକ୍ରବାର ଦିନ ନିଜର ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲ୍ ଲଞ୍ଚ କରିଛନ୍ତି । ଅନ୍ୟ ଷ୍ଟାରଙ୍କ ଭଳି ସେ ମଧ ୟୁଟ୍ୟୁବରେ ଏଣ୍ଟ୍ରି ମାରିଛନ୍ତି । ପ୍ରଶଂସକଙ୍କୁ ବ୍ୟକ୍ତିଗତ, ବୃତ୍ତିଗତ ତଥା ପରଦା ପଛର ରୋଚକ ଭିଡିଓ ସେ ଏହି ଚ୍ୟାନେଲରେ ଦେଖାଇବେ ବୋଲି ମତ ରଖିଛନ୍ତି । ଚ୍ୟାନେଲ୍ ଲଞ୍ଚ ଅବସରରେ ଏକ ମଜାଦାର ଟିଜର ସେୟାର କରି ସେ ଇଂରାଜୀ ବର୍ଣ୍ଣମାଳା ପଢୁଥିବାର ନଜର ଆସିଛନ୍ତି । ବର୍ତ୍ତମାନ ଏହି ଚ୍ୟାନେଲରେ କିଛି ସର୍ଟ୍ସ ଭିଡିଓ ଉପଲବ୍ଧ ଥିବାବେଳେ ଆଗକୁ ସେ ଲଙ୍ଗ ଭିଡିଓ ମାଧ୍ୟମରେ ପ୍ରଶଂସକଙ୍କୁ ତାଙ୍କ ଦୈନନ୍ଦିନ ଜୀବନ ସମ୍ପର୍କରେ ଜଣାଇବେ ବୋଲି ପ୍ରକାଶ କରିଛନ୍ତି । ବର୍ତ୍ତମାନ ସଲମାନ ରିଆଲିଟି ଶୋ' 'ବିଗ୍ ବସ୍ ୨୦' ହୋଷ୍ଟ କରୁଥିବାବେଳେ ଆଗାମୀ ଦିନରେ ଅପୂର୍ବ ଲଖିଆଙ୍କ ନିର୍ଦ୍ଦେଶିତ ଫିଲ୍ମ 'ମାତୃଭୂମି' ଏବଂ ବଂଶୀ ପାଇଡିପଲ୍ଲୀଙ୍କ ସହ ଆଗାମୀ ସିନେମା 'ମନଷ୍ଟର୍'ରେ ନଜର ଆସିବେ । ତେବେ ସଲମାନଙ୍କ ବ୍ୟତୀତ ଫରାହ ଖାନ, ଅକ୍ଷୟ କୁମାର, ସୋନାକ୍ଷୀ ସିହ୍ନା, ଆଲିଆ ଭଟ୍ଟ, କ୍ରୀତି ସାନନ୍ ଏବଂ ପରିଣୀତି ଚୋପ୍ରାଙ୍କ ଭଳି ଅନ୍ୟାନ୍ୟ ବଲିଉଡ୍ ତାରକାମାନଙ୍କର ମଧ ସେମାନଙ୍କର ନିଜସ୍ୱ ୟୁଟ୍ୟୁବ୍ ଚ୍ୟାନେଲ୍ ରହିଛି । ଯାହା ମାଧ୍ୟମରେ ସେମାନେ ସେମାନଙ୍କର ଫିଟନେସ୍, ରୋଷେଇ, ବ୍ୟକ୍ତିଗତ ଜୀବନ ଏବଂ ଫିଲ୍ମ ସୁଟିଂ ସମ୍ପର୍କିତ ଭିଡିଓଗୁଡ଼ିକୁ ସେୟାର କରି ପ୍ରଶଂସକଙ୍କ ସହ ସିଧାସଳଖ ଯୋଡି ହୋଇଥାଆନ୍ତି ।





**ମେଷ:** ସମ୍ମାନ ବୃଦ୍ଧି, ଅର୍ଥ ଲାଭ, ଶୁଭ ଖବର, ଉତ୍ସବରେ ଯୋଗଦାନ, ନୂତନ କର୍ମନିଯୁକ୍ତି, ସ୍ୱାସ୍ଥ୍ୟ ଲାଭ, ଦାମ୍ପତ୍ୟ ଖୁସି, ପାରିବାରିକ ସହଯୋଗ, ଦୂର ଯାତ୍ରା ସଫଳ। ଭରଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୧୦, ଆରାଧନା- ମା' ଭଗବତୀ ।

**ବୃଷ:** ବ୍ୟବସାୟରେ ସ୍ୱଳ୍ପ ଲାଭ, ଅଧିକ ଖର୍ଚ୍ଚ, ଦୂର ଯାତ୍ରା, ଶୁଭ ଖବର, ଗୃହେ ଶୁଭ ଆଲୋଚନା, ବନ୍ଧୁଗୃହେ ଯାତ୍ରା, ଉତ୍ସବ ପ୍ରତି ଆସକ୍ତି, ଶରୀର ସୁସ୍ଥ, ଦାମ୍ପତ୍ୟ ଖୁସି। ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା- ପ୍ରଭୁ ହନୁମାନ ।

**ମିଥୁନ:** ଶତ୍ରୁ ସମସ୍ୟା, ପାରିବାରିକ ସହଯୋଗ, ଦେବ ଦର୍ଶନ, ବନ୍ଧୁ ଲାଭ, ଶାରୀରିକ ସୁସ୍ଥ, ଶୁଭ ଖବର, କିଛି କାର୍ଯ୍ୟରେ ଅପମାନ, ସମ୍ପତ୍ତି ଲାଭ, ବନ୍ଧୁ ସାହାଯ୍ୟ, ସନ୍ତାନ ଖୁସି, ଯାତ୍ରା ସଫଳ। ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା- ପ୍ରଭୁ ଜଗନ୍ନାଥ।

**କର୍କଟ:** କର୍ମକ୍ଷେତ୍ରରେ ସଫଳ, ସମ୍ମାନ ବୃଦ୍ଧି, ଶୁଭ ଆଲୋଚନା, ଦୂରଯାତ୍ରାରେ ସତର୍କ, ଲୋକସମ୍ପର୍କ ବୃଦ୍ଧି, ବିବାଦ ସମାଧାନ, ବନ୍ଧୁଗୃହେ ଯାତ୍ରା, ସନ୍ତାନ ଖୁସି। ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୫, ଆରାଧନା- ପ୍ରଭୁ ଲୋକନାଥ।

**ସିଂହ:** ହେବା କାର୍ଯ୍ୟରେ ବିଳମ୍ବ, ବନ୍ଧୁ ବିରୋଧ, ଅଯଥା ଚିନ୍ତା, ଅର୍ଥ ସମସ୍ୟା, ପାରିବାରିକ ସହାୟତା, ବ୍ୟବସାୟିକ ଖୁସି, ଦାମ୍ପତ୍ୟ ସୁଖ, ଦେବ ଦର୍ଶନ, ଉତ୍ସବକୁ ନେଇ ଖୁସି, ସ୍ୱାସ୍ଥ୍ୟ ଲାଭ। ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶୀ, ସଂଖ୍ୟା-୭, ଆରାଧନା-ମହାଲକ୍ଷ୍ମୀ ।

**କନ୍ୟା:** ଶାରୀରିକ କଷ୍ଟ, ଅଯଥା ଖର୍ଚ୍ଚାନ୍ତ, ପରିଭ୍ରମଣ ଯୋଗ, ବ୍ୟକ୍ତି ସାହାଯ୍ୟ, ବନ୍ଧୁ ଲାଭ, ଦାମ୍ପତ୍ୟ ଖୁସି, ସ୍ୱାଦିଷ୍ଟ ଭୋଜନ, ଶତ୍ରୁ କଷ୍ଟ, ବାଣିଜ୍ୟ ଲାଭ, ପାରିବାରିକ ସାହାଯ୍ୟ। ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୪, ଆରାଧନା- ମା' ବଗଳାମୁଖୀ।

**ତୁଳା:** ମାନସିକ ଶାନ୍ତି, ଶରୀର ପୀଡ଼ା, ଲୋକସମ୍ପର୍କ ବୃଦ୍ଧି, ଆଶା ସଫଳ, ଦେବଦର୍ଶନ, ସୁମିଷ୍ଟ ଭୋଜନ, ଅର୍ଥ ଲାଭ, ଦ୍ରବ୍ୟ ପ୍ରାପ୍ତି, ଦାମ୍ପତ୍ୟ କଳହ। ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୮, ଆରାଧନା-ଶଙ୍କର ଭଗବାନ।

**ବିଛା:** କିଛି କାର୍ଯ୍ୟରେ ଅସନ୍ତୋଷ, ବ୍ୟବସାୟିକ ଖୁସି, ବନ୍ଧୁ ସାହାଯ୍ୟ, ଶାରୀରିକ ସୁସ୍ଥ, ସମ୍ପତ୍ତି ଲାଭ, ଅଯଥା କଳହ, ଶୁଭ ଆଲୋଚନା, ଦ୍ରବ୍ୟ ଲାଭ, ମାମଲା ସମାଧାନ, ଭ୍ରମଣ ଯୋଗ। ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଖଇରୀ, ସଂଖ୍ୟା-୭, ଆରାଧନା- ଭଗବାନ ବିଷ୍ଣୁ।

**ଧନୁ:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତା, କର୍ମକ୍ଷେତ୍ରରେ ଶାନ୍ତି, ଶୁଭ ଖବର, ଦୂରଯାତ୍ରାରେ ବାଧା, ଲୋକସମ୍ପର୍କ ବୃଦ୍ଧି, ଶତ୍ରୁ ସମସ୍ୟା, ଦାମ୍ପତ୍ୟ କଳହ, ପାରିବାରିକ ସମସ୍ୟା। ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୬, ଆରାଧନା- ଗାଈଙ୍କୁ ଖାଇବାକୁ ଦିଅନ୍ତୁ।

**ମକର:** କଥାବାର୍ତ୍ତାରେ ସଞ୍ଜମତା ରଖନ୍ତୁ, ବ୍ୟବସାୟରେ ଲାଭ, ଦୂର ଯାତ୍ରା, ଅଯଥା ଖର୍ଚ୍ଚାନ୍ତ, ସନ୍ତାନ ଖୁସି, ଶତ୍ରୁ କଷ୍ଟ, ବନ୍ଧୁ ଲାଭ, ବିବାଦଗ୍ରସ୍ତ, ନୂତନ କର୍ମନିଯୁକ୍ତି, ଗୃହେ ଉତ୍ସବ, ସୁମିଷ୍ଟ ଭୋଜନ ପ୍ରାପ୍ତି। ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୮, ଆରାଧନା- ମା' ମଙ୍ଗଳା।

**କୁମ୍ଭ:** କର୍ମକ୍ଷେତ୍ରରେ ପ୍ରଶଂସା, ଶୁଭ ଖବର, ବନ୍ଧୁଲାଭ, ଅର୍ଥ ପ୍ରାପ୍ତି, କର୍ମନିଯୁକ୍ତି, ଦାମ୍ପତ୍ୟ ଖୁସି, ଯାତ୍ରା ସଫଳ, ବାଣିଜ୍ୟ ଲାଭ, ଦୂର ଯାତ୍ରା ସଫଳ, ଶତ୍ରୁ ସମସ୍ୟା ସମାଧାନ, ସନ୍ତାନ ଲାଭ। ପୂର୍ବଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୯, ଆରାଧନା- ପ୍ରଭୁ ରାଧାବଲ୍ଲଭ।

**ମୀନ:** କିଛି କାର୍ଯ୍ୟରେ ବିରୋଧ, ସମ୍ପର୍କ ହାନି, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ଗୃହେ ଯାତ୍ରା, ସ୍ୱାସ୍ଥ୍ୟ ଲାଭ, ବ୍ୟକ୍ତି ସାହାଯ୍ୟ, ନୂତନ କର୍ମାରମ୍ଭ, ପାରିବାରିକ ଶାନ୍ତି, ଗାଡ଼ିଚାଳନରେ ସାବଧାନ। ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୫, ଆରାଧନା- ମା' ଗୌରୀ।

**ଆଶ୍ୱିନ ଶୁକ୍ଳ ପକ୍ଷ ପ୍ରତିପଦା**
**୧୧.୧୦.୨୦୨୬, ରବିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ଓଡ଼ିଶା ସୂଚନା ସେବା ସଂଘର ବାର୍ଷିକ ଉତ୍ସବ

# କ୍ୟାଡରର ସୁଦୃଢ଼ୀକରଣ ଓ ବୃତ୍ତିଗତ ଉତ୍କର୍ଷତା ଉପରେ ଗୁରୁତ୍ୱ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ସୂଚନା ସେବା ସଂଘ ପକ୍ଷରୁ ଏହାର ବାର୍ଷିକ ଉତ୍ସବ-୨୦୨୬ ଭାରତୀୟ ବିଦ୍ୟା ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟର ବିଭିନ୍ନ ଉପଖଣ୍ଡ, ଜିଲ୍ଲା, ରାଜସ୍ୱ ଆୟୁକ୍ତ କାର୍ଯ୍ୟାଳୟ ସମେତ ରାଜ୍ୟ ମୁଖ୍ୟାଳୟ, ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ କାର୍ଯ୍ୟରତ ଓଡ଼ିଶା ସୂଚନା ସେବା ବର୍ଗର ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଅବସରରେ "ଡିଜିଟାଲ ଯୁଗରେ ଜନସମ୍ପର୍କ: ଲୋକସମ୍ପର୍କ ଅଧିକାରୀମାନଙ୍କ ପାଇଁ ବଦଳୁଥିବା ଦାୟିତ୍ୱ, ଆହ୍ୱାନ ଓ ସମ୍ଭାବନା" ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳ ମୁଖ୍ୟ ଅତିଥି, ବିଭାଗର ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେଉରିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭାରତୀୟ



ଜନସଂଚାର ସଂସ୍ଥାନ , ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଉତ୍ସବ ତଥା ଆଲୋଚନାଚକ୍ରରେ ନିଜ ନିଜର ମତ ରଖିଥିଲେ । ନିଜ ଅଭିଭାଷଣରେ ବିଭାଗର ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ଓଆଇଏସ୍ ଅଧିକାରୀମାନଙ୍କର ବୃତ୍ତିଗତ ବିକାଶ ଓ ସାମୂହିକ ଉନ୍ନତି କ୍ଷେତ୍ରରେ ଓଡ଼ିଶା ସୂଚନା ସେବା ସଂଘର ଭୂମିକାକୁ ପ୍ରଶଂସା କରିଥିଲେ । ସୂଚନା ସେବା କ୍ଷେତ୍ରରେ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ସେବାର ସଫଳ ପ୍ରଚାର ପ୍ରସାରକୁ ଅଧିକ ପ୍ରଭାବଶାଳୀ କରିବା, ଡିଜିଟାଲ ମିଡିଆର ବହୁଳ ବ୍ୟବହାରକୁ ଦୃଷ୍ଟିରେ ରଖି ସୂଚନା ସେବା କ୍ୟାଡରର ସୁଦୃଢ଼ୀକରଣ ନିମନ୍ତେ ବିଭାଗ ପକ୍ଷରୁ ଆବଶ୍ୟକ ସହଯୋଗ ପରିପ୍ରେକ୍ଷୀରେ ସେ ଆଲୋଚନା କରିଥିଲେ ।

ମୁଖ୍ୟ ବକ୍ତା ପ୍ରଫେସର ଆନନ୍ଦ ପ୍ରଧାନ ଡିଜିଟାଲ ଗଣମାଧ୍ୟମର କ୍ରମ ବର୍ଦ୍ଧିଷ୍ଣୁ ଗୁରୁତ୍ୱ, ସମୟୋପଯୋଗୀ ଓ ବିଶ୍ୱସନୀୟ ସୂଚନା ପ୍ରସାର, ଗଣମାଧ୍ୟମ ସହ ପ୍ରଭାବଶାଳୀ ସମନ୍ୱୟ ଏବଂ ଜନକୈନ୍ଦ୍ରିକ ଯୋଗାଯୋଗ ଉପରେ ଗୁରୁତ୍ୱ ଦେଇଥିଲେ । ଏଥିରେ ଓଡ଼ିଶା ସୂଚନା ସେବା ସଂଘର ସଭାପତି ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ, ସାଧାରଣ ସମ୍ପାଦକ ପଠାଣି ରାଉତ, ସଂଘର ବରିଷ୍ଠ ଉପଦେଷ୍ଟା ସନ୍ତୋଷ କୁମାର ଦାସ, ସଂଘର ଉପ ସଭାପତି ବିଭୂତି ଭୂଷଣ ନାୟକ, ଯୁଗ୍ମ ସମ୍ପାଦକ ଦୀପକ କୁମାର ସାହୁଙ୍କ ସମେତ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟିର ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ । ଉତ୍ସବରେ ବିଭାଗର ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଥିବା ଅବସରପ୍ରାପ୍ତ ଓଡ଼ିଶା ସୂଚନା ସେବା ଅଧିକାରୀମାନଙ୍କୁ ସେମାନଙ୍କର ମୂଲ୍ୟବାନ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଉତ୍ସବ ପରେ ଅନୁଷ୍ଠିତ ସଂଘର ସାଧାରଣ ପରିଷଦ ବୈଠକରେ କ୍ୟାଡରର ସୁଦୃଢ଼ୀକରଣ, ଅଧିକାରୀମାନଙ୍କର ବୃତ୍ତିଗତ ବିକାଶ, ପଦୋନ୍ନତି, ଦକ୍ଷତା ବିକାଶ ଏବଂ ଅଧିକାରୀମାନଙ୍କ ପାଇଁ ନିୟମିତ ପ୍ରଶିକ୍ଷଣ ଆଦି ପ୍ରସଙ୍ଗରେ ବିଭାଗ ସହ ନିରନ୍ତର ଆଲୋଚନା ଓ ଅନୁସରଣ କରିବାକୁ ଆଲୋଚନା କରାଯାଇଥିଲା । ଏହା ପୂର୍ବରୁ, ଗତକାଲି ଅକ୍ଟୋବର ୯ ତାରିଖରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଓଡ଼ିଶା ସୂଚନା ଅଧିକାରୀମାନଙ୍କ ନିମନ୍ତେ ଆୟୋଜିତ "ସାମାଜିକ ଗଣମାଧ୍ୟମରେ ଉଦୀୟମାନ ଧାରା" ଶୀର୍ଷକ ଦିଗଦର୍ଶନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଓଆଇଏସଏର ସ୍ମରଣିକା "ଲୋକ ସମ୍ପର୍କ" ଉନ୍ମୋଚନ କରିଥିବାରୁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

## ବେଆଇନ ମୋରମ ଖଣିରେ ଚଢ଼ଉ : ୮ ଗିରଫ

# ୭ ଜେସିବି ଓ ୫ ହାଇୱା ଜବତ

ଖୋର୍ଦ୍ଧା, (ସବ୍ୟୁ): ବେଆଇନ ମୋରମ ଖନନ ଓ ପରିବହନ ବିରୋଧରେ ପୁଲିସ ପକ୍ଷରୁ ବଡ଼ଧରଣର ଚଢ଼ାଉ କରାଯାଇଛି । ଗତକାଲି ରାତିରେ ଶିଳ୍ପାଂଚଳ ପୁଲିସ କୁମାରବସ୍ତ, ଅରାଙ୍ଗ-ମଧୁପୁର ଅଂଚଳରେ ଚଢଉ କରି ୭ଟି ଜେସିବି ଓ ୫ଟି ହାଇୱା ଜବତ କରିଛି । କୁମ୍ଭାରବସ୍ତ ଗ୍ରାମ ନିକଟସ୍ଥ ୱାଣ୍ଡରେଲା ୱାଟର ପାର୍କ ପଛପାର୍ଶ୍ୱରେ ବେଆଇନ ଭାବେ ଚାଲିଥିବା ମୋରମ ଖଣି ଉପରେ ପୁଲିସ ଚଢ଼ାଉ କରିଥିଲା । ଏଠାରେ ପିତାପଲ୍ଲୀ ଗ୍ରାମର ମିଟୁ ଓରଫ ରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ଜେସିବି ମେସିନ୍ ରେ ମୋରମ ଖନନ ଏବଂ ହାଇୱା ଯୋଗେ ପରିବହନ କରାଯାଉଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଘଟଣାସ୍ଥଳରୁ ପୁଲିସ ୬ଟି ଜେସିବି ଓ ୩ଟି ହାଇୱା ଜବତ କରିଛି । ଏଥିସହିତ ଅରଙ୍ଗ-ମଧୁପୁର ଗ୍ରାମ ନିକଟସ୍ଥ ଜଙ୍ଗଲ ଅଂଚଳରେ ଚାଲିଥିବା ବେଆଇନ ମୋରମ ଖଣି ଉପରେ ମଧ ପୁଲିସ ଚଢ଼ାଉ କରିଥିଲା । ଏଠାରେ ଅରଙ୍ଗ ଗ୍ରାମର ଲାଲୁ ପ୍ରସାଦ ଯାଦବ ମୋରମ ଖନନ ଓ ପରିବହନ କରୁଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଏଠାରୁ ଗୋଟିଏ ଜେସିବି ଓ



ଦୁଇଟି ହାଇୱା ପୁଲିସ ଜବତ କରିଛି । ଏନେଇ ଶିଳ୍ପାଂଚଳ ପୁଲିସ ୩୩୦ ଓ ୩୩୧/୨୬ରେ ଦୁଇଟି ମାମଲା ରୁଜୁ କରି ଗିରଫ ୮ ଜଣଙ୍କୁ ଆଜି କୋର୍ଟ ଚାଲାଣ କରିଛି । ଗିରଫମାନେ ହେଲେ ଖୋର୍ଦ୍ଧା ସଦରଥାନା ଅନ୍ତର୍ଗତ ଅଣ୍ଟାବାଜପୁର ର ରୋହିତ ଜୟସିଂ (୩୨) ଓ ଜଗନ୍ନାଥପୁର ର ମୀନକେତନ ମହାପାତ୍ର (୩୪), ଜଙ୍କିଆ ଥାନା କୁରୁମପଡା ର ବିଗଲ ରାଉତରାୟ (୨୫), ନୟାଗଡ ଜିଲ୍ଲା ଖଣ୍ଡପଡା ଥାନା ଖଳିସାହି ର ଓମ ପ୍ରକାଶ ନାୟକ (୨୦) ଓ ରଣପୁର ଥାନା ଅଂଚଳର ପ୍ରମୋଦ କୁମାର ଗନ୍ତାୟତ, କେଉଁଝର ସଦରଥାନା ଅଂଚଳର ତପନ ମହନ୍ତ (୨୪), ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଅନ୍ତର୍ଗତ ଘରଡିଆ ର ମାନସ କୁମାର ସାମନ୍ତରାୟ (୪୧) ଏବଂ ଚନ୍ଦକା ଥାନା ଅନ୍ତର୍ଗତ ଛତାବର ର ସୁଧାଂଶୁ ଭୋଇ (୨୬) ବୋଲି ପୁଲିସ ସୂଚନା ଦେଇଛି ।

# ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କ ଉପରେ ଦମନଲୀଳାକୁ ପିସିସି ସଭାପତିଙ୍କ ତୀବ୍ର ନିନ୍ଦା

ଭୁବନେଶ୍ୱର,(ସବ୍ୟୁ): ଦେଶରେ ଗତ କିଛି ମାସର ରାଜନୈତିକ ଦୃଶ୍ୟାପଟ୍ଟ ଦେଖିଲେ ସ୍ପଷ୍ଟ ଜାଣିହେଉଛି ଯେ ସରକାର ଗଣତାନ୍ତ୍ରିକ ବିଧିବ୍ୟବସ୍ଥାକୁ ହତ୍ୟା କରିବା ପାଇଁ ହୀନ ଚକ୍ରାନ୍ତ ଚଳାଇଛନ୍ତି । "ଜେନ-ଜି' ଜବାବ ଦେଉଥିବା ବେଳେ ସେମାନଙ୍କ ଉପରେ ଦମନଲୀଳା ଅତ୍ୟନ୍ତ ଘୃଣ୍ୟ ଓ ନିନ୍ଦନୀୟ । କଂଗ୍ରେସ ଦଳର ନେତା ରାହୁଲ ଗାନ୍ଧିଙ୍କ ସମେତ ବରିଷ୍ଠ କଂଗ୍ରେସ ନେତାମାନଙ୍କୁ ଯେପରି ବଳପ୍ରୟୋଗ କରି ଶାନ୍ତିପୂର୍ଣ୍ଣ ଧାରଣାସ୍ଥଳରୁ ଉଠାଇନେବାକୁ ସରକାର ଇସାରା କରୁଛନ୍ତି, ତାହା କସ୍ମିନ କାଳେ ଗ୍ରହଣୀୟ ନୁହେଁ । ଜନସାଧାରଣ ଏହାର ଜବାବ ଦେବା ନିଶ୍ଚିତ ବୋଲି ଓଡ଼ିଶା ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି । ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଶ୍ରୀ ଦାସ କହିଛନ୍ତି, ଲୋକପ୍ରିୟତା ହରାଇବା ସତ୍ତ୍ୱେ "ଭୋଟ-ଚୋରି'କୁ ଅସ୍ତ୍ର କରି ମୋଦୀ ନିର୍ବାଚନ ଜିତୁଛନ୍ତି ବୋଲି ଶ୍ରୀ ଗାନ୍ଧି ତିନିବର୍ଷ ହେଲା କହିଆସୁଛନ୍ତି । ନିକଟରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ସମସ୍ତ କୁକର୍ମ ପ୍ରଘଟ ହେବା ପରେ ଏହା ପ୍ରମାଣିତ ହୋଇଛି । ସଂସଦୀୟ ଗଣତନ୍ତ୍ରରେ ଲୋକସଭାର ବିରୋଧୀ ଦଳ ନେତାଙ୍କୁ "ଛାୟା ପ୍ରଧାନମନ୍ତ୍ରୀ' ଭାବେ ଗଣାଯାଏ । ତାଙ୍କ ବିରୋଧରେ ପୁଲିସ ଲଗାଇ ଆତଙ୍କରାଜ ସୃଷ୍ଟିର ଉଦ୍ୟମକୁ ଆଦୌ ବରଦାସ୍ତ କରାଯିବ ନାହିଁ । ୧୦ ଅକେଫାବର ଯନ୍ତରମନ୍ତରରେ ଧାରଣା ଦେବାପାଇଁ ଜେନ-ଜି ଗୋଷ୍ଠୀ ବହୁ ପୂର୍ବରୁ ଘୋଷଣା କରିଥିଲେ । ସରକାର ଏହି ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଯେଉଁଳି ହୀନ ପଦକ୍ଷେପମାନ ନେଲେ ତାହା ଅତ୍ୟନ୍ତ ନିନ୍ଦନୀୟ । ରାହୁଲ ଗାନ୍ଧି ଓ ଜେନ-ଜି ଉପରେ ପୁଲିସର ଅତ୍ୟାଚାରରୁ ସ୍ପଷ୍ଟ ଜଣାପଡୁଛି ଯେ ସରକାର ଡରିଯାଇଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ କହିସାରିଲେଣି, ଛୋଟ କଥାଟି ପାଇଁ ହାତୁଡ଼ି ବ୍ୟବହାର ଜରୁରି ନହେଁ । ଜେନ-ଜି ରାଲିକୁ ଭଣ୍ଡୁର କରିବା ପାଇଁ ଟ୍ରେନ-ମେଟ୍ରୋ ଆଦି ବାତିଲ କରିବା ଅତ୍ୟନ୍ତ ହାସ୍ୟାସ୍ପଦ । କ୍ଷମତା ଗର୍ବରେ ଅନ୍ଧ ହୋଇଯାଇଥିବା ସରକାର ଯେତେ ଶିଘ୍ର ପ୍ରକୃତିସ୍ଥ ହେବେ ଦେଶ ପାଇଁ ସେତେ ଭଲ ବୋଲି ଶ୍ରୀ ଦାସ କହିଛନ୍ତି ।

# କଟକ ବାଲିଯାତ୍ରା ନିମନ୍ତେ ପ୍ଲଟ ଆବଣ୍ଟନ ପ୍ରକ୍ରିୟା ଆରମ୍ଭ

କଟକ, (ସବ୍ୟୁ):ଚଳିତ ବର୍ଷ ନଭେମ୍ବର ୨୪ତାରିଖରୁ ଡିସେମ୍ବର ୧ତାରିଖ ପର୍ଯ୍ୟନ୍ତ ଐତହାସିକ କଟକ ବାଲିଯାତ୍ରା ଅନୁଷ୍ଠିତ ହେବ । ଏହି ପରୀପ୍ରେକ୍ଷୀରେ ଇଚ୍ଛୁକ ପୃଷ୍ଠପୋଷକ, ଉଦ୍ୟୋଗ, ବ୍ୟବସାୟିକ ଅନୁଷ୍ଠାନ,ସଂଘ, ବ୍ୟବସାୟୀ ଏବଂ ଉପଭୋକ୍ତା ମାନେ ସ୍ଥାନ(ପ୍ଲଟ) ଆବଣ୍ଟନ ସମ୍ପର୍କିତ ସବିଶେଷ ବିବରଣୀ ଜିଲ୍ଲା ୱେବ୍‌ସାଇଟ୍(https://katak.odisha.gov.in) କୁ ଯାଇ ପ୍ରାପ୍ତ କରିପାରିବେ ବୋଲି ଅତିରିକ୍ତ ଜିଲ୍ଲାପାଳ ତଥା ପ୍ଲଟ ଯୋଜନା ଆବଣ୍ଟନ କମିଟି,ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ, କମଳଜିତ୍ ଦାସ ସୂଚନା ଦେବା ସହ ଶନିବାର ଠାରୁ ସ୍ଥାନୀୟ ବାରବାଟୀ ପ୍ୟାଲେସ ଠାରେ ତାଙ୍କ ଉପସ୍ଥିତିରେ ପ୍ରତ୍ୟକ୍ଷ ଭାବେ ପ୍ଲଟ ଆବଣ୍ଟନ ନିମନ୍ତେ ସମସ୍ତ ପ୍ରକ୍ରିୟା ଆରମ୍ଭ କରାଯାଇଛି ।ସୂଚନାଯୋଗ୍ୟ ପ୍ଲଟ ଆବଣ୍ଟନ ପଞ୍ଜୀକରଣ ୨ ଗୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ପ୍ରଥମ ପର୍ଯ୍ୟାୟ ତା୧୦. ୧୦. ୨୦୨୬ରିଖ ଠାରୁ ତା. ୧୭. ୧୦. ୨୦୨୬ରିଖ ପର୍ଯ୍ୟନ୍ତ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ତା୨୬. ୧୦. ୨୦୨୬ରିଖ ଠାରୁ ତା୩୦. ୧୦. ୨୦୨୬ରିଖ ପର୍ଯ୍ୟନ୍ତ ବାରବାଟୀ ପ୍ୟାଲେସ ଠାରେ ସ୍ଥିର କରାଯାଇଛି । ସେହିପରି ନୀଲାମ ପ୍ରକ୍ରିୟା କୁ ୩ଭାଗରେ ବିଭକ୍ତ କରାଯାଇଛି । ଯାହାକି ସାଧାରଣ ନୀଲାମ, ସ୍ୱତନ୍ତ୍ର ନୀଲାମ ଏବଂ ସ୍ୱଟ ନୀଲାମ ।

ସାଧାରଣ ନୀଲାମ ୦୨. ୧୧. ୨୦୨୬ରିଖ ଠାରୁ ୦୭. ୧୧. ୨୦୨୬ରିଖ ପର୍ଯ୍ୟନ୍ତ ବାରବାଟୀ ପ୍ୟାଲେସ, ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ଉଭୟ ନୂତନ ଏବଂ ପୁରାତନ ସମ୍ମିଳନୀ କକ୍ଷ, ଉପଜିଲ୍ଲାପାଳ, କଟକ ସଦରଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷ ଏବଂ ଜିଲ୍ଲା ପରିଷଦ, କଟକଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ । ସେହିପରି ସ୍ୱତନ୍ତ୍ର ନୀଲାମ ପ୍ରକ୍ରିୟା

୦୯. ୧୧. ୨୦୨୬ରିଖ ଠାରୁ ୧୦. ୧୧. ୨୦୨୬ତାରିଖ ପର୍ଯ୍ୟନ୍ତ ବାରବାଟୀ ପ୍ୟାଲେସ ଠାରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିବା ବେଳେ ସ୍ୱଟ ନୀଲାମି ତା ୧୧. ୧୧. ୨୦୨୬ରିଖ ମଧ୍ୟ ବାରବାଟୀ ପ୍ୟାଲେସ ଠାରେ ଅନୁଷ୍ଠିତ ହେବ । ପ୍ରକାଶ ଥାଉକି ଚଳିତ ବର୍ଷ ତଳ ବାଲିଯାତ୍ରା ପଡିଆରେ ୧୦/୧୦ ବର୍ଗ ଫୁଟ ରୁ ୨୫/୪୦ବର୍ଗ ଫୁଟ ମଧ୍ୟରେ ବିଭିନ୍ନ ଆକାରର ସମୁଦାୟ ୧୪୫୨ ଟି ପ୍ଲଟ ଆବଣ୍ଟନ ହେବାରୁ ଥିବା ବେଳେ ଉପର ବାଲିଯାତ୍ରା ପଡିଆରେ ୧୦/୧୫ ବର୍ଗ ଫୁଟରୁ ୪୦/୫୦ ବର୍ଗ ଫୁଟ ମଧ୍ୟରେ ସମୁଦାୟ ୫୯ ଟି ପ୍ଲଟ ଆବଣ୍ଟନ କରାଯିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ପ୍ଲଟ ଆବଣ୍ଟନ କମିଟି ସଦସ୍ୟ, ସଦର ଉପ ଜିଲ୍ଲାପାଳ, ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ,ସଦସ୍ୟ ଆବାହକ ସଦର ତହସିଲଦାର ଦେବଦତ୍ତ ପ୍ରଧାନ ଙ୍କ ସମେତ କମିଟିର ଅନ୍ୟାନ୍ୟ ସଦସ୍ୟ ମାନଙ୍କ ଉପସ୍ଥିତରେ ଏହି ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ କରାଯାଇଛି ।

## ରେଭେନ୍ସାରେ ଛାତ୍ର ଆନ୍ଦୋଳନର ବିଜୟ

# ସ୍ୱପ୍ନାରାଣୀଙ୍କ ନାକଚ ନାମାଙ୍କନ କାଏମ

କଟକ,(ସବ୍ୟୁ)ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ପାଇଁ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଛାତ୍ର ସଂଗଠନ ଏଆଇଡିଏସଓର ସଭାପତି ପ୍ରାର୍ଥୀ ସ୍ୱପ୍ନାରାଣୀ ପ୍ରଧାନ ନାମାଙ୍କନ ପତ୍ର ଦାଖଲ କରିଥିଲେ । କିନ୍ତୁ କର୍ତ୍ତୃପକ୍ଷ ସଂପୂର୍ଣ୍ଣ ଅଗଣତାନ୍ତ୍ରିକ ଭାବେ ତାଙ୍କର ନାମାଙ୍କନ ପତ୍ରକୁ ନାକଚ କରିଦେଇଥିଲେ । ଏହି ଅଗଣତାନ୍ତ୍ରିକ ନିଷ୍ପତ୍ତିକୁ ବିରୋଧ କରି ତାଙ୍କର ନାମାଙ୍କନ ପତ୍ରକୁ ବୈଧ କରିବା ଦାବିରେ ସେ କୁଳପତିଙ୍କ ଅଫିସ ସମ୍ମୁଖରେ ଗତ ଦୁଇ ଦିନ ଧରି ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନ ଜାରି ରଖିଥିଲେ । ଶେଷରେ କର୍ତ୍ତୃପକ୍ଷ ଏହି ଆନ୍ଦୋଳନ ନିକଟରେ ମୁଣ୍ଡ ନୁଆଁଇ ସ୍ୱପ୍ନାରାଣୀ ପ୍ରଧାନଙ୍କ ପ୍ରାର୍ଥିପତ୍ରକୁ ବୈଧ ବୋଲି ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି । ଏହି ଆନ୍ଦୋଳନର ବିଜୟ ପାଇଁ ସହଯୋଗ କରିଥିବା ତାଙ୍କର ସହପାଠୀଙ୍କ ସମେତ ରେଭେନ୍ସାର ସମସ୍ତ ଛାତ୍ରଛାତ୍ରୀଙ୍କୁ ସେ କୃତଜ୍ଞତା ଅର୍ପଣ କରିଛନ୍ତି । ଆଗାମୀ ଦିନରେ ରେଭେନ୍ସାର ଶୈକ୍ଷିକ ଓ ଗଣତାନ୍ତ୍ରିକ ପରିବେଶର ସୁରକ୍ଷା ତଥା ଛାତ୍ରଛାତ୍ରୀଙ୍କ ମୌଳିକ ସମସ୍ୟାର ସମାଧାନ ଦାବିରେ ଛାତ୍ରଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ ତାଙ୍କୁ ସଭାପତି ଭାବେ ଏବଂ ଏଆଇଡିଏସଓର ଉପସଭାପତି ପ୍ରାର୍ଥୀ କସକ ଜେନା, ସାଧାରଣ ସମ୍ପାଦକ ପ୍ରାର୍ଥୀ ସମ୍ବିତ ଓମପ୍ରକାଶ ପାଟରା, ସହ ସାଧାରଣ ସମ୍ପାଦକ ପ୍ରାର୍ଥୀ ସୂର୍ଯ୍ୟାଂଶ ବିଦ୍ୟାସାଗରଙ୍କୁ ଭୋଟ ଦେଇ ବିଜୟୀ କରିବାକୁ ସେ ରେଭେନ୍ସାର ଛାତ୍ରଛାତ୍ରୀଙ୍କୁ ନିବେଦନ କରିଛନ୍ତି ।

## ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟରେ ଉତ୍ତେଜନା

# ନାମାଙ୍କନ ନାକଚକୁ ନେଇ ଅସନ୍ତୋଷ, ପୁନଃ ନିର୍ବାଚନ ଦାବିରେ ବିକ୍ଷୋଭ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଉତେଜନା ଦେଖାଦେଇଛି । ଅଖିଳ ଭାରତୀୟ



ବିଦ୍ୟାର୍ଥୀ ପରିଷଦ (ଏବିଭିପି) ସମର୍‌ଥିତ ପ୍ରାର୍ଥୀମାନଙ୍କ ନାମାଙ୍କନପତ୍ର ନାକଚ ହୋଇଛି । ଫଳରେ ସଭାପତି ଭାବେ ସରସ୍ୱତୀ ସାହୁ ଓ ଉପ ସଭାପତିଭାବେ ଲକ୍ଷ୍ମିପ୍ରିୟା ଦାସ ନିର୍ଦ୍ଦନ୍ଦରେ ନିର୍ବାଚିତ ହୋଇଛନ୍ତି । ତେବେ ନାକଚ ହୋଇଥିବା ଥିବା ଅଭିଯୋଗକୁ କେନ୍ଦ୍ର କରି ମହାବିଦ୍ୟାଳୟ ପରିସରରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ଛାତ୍ର ସଂସଦ ସମେତ ବିଭିନ୍ନ ପଦବି ପାଇଁ ଏବିଭିପି ସମର୍ଥିତ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିଥିଲେ । ତେବେ ସେମାନଙ୍କ ନାମାଙ୍କନପତ୍ର ନାକଚ ହେବା ପରେ ଏହାକୁ ନେଇ ଛାତ୍ରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି । କେଉଁ କାରଣରୁ ନାମାଙ୍କନପତ୍ର ନାକଚ କରାଗଲା, ସେନେଇ ସ୍ୱଷ୍ଟତା ଦାବି କରିବା ସହ ଘଟଣାକୁ ନେଇ ଛାତ୍ରୀମାନେ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇବା ସହ ନିର୍ବାଚନ ବାତିଲ୍ କରି ପୁନଃ ନିର୍ବାଚନ କରାଇବାକୁ ଦାବି କରିଛନ୍ତି । ନିର୍ବାଚନ ପ୍ରକ୍ରିୟାକୁ ନେଇ ସେମାନେ ଆପତି ଉଠାଇଛନ୍ତି । ଏହି ଘଟଣା ପରେ ମହାବିଦ୍ୟାଳୟ ପରିସରରେ ଉତେଜନା ଲାଗି ରହିଥିବାବେଳେ ଅସନ୍ତୁଷ୍ଟ ଛାତ୍ରୀମାନେ ନିର୍ବାଚନ ପ୍ରକ୍ରିୟା ବାତିଲ୍ କରି ପୁନର୍ବାର ନିର୍ବାଚନ କରାଇବା ଦାବିରେ ଧାରଣା ଦେବା ସହ କଲେଜ ଗେଟ ଆଗରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଘଟଣାସ୍ଥଳରେ ପୁଲିସ ଏସଡିପିଓ ପଙ୍କଜ ମାଝୀ, ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଜୟସିଂ ଓ କଲେଜ କର୍ତ୍ତୃପକ୍ଷ ପହଁଚି ବୁଝାସୁଝା କରିଥିଲେ ହେଁ ସେମାନେ ଜିଦ୍ ରେ ଅଟଳ ରହି ବିକ୍ଷୋଭ କରିଥିଲେ । କିଛିସମୟ ପରେ ଖବର ପାଇ ତହସିଲଦାର ବିଭାସ ପାଣିଗ୍ରାହୀ କଲେଜ ରେ ପହଁଚି ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ । ସେମାନଙ୍କ ଦାବିମୁତାବକ ନାମାଙ୍କନ ନାକଚ ର କାରଣ ୭୫ % ଉପସ୍ଥାନ କମ ବୋଲି ଜଣାଇବା ସହ ଏନେଇ ଉପସ୍ଥାନ ଖାତା ଦେଖାଇବାରେ ଛାତ୍ରୀମାନେ ବିକ୍ଷୋଭ ବନ୍ଦ କରିବାରେ ପରିସ୍ଥିତି ଶାନ୍ତ ପଡିଥିଲା ।

# ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ୍-୨ରେ, ଡିଜିଟାଲ୍ ବାୟୋଫିଡ୍‌ବ୍ୟାକ୍ ଥେରାପିର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ମାନସିକ ସ୍ୱାସ୍ଥ୍ୟ ସେବାକୁ ଅଧିକ ଉନ୍ନତ ଓ ରୋଗୀ କୈନ୍ଦ୍ରିକ କରିବା ଦିଗରେ ଏକ ନୂଆ ପଦକ୍ଷେପ ସ୍ୱରୂପ ଫୁଲନଖରା ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ କ୍ୟାମ୍ପସ -୨ର ମାନସିକ ରୋଗ ବିଭାଗରେ ଡିଜିଟାଲ୍ ବାୟୋଫିଡ୍‌ବ୍ୟାକ୍ ଥେରାପିର ଶୁଭାରମ୍ଭ କରାଯାଇଛି । ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପରିପ୍ରେକ୍ଷୀରେ ଶନିବାର ହସ୍ପିଟାଲ୍ ପକ୍ଷରୁ ଏହି ନୂତନ ଚିକିତ୍ସା ପଦ୍ଧତି ସଂପର୍କରେ ସୂଚନା ଦିଆଯାଇଛି । ଏହି ପଦକ୍ଷେପ ମାଧ୍ୟମରେ ପ୍ରମାଣଭିତ୍ତିକ ଓ ପ୍ରଯୁକ୍ତିବିଦ୍ୟା ସହାୟକ ମାନସିକ ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ କରିବା ସହ ରୋଗୀଙ୍କ ପାଇଁ ଚିକିତ୍ସାର ଅଧିକ ବିକଳ୍ପ ଉପଲବ୍ଧ କରାଇବା ଲକ୍ଷ୍ୟ ରଖାଯାଇଛି । ଡିଜିଟାଲ୍ ବାୟୋଫିଡ୍‌ବ୍ୟାକ୍ ଥେରାପି ଏକ ଅଣ-ଶଲ୍ୟ ଚିକିତ୍ସା ପଦ୍ଧତି । ଏହା ମାଧ୍ୟମରେ ବ୍ୟକ୍ତି ନିଜ ଶରୀରର କିଛି ଶାରୀରିକ ପ୍ରତିକ୍ରିୟାକୁ ବୁଝିବା ସହ ସେଗୁଡ଼ିକୁ ନିୟନ୍ତ୍ରଣ କରିବା ଶିଖିପାରନ୍ତି । ଏହି ଥେରାପି ଉଦ୍‌ବେଗ, ଆତଙ୍କଜନିତ ଲକ୍ଷଣ ଓ ଦୈନନ୍ଦିନ ଚାପକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ଏହା ବ୍ୟତୀତ ଟେନ୍‌ସନ୍‌ଜନିତ ମୁଣ୍ଡବିନ୍ଧା, ମାଇଗ୍ରେନ୍, ରକ୍ତଚାପ ନିୟନ୍ତ୍ରଣ, ମାଂସପେଶୀର ପୁନର୍ବାସ ଏବଂ କୋଷ୍ଠକାଠିନ୍ୟ ଓ ଇରିଟେବଲ୍ ବାୱେଲ୍ ସିଣ୍ଡ୍ରୋମ୍ (ଆଇବିଏସ୍) ଭଳି କେତେକ ରୋଗରେ ମଧ୍ୟ ଏହା ସହାୟକ ଚିକିତ୍ସା ଭାବେ ବ୍ୟବହୃତ ହୋଇଥାଏ ବୋଲି ହସ୍ପିଟାଲର ମାନସିକ ରୋଗ ବିଭାଗର ସହଯୋଗୀ ପ୍ରଫେସର ଡାକ୍ତର ଲଗ୍ନଜିତ୍ ଦାଶ କହିଛନ୍ତି ।

## ଡିଜିଟାଲ୍ ଦକ୍ଷତା ବିକାଶ ମାଧ୍ୟମରେ

# ଓଡ଼ିଶାର ଯୁବପିଢ଼ିଙ୍କୁ ସଶକ୍ତ କରୁଛି ଏଏମ୍/ଏନ୍ଏସ୍ ଇଣ୍ଡିଆ

ଭୁବନେଶ୍ୱର, (ସବ୍ୟୁ): ଆର୍ସେଲରମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ଏହାର ପ୍ରମୁଖ ସିଏସଆର୍ କାର୍ଯ୍ୟକ୍ରମ 'ପ୍ରୋଜେକ୍ଟ ଦକ୍ଷ' ଅଧୀନରେ ପାରାଦୀପ, କେନ୍ଦୁଝରେ ଏବଂ ବଡ଼ବିଲସ୍ଥିତ ଡିଜିଟାଲ୍ ସ୍କିଲ୍ ସେଣ୍ଟରଗୁଡ଼ିକରେ ନୂତନ ପ୍ରଶିକ୍ଷଣ ବ୍ୟାଚ୍ ଆରମ୍ଭ କରିଛି । ସ୍ଥାନୀୟ ଯୁବପିଢ଼ିଙ୍କୁ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍



ସାକ୍ଷରତା ତଥା ବୃତ୍ତିଗତ ଦକ୍ଷତା ପ୍ରଦାନ କରି ଦକ୍ଷତା ବ୍ୟବଧାନକୁ ଦୂର କରିବା ହେଉଛି ନାସକମ୍ ଫାଉଣ୍ଡେସନ୍ ସହଯୋଗରେ ପ୍ରତିଷ୍ଠିତ ଏହି ଡିଜିଟାଲ୍ ସ୍କିଲ୍ ସେଣ୍ଟରଗୁଡ଼ିକର ଲକ୍ଷ୍ୟ । ଏହି କେନ୍ଦ୍ରଗୁଡ଼ିକର ଲକ୍ଷ୍ୟ ହେଉଛି ସ୍ଥାନୀୟ ଯୁବକଯୁବତୀମାନଙ୍କୁ ବିଜନେସ୍ ପ୍ରୋସେସ୍ ମ୍ୟାନେଜମେଣ୍ଟ ଭୂମିକା ଯଥା ଡାଟା ଏଣ୍ଟ୍ରି ଅପରେଟର ଏବଂ ଡୋମେଷ୍ଟିକ୍ ଆଇଟି ହେଲ୍ପଡେସ୍କ ଆଟେଣ୍ଡାଣ୍ଟ ପାଇଁ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ଦକ୍ଷତା ପ୍ରଦାନ କରିବା, ଯାହା ସେମାନଙ୍କର ନିଯୁକ୍ତି ଯୋଗ୍ୟତା ବୃଦ୍ଧି କରିବ ଏବଂ ସମଗ୍ର ଅଞ୍ଚଳରେ ଉଜ୍ଜ୍ୱଳ କ୍ୟାରିୟର ସୁଯୋଗର ଦ୍ୱାର ଖୋଲିବ । ୨୦୦ ରୁ ୨୨୫ ଘଣ୍ଟାର ଏହି ପାଠ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ନିର୍ଦ୍ଦିଷ୍ଟ ବିଷୟଭିତ୍ତିକ ଏବଂ ସଫ୍ଟ ସ୍କିଲ୍ସ ତାଲିମ ପାଇବା ସହିତ ପ୍ରକୃତ କାର୍ଯ୍ୟକ୍ଷେତ୍ରର ଅନୁଭୂତି ଏବଂ ଶିଳ୍ପ ବିଶେଷଜ୍ଞଙ୍କ ମାର୍ଗଦର୍ଶନ (ମେଣ୍ଟରସିପ) ଲାଭ କରିବେ । ଏହି ପଦକ୍ଷେପ ଲିଙ୍ଗଗତ ସମାନତା ତଥା ଅନ୍ତର୍ଭୁକ୍ତିକରଣକୁ ମଧ୍ୟ ପ୍ରୋତ୍ସାହିତ କରୁଛି, ଯେଉଁଥିରେ ନାମ ଲେଖାଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୬୦% ମହିଳା ଅଟନ୍ତି । ଏହି ପ୍ରକଳ୍ପ ଦ୍ୱାରା ପ୍ରତିବର୍ଷ ଓଡ଼ିଶାର ସମସ୍ତ କେନ୍ଦ୍ରରେ ମୋଟ ୬୦୦ ଯୁବକଯୁବତୀ ଉପକୃତ ହେବେ ।

ନୂତନ ପ୍ରଶିକ୍ଷଣ ବ୍ୟାଚ୍ ଗୁଡ଼ିକର ଶୁଭାରମ୍ଭ ଅବସରରେ, ସ୍ଥାନୀୟ ଅଂଚଳର ପ୍ରତିନିଧି, ଏଏମ୍/ଏନ୍ଏସ୍ ଇଣ୍ଡିଆର ଅଧିକାରୀ ଏବଂ ନାସକମ୍ ଫାଉଣ୍ଡେସନ୍ ର ପ୍ରତିନିଧିମାନଙ୍କ ଉପସ୍ଥିତିରେ ତିନୋଟି ଯାକ ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପାରାଦ୍ୱୀପରେ, ଭୂତମୁଣ୍ଡାଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପିପଳ ଗ୍ରାମରେ ନୂତନ ତାଲିମ ବ୍ୟାଚ୍‌ର ଶୁଭାରମ୍ଭ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏଏମ୍/ଏନ୍ଏସ୍ ଇଣ୍ଡିଆ ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟର ପ୍ଲାଣ୍ଟ ହେଡ୍ ଭବେଶ ଝା, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ, ଭୂତମୁଣ୍ଡାଇ ସରପଞ୍ଚ ଶ୍ରୀ ରୋହିତ ଜେନା ଏବଂ ପାରାଦ୍ୱୀପଗଡ଼ ସରପଞ୍ଚଙ୍କ ପ୍ରତିନିଧି ତଥା ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରାଙ୍କ ସମେତ ଅନ୍ୟାନ୍ୟ ଗ୍ରାମବାସୀ, ସ୍ଥାନୀୟ ସମୁଦାୟର ପ୍ରତିନିଧି ଏବଂ ଏଏମ୍/ଏନ୍ଏସ୍ ଇଣ୍ଡିଆର ଅଧିକାରୀମାନେ ଉପସ୍ଥିତ ଥିଲେ । ସେହିଭଳି, କେନ୍ଦୁଝରରେ ନୂତନ ତାଲିମ ବ୍ୟାଚ୍‌ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିରେ ଦାବୁନା ବେନିଫିସିଏସନ ପ୍ଲାଣ୍ଟର ମୁଖ୍ୟ ଜୟବର୍ଦ୍ଧନ ପରୋହା ଏବଂ ଟେଲିଂ ଷ୍ଟୋରେଜ୍ ଫାସିଲିଟିର ମୁଖ୍ୟ ଅଜିତ ସିଂହଙ୍କ ସମେତ ତାଲିମପ୍ରାପ୍ତ ଶିକ୍ଷାର୍ଥୀ ଓ ସ୍ଥାନୀୟ ଗ୍ରାମବାସୀ, ସ୍ଥାନୀୟ ସମୁଦାୟର ସଦସ୍ୟମାନେ ଯୋଗ ଦେଇଥିଲେ । ବଡ଼ବିଲରେ ଅନୁଷ୍ଠିତ ନୂତନ ତାଲିମ ବ୍ୟାଚ୍‌ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ଅଧିକାରୀମାନଙ୍କ ମଧ୍ୟରେ ଠାକୁରାଣୀ ଖଣିର ମ୍ୟାନେଜର ଇନ୍ଦ୍ରକାନ୍ତ ସାହା, ସୁରକ୍ଷା ମୁଖ୍ୟ ଉଦୟ ବର୍ମା ଏବଂ ଠାକୁରାଣୀ ଖଣିର କଲ୍ୟାଣ ଅଧିକାରୀ (ୱେଲଫେୟାର ଅଫିସର) ପ୍ରମୋଦ କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ । ନାସକମ୍ ଫାଉଣ୍ଡେସନ ର ପ୍ରୋଜେକ୍ଟ ମ୍ୟାନେଜର ତିଳକ ଦ୍ୱିବେଦୀ ତିନୋଟି ଯାକ କେନ୍ଦ୍ରର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ଔଷଧ ଦୋକାନକୁ କାରଣ ଦର୍ଶାଅ ନୋଟିସ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ବାଜାର ଓ ଆଖପାଖ ଅଞ୍ଚଳରେ ନିଦ୍ରାଜନକ ଔଷଧ, ନାର୍କୋଟିକ୍ସ ଏବଂ ସାଇକୋଟ୍ରୋପିକ ଦ୍ରବ୍ୟର ବେଆଇନ ବିକ୍ରି ଓ ସନ୍ଦିU କାରବାର ଉପରେ ରୋକ ଲଗାଇବା ପାଇଁ ଖୋର୍ଦ୍ଧା ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ଏକ ରାତ୍ରିକାଳୀନ ସ୍ୱତ୍ରନ୍ତ୍ର ଚଢ଼ାଉ ଅଭିଯାନ ସଂଘଠିତ ହୋଇଯାଇଛି ।, ଖୋର୍ଦ୍ଧା ସର୍କଲର ସହକାରୀ ଔଷଧ ନିୟନ୍ତ୍ରକ ଡଃ ସୁଦର୍ଶନ ବିଶ୍ୱାଳ ଏବଂ ଖୋର୍ଦ୍ଧା ରେଞ୍ଜର ଔଷଧ ନିରୀକ୍ଷକ ଅର୍ଦ୍ଧେନ୍ଦୁ ଶେଖର ମାନସିଂହଙ୍କ ସମେତ ସ୍ଥାନୀୟ ପୋଲିସ ଅଧିକାରୀମାନେ ଏହି ମିଳିତ ଅଭିଯାନରେ ସାମିଲ ହୋଇଥିଲେ । ଚଢ଼ାଉ ସମୟରେ ବିଭାଗୀୟ ଦଳ ନିରାକାରପୁର ଅଞ୍ଚଳର ବିଭିନ୍ନ ଔଷଧ ଦୋକାନରେ ପହଞ୍ଚି ଷ୍ଟକ, ବିକ୍ରି ରେକର୍ଡ ଏବଂ ପ୍ରେସକ୍ରିପସନ ପ୍ରକ୍ରିୟାର କଡ଼ା ଯାଞ୍ଚ କରିଥିଲେ ।ଏହି ଯାଞ୍ଚ ସମୟରେ ଦୁଇଟି ଔଷଧ ଦୋକାନରେ ସରକାରୀ ନିୟମାବଳୀର ଉଲ୍ଲଂଘନ ହୋଇଥିବା ନଜରକୁ ଆସିଥିଲା । ନିର୍ଦ୍ଧାରିତ ଔଷଧ ଆଇନ ଅନୁଯାୟୀ ସମ୍ପୃକ୍ତ ଦୁଇ ଦୋକାନ ମାଲିକଙ୍କୁ ତୁରନ୍ତ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ।ଆଗାମୀ ଦିନରେ ଏହିପରି ଚଢ଼ାଉ ଅଭିଯାନକୁ ଆହୁରି ଜୋରଦାର କରାଯିବ ବୋଲି ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଛନ୍ତି ।

# କଂଗ୍ରେସର ମହିଳା ସମ୍ମାନ କେବଳ କଥାରେ ସୀମିତ : ଡା. ଐଶ୍ୱର୍ଯ୍ୟା ବିଶ୍ୱାଳ

ଭୁବନେଶ୍ୱର, (ସବ୍ୟୁ): ମଣିପୁରର କଂଗ୍ରେସ ସାଂସଦ ତଥା ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ର ପ୍ରଫେସର ଆଙ୍ଗୋମଚା ବିମଲ ଅକୋଇଜାମ ୧୧ ଜଣ ଛାତ୍ରୀଙ୍କୁ ଯୌନ ନିର୍ଯ୍ୟାତନା ଦେଇଥିବା ନେଇ ଅଭିଯୋଗ ହେବା ପରେ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ତାଙ୍କୁ ବହିଷ୍କାର କରିଛି । ଏପରି ଘୃଣ୍ୟ କାମ କରିଥିବା ପ୍ରଫେସର ବିମଲ ଅକୋଇଜାମ ଆମ ଶିକ୍ଷା ସଂସ୍କୃତିକୁ ଯେଉଁଭଳି କଳୁଷିତ କରିଛନ୍ତି ତାକୁ ଯେତେ ନିନ୍ଦା କଲେ କମ୍ ହେବ । ଏଭଳି ସମ୍ବେଦନଶୀଳ ଘଟଣାରେ କଂଗ୍ରେସ ଓ ରାହୁଲ ଗାନ୍ଧୀ ଚୁପ୍ କାହିଁକି ତାର ଜବାବ ଦିଅନ୍ତୁ ବୋଲି ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡା. ଐଶ୍ୱର୍ଯ୍ୟା ବିଶ୍ୱାଳ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି ।

ଡା. ବିଶ୍ୱାଳ କହିଛନ୍ତି ଯେ, କଂଗ୍ରେସ ପାର୍ଟି ମହିଳାଙ୍କ ପାଇଁ ସ୍ୱର ଉତୋଳନ କରୁଥିବା କହୁଛି ଏବଂ ରାହୁଲ ଗାନ୍ଧୀ ମହିଳା ସଶକ୍ତୀକରଣ କଥା କହି ଡିଣ୍ଡିମ ପିଟୁଛନ୍ତି । ମାତ୍ର ସେମାନେ ଏତେ ବଡ ଘଟଣାରେ ଚୁପ୍ କାହିଁକି? ମନୁସଂହିତାର ସବୁ ନିୟମ ଭାଙ୍ଗି ମହିଳାମାନଙ୍କୁ ମୁକ୍ତ ହେବାକୁ ଆହ୍ୱାନ ଦେଉଥିବାବେଳେ ସେ ନିଜ ଦଳର ସାଂସଦଙ୍କ ଏଭଳି କାର୍ଯ୍ୟକଳାପ ଉପରେ ନୀରବ ରହିଛନ୍ତି । ଦଳର କେନ୍ଦ୍ର ନେତୃମଣ୍ଡଳ ସମେତ ଓଡ଼ିଶା କଂଗ୍ରେସର ସମସ୍ତ ନେତୃତ୍ୱ ଏହି ପ୍ରସଙ୍ଗରେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବା ଆବଶ୍ୟକ । ରାହୁଲ ଗାନ୍ଧୀ ସେଇ ବ୍ୟକ୍ତି, ଯିଏ ଗୋଟେ ହାତରେ ସମ୍ବିଧାନ ଓ ଅନ୍ୟ ହାତରେ




ଫ୍ଲାଇଙ୍ଗ କିସ୍ ଦେବାରେ ବିଶ୍ୱାସ ରଖନ୍ତି ।

ଏଇ କିଛି ଦିନ ତଳେ ଆନ୍ଦୋଳନ ବେଳେ ମହିଳା ପୋଲିସ କର୍ମଚାରୀଙ୍କୁ ଯେଉଁ ଭଳି ସ୍ୱର୍ଶ କଲେ ଓ ଠେଲାପେଲା କଲେ ତାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି । ଓଡ଼ିଶାର ଗର୍ବ ଗୌରବ ତଥା ଦେଶର ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି ଶ୍ରୀମତୀ ଦୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ନେତା ଅପଶବ୍ଦ ପ୍ରୟୋଗ କରି ରାଷ୍ଟ୍ରପତ୍ନୀ ବୋଲି କହିଥିଲେ । ଏସବୁ ଘଟଣାରୁ ସ୍ପଷ୍ଟ ପ୍ରମାଣିତ ହୋଇଛି ଯେ, କଂଗ୍ରେସର ମହିଳା ସମ୍ମାନ କେବଳ କଥାରେ ମାତ୍ର ବାସ୍ତବରେ କଂଗ୍ରେସ ସବୁବେଳେ ମହିଳାଙ୍କ ସମେତ ଆମ ସଂସ୍କୃତି ଓ ସଭ୍ୟତାକୁ ଅପମାନିତ କରିଛି । କିନ୍ତୁ ଭାରତୀୟ ଜନତା ପାର୍ଟି ସବୁବେଳେ ମହିଳାଙ୍କୁ ସମ୍ମାନ ଦେଇ ଆସିଛି । ଦଳ ଭିତରେ ମହିଳାମାନଙ୍କୁ ୩୩% ସଂରକ୍ଷଣ ଦେଇଛି । ଏହାଛଡ଼ା ଯେଉଁଠି ମହିଳା ପ୍ରତି ଅନ୍ୟାନ୍ୟ ହେଉଛି ସେଠାରେ ପ୍ରତିବାଦ କରୁଛି ଓ ଆଗକୁ ମଧ୍ୟ ଏହି ଧାରା ଜାରି ରହିବ ବୋଲି ଡା. ବିଶ୍ୱାଳ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ ଉପସ୍ଥିତ ଥିଲେ ।

## ଧର୍ମଶାଳା ରୋଗ ଡେଇଁଲା ବଡଚଣାକୁ

# ଛାତ୍ର ସଂସଦ ନିର୍ବାଚନୀ ହିଂସାକୁ ନେଇ ବିଜେଡିର ଧାରଣା, ଥାନାରେ ପଶି ବିଜେପି କର୍ମୀଙ୍କ ଆକ୍ରମଣ

ଚଣ୍ଡିଖୋଲ,(ସବ୍ୟୁ): ଯାଜପୁର ଜିଲ୍ଲାର ବଡ଼ଚଣା ଥାନା ଅନ୍ତର୍ଗତ ବିଷ୍ଣୁ ସାମନ୍ତରାୟ କଲେଜରେ ଶୁକ୍ରବାର ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ହେବା ପରେ ପରେ ଜଣେ ବିଜେଡି ଯୁବ ନେତାଙ୍କୁ ସେଠାରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ସଂଘବଦ୍ଧ ଭାବେ ତାଙ୍କୁ ଲୁହାରଡ ଓ କାଚ ବୋତଲ ମାଡ କରାଯାଇ ଗୁରୁତର କରାଯାଇଥିଲା। ଏହି ଆକ୍ରମଣ ବିଜେପି ପକ୍ଷରୁ ହୋଇଥିଲା ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇ ଶନିବାର ସନ୍ଧ୍ୟାରେ ଆକ୍ରମଣକାରୀଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ବଡଚଣା ଥାନା ଘେରାଉ କରାଯିବା ସହ ଶତାଧିକ ବିଜେଡି କର୍ମୀ ଥାନାରେ ଧାରଣାରେ ବସିଥିଲେ। ଏହି ସମୟରେ ବିଜେପି କର୍ମୀ ମାନେ ସେଠାକୁ ଆସି ଅନୁରୁପ ଭାବେ ଧାରଣା ଦେବିସହ ହୋହାଲା କରିଥିଲେ ଓ ଥାନା ଭିତରେ ଧାରଣାରତ ବିଜେଡି କର୍ମୀ ମାନଙ୍କ ଉପରେ ଆକ୍ରମଣ କରିଥିବା କୁହାଯାଇଛି। ଫଳରେ ଥାନା ପରିସରରେ ଅତ୍ୟନ୍ତ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା।ଏଠାରେ ଏପରି ଘଟଣାକୁ ଦେଖି ବୁଦ୍ଧିଜୀବୀ ମାନେ ଧର୍ମଶାଳା ରୋଗ ବଡଚଣାକୁ ଡେଇଁଲା ବୋଲି



ଆଲୋଚନା କରୁଛନ୍ତି। ସୂଚନା ଅନୁସାରେ ଶୁକ୍ରବାର ସ୍ଥାନୀୟ ବିଏସ କଲେଜରେ ପ୍ରାର୍ଥୀପତ୍ର ଦାଖଲ ପରେ ବିଜେଡିର ଯାଜପୁର ଜିଲ୍ଲା ସାମାଜିକ ଗଣମାଧ୍ୟମ କୋ ଅଡିନେଟର ସତ୍ୟବ୍ରତ ସାମଲଙ୍କୁ ସେଠାରେ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ଆକ୍ରମଣରେ ଗୁରୁତର ହୋଇ ସେ ଏବେ କଟକରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣା ପରେ ବଡଚଣା ଥାନାରେ ଶୁକ୍ରବାର ଏତଲା ଦାୟର କରାଯାଇ ତୁରନ୍ତ ଆକ୍ରମଣ କାରୀଙ୍କୁ ଗିରଫ ପାଇଁ ଦାବି କରାଯିବା ସହ ବିଜେଡି ପକ୍ଷରୁ ପୋଲିସକୁ ୨୪ ଘଣ୍ଟା ସମୟ ଦିଆଯାଇଥିଲା। ତେବେ ପୋଲିସ ଏହି ସମୟ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ବ୍ୟର୍ଥ ହେବାରୁ ଶନିବାର ସନ୍ଧ୍ୟାରେ ଶତାଧିକ ବିଜେଡି କର୍ମୀ ବଡଚଣା ଥାନାରେ ପହଞ୍ଚି ଧାରଣା ଦେବା ସହ ଥାନା ଘେରାଉ କରିଥିଲେ।ଏହାର କିଛି ସମୟ ପରେ ବିଜେପି କର୍ମୀମାନେ ଥାନା ଭିତରକୁ ଧସେଇ ପଶିଥିଲେ ଓ ଧାରଣା ଦେଇଥିଲେ। ଉଭୟ ଦଳର କର୍ମୀମାନେ ଥାନା ପରିସରରେ ଏକତ୍ରିତ ହେବା ପରେ ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । ଏହି ଉତ୍ତେଜନା ଭିତରେ ବିଜେପି କର୍ମୀ ମାନେ ବିଜେଡି କର୍ମୀ ମାନଙ୍କୁ ଆକ୍ରମଣ କରିଥିଲେ ଓ ଏଥିରେ ପ୍ରକାଶ ପ୍ରଧାନ,ବାପି ସାମଲଙ୍କ ସହ ୫/୭ ଜଣ ଆହତ ହୋଇଥିବା ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି। ଏପରି ଅଭାବନୀୟ ପରିସ୍ଥିତି ପରେ ଥାନା ଅଧିକାରୀ ଜଗଦୀଶ କର ଉଭୟ ଦଳର ନେତା ଓ କର୍ମୀମାନଙ୍କୁ ବୁଝାସୁଝା କରିବା ସହ ବିଜେଡି ନେତାଙ୍କୁ ଆକ୍ରମଣ ଘଟଣାର ତୁରନ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ପ୍ରତିଶ୍ରୁତି ଦେଇ ଧାରଣାରତ ବିଜେଡି କର୍ମୀଙ୍କୁ ଧାରଣାରୁ ଉଠାଇଥିବା ଦେଖା ଯାଇଥିଲା। ତେବେ ଥାନା ଭିତରେ ବିଜେଡି କର୍ମୀଙ୍କୁ ଆକ୍ରମଣ କରାଯିବା ଘଟଣାକୁ ବିଜେପି ପକ୍ଷରୁ ଅସ୍ୱୀକାର କରାଯାଇଛି। ବିନା କାରଣରେ ପୋଲିସ ଉପସ୍ଥିତରେ ବିଜେଡି କର୍ମୀ ମାନେ ବିଧାୟକଙ୍କୁ ଗାଳିଦେବା ସହ ପ୍ରଥମେ ଉତ୍ତେଜନା ପାଇଁ ଉସ୍କାଇଥିଲେ ବୋଲି ବିଜେପି ନେତା ତଥା ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ପ୍ରକାଶ କରିଛନ୍ତି। ସେ ଯାହାବି ହେଉ ଏପରି ଅଭାବନୀୟ ଅବସ୍ଥା ବଡ଼ଚଣା ଥାନା ପରିସରରେ ଆଗରୁ କେବେବି ସୃଷ୍ଟି ହୋଇନଥିଲା ବୋଲି ଆଲୋଚନା ହେଉଛି। ଧର୍ମଶାଳା ପରେ ବଡଚଣାରେ ଧିରେ ଧିରେ ଆଇନ ଶୃଙ୍ଖଳା ବିଗୁଡୁ ଥିବାରୁ ଜିଲ୍ଲା ପୋଲିସ ପ୍ରଶାସନ ଏହାଉପରେ ସଠିକ ପଦକ୍ଷେପ ଗ୍ରହଣକରି ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ସାଧାରଣରେ ଦାବି ହୋଇଛି ।

# ସ୍ୱଚ୍ଛତା ଅଭିଯାନ ସହଯାତ୍ରୀଙ୍କ ସହ ଜନସମ୍ବାଦ ଜାରି ରଖିଛି ପୂର୍ବତଟ ରେଳପଥ

ଭୁବନେଶ୍ୱର, (ସବ୍ୟୁ): ପୂର୍ବତଟ ରେଳପଥ ପକ୍ଷରୁ ଏହାର ପରିସୀମା ମଧ୍ୟରେ ସ୍ୱଚ୍ଛତା ପକ୍ଷ ୨୦୨୬ ପାଳନ ଅବସରରେ ବିଭିନ୍ନ ସଫେଇ କାର୍ଯ୍ୟକ୍ରମ, ସଚେତନତା ଅଭିଯାନ




ଏବଂ ଯାତ୍ରୀଙ୍କ ସହ ଜନସମ୍ବାଦ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରେଳ ପରିସରରେ ସ୍ୱଚ୍ଛତା ବଜାୟ ରଖିବା, ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରିବା, ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ନିଶ୍ଚିତ କରିବା ଏବଂ ରେଳବାଇ କର୍ମଚାରୀ ଓ ସାଧାରଣ ଜନତାଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା। ଏହି ଅଭିଯାନ ଅନ୍ତର୍ଗତ କାର୍ଯ୍ୟାଳୟ ପରିସରର ଯାନ୍ତ୍ରିକ ସଫେଇ, ରେଳଧାରଣା ପାର୍ଶ୍ୱରୁ ବର୍ଜ୍ୟବସ୍ତୁ ଓ ପୁରୁଣା ଆବର୍ଜନା ହଟାଇବା ସହ ଇ-ବର୍ଜ୍ୟବସ୍ତୁ ଏବଂ ପୁରୁଣା ଫାଇଲଗୁଡ଼ିକର ଉପଯୁକ୍ତ ନିଷ୍କାସନ ଭଳି କାର୍ଯ୍ୟ କରାଯାଇଛି। ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କୁଇଜ୍ ପ୍ରତିଯୋଗିତା ସହ ଶିଶୁମାନଙ୍କ ପାଇଁ ଚିତ୍ରାଙ୍କନ ଓ ଚିତ୍ରକଳା ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା।

ଚାଲୁ ରହିଥିବା ସ୍ୱଚ୍ଛତା ଅଭିଯାନ ୬.୦ର ଅଂଶସ୍ୱରୂପ ରାୟଗଡ଼, ବଲାଙ୍ଗୀର, ବରପାଲି ଓ ଟିଟିଲାଗଡ଼ ରେଳ ଷ୍ଟେସନରେ ଜନସମ୍ବାଦ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାଧାରଣ ଜନତା ଓ ଯାତ୍ରୀମାନେ ଉତ୍ସାହର ସହ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହା ମାଧ୍ୟମରେ ଯାତ୍ରୀମାନେ ରେଳ ଅଧିକାରୀଙ୍କ ସହ ସିଧାସଳଖ ଭାବ ବିନିମୟ କରିବା ସହ ଷ୍ଟେସନରେ ଉପଲବ୍ଧ ଯାତ୍ରୀ ସୁବିଧା, ଟ୍ରେନର ସ୍ୱଚ୍ଛତା ଓ ସେବା ପ୍ରଦାନ ସମ୍ପର୍କରେ ନିଜ ଅନୁଭୂତି, ପରାମର୍ଶ ଓ ମତାମତ ରଖିଥିଲେ। ଯାତ୍ରୀମାନଙ୍କ ମତାମତ ଓ ପରାମର୍ଶ ଆଧାରରେ ସେବାରେ ଉନ୍ନତି ଆଣିବା ପାଇଁ ବିଭିନ୍ନ କ୍ଷେତ୍ର ଚିହ୍ନଟ କରିବା ସହ ଯାତ୍ରୀ ସନ୍ତୋଷ ବୃଦ୍ଧି କରିବାରେ ସହାୟତା ମିଳିବ। ଏହି ପଦକ୍ଷେପଗୁଡ଼ିକ ସ୍ୱଚ୍ଛତା, ଉନ୍ନତ ଯାତ୍ରୀ ସୁବିଧା ଏବଂ ଯାତ୍ରୀକେନ୍ଦ୍ରିକ ରେଳ ସେବା ପ୍ରତି ପୂର୍ବ ତଟ ରେଳପଥର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# କ୍ଲବ 'ଜାଗୋ'ର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, (ସବ୍ୟୁ): ସମାଜରେ ପରିବର୍ତ୍ତନ ଆଣିବାକୁ ହେଲେ ପ୍ରଥମେ ନିଜ ଭିତରେ ପରିବର୍ତ୍ତନ ଆଣିବା ଆବଶ୍ୟକ। ଆମର ଚିନ୍ତାଧାରା, ଆଚରଣ ଓ କାର୍ଯ୍ୟରେ ସକାରାତ୍ମକତା ଆଣିବା ଜରୁରୀ। ଏହିଭଳି ଏକ ମହତ୍ ଉଦ୍ଦେଶ୍ୟ, ଦୃଢ଼ ସଂକଳ୍ପ ଓ ସମର୍ପିତ ପ୍ରୟାସର ମିଳିତ ପ୍ରତିଫଳନ 'ଜାଗୋ' ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ। ସୋଆର ସାମାଜିକ ଓ ସାଂସ୍କୃତିକ କ୍ଲବ 'ଜାଗୋ' ୨୦ ବର୍ଷରେ ପଦାର୍ପଣ କରିଥିବା ବେଳେ ଏହାର ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏଭଳି ମତ ରଖିଛନ୍ତି ଶ୍ରୀମତି ଦାସ। ଶନିବାର ଆଇଟିଇଆର ପରିସରରେ 'ଜାଗୋ'ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାର ଏକ ଦୃଢ଼ ସଂକଳ୍ପ ହେଉଛି ଜାଗୋ ବୋଲି ଶ୍ରୀମତି ଦାସ କହିଛନ୍ତି। କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଆଇଟିଇଆରର ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ପ୍ରଫେସର ରେଣୁ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜାଗୋର ମେଂଟର ପ୍ରଫେସର ଅନୀତା ପଣ୍ଡା ଧନ୍ୟବାଦ ଅର୍ପଣ କରିବା।

# ଶତାୟୁ ପୁରୁଷ ପଦ୍ମଚରଣ ପାଇଲେ 'ନିର୍ଭୟ ଓଡ଼ିଶା ଗୌରବ' ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): ସଂହତି ସ୍ଥାପନ କ୍ଷେତ୍ରରେ ଭାଷାମାନଙ୍କର ରହିଛି ପ୍ରମୁଖ ଭୂମିକା। ତେଣୁ ଭାରତ ଭାଷା ସଂଗମର ଦେଶ। ଦୈନିକ 'ନିର୍ଭୟ'ର ୧୩ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ନିଜ ଭାଷଣ ପ୍ରଦାନ କଲାବେଳେ ହିନ୍ଦୀ ସାହିତ୍ୟର ପ୍ରମୁଖ କବି ଓ ସମାଲୋଚକ ଡ. ଓମ୍ ନିଶ୍ଚଳ ଭାଷା ରାଷ୍ଟ୍ରକୁ ଗୋଟିଏ ସୂତ୍ରରେ ବାନ୍ଧିବାର କାମ କରିଆସିଛି ବୋଲି ଦୃଢ଼ତାର ସହ କହିଥିଲେ। ଭାଷା ସାହିତ୍ୟ ସହିତ ସାମ୍ବାଦିକତାର ଏକ ପ୍ରଚ୍ଛନ୍ନ ସମ୍ପର୍କ ଥିବା ବିଷୟ ଏକାଧିକ ଉଦାହରଣ ଦେଇ ରଖିବା ବେଳେ ସେ ଜୋର୍ ଦେଇ କହିଥିଲେ ଯେ, ଯେତେବେଳେ ରାଜନେତାମାନେ ବାଟ ହୁଡ଼ନ୍ତି ବା ବାଟବଣା ହୋଇଯାଆନ୍ତି ସେମାନଙ୍କ ହାତ ସେତିକିବେଳେ ସାହିତ୍ୟକମାନେ ହିଁ ଧରିନେଇଥାନ୍ତି। ବ୍ୟବସ୍ଥିତ ମିଡିଆକୁ ଶିଳ୍ପ ଓ ରାଜନୈତିକ



ବ୍ୟକ୍ତି କଣ୍ଠରୋଧ କରିବାର ପ୍ରୟାସ କରୁଥିଲେ ମଧ୍ୟ ଏବେ ସୋସିଆଲ୍ ମିଡିଆ ସାମ୍ବାଦିକତା ଖବର ପ୍ରକାଶନର ଧାରାକୁ ଭିନ୍ନ ରୂପ ପ୍ରଦାନ କରିଛି । ତେବେ ପ୍ରତ୍ୟେକ ମଣିଷ ଜଣେ ଜଣେ ସାମ୍ବାଦିକ ହୋଇସାରିଛନ୍ତି ବୋଲି କହିଥିଲେ ।

ଦୈନିକ ନିର୍ଭୟ'ର ସମ୍ପାଦକ ନବୀନ ଦାସଙ୍କ ସଭାପତିତ୍ୱରେ ଶୁକ୍ରବାର ଆୟୋଜିତ ଏହି ବାର୍ଷିକ ଉତ୍ସବରେ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡ. ଚଣ୍ଡିପ୍ରସାଦ ନନ୍ଦ ଆଞ୍ଚଳିକତାବାଦର ଭବିଷ୍ୟତ ବାବଦରେ ବିଶେଷ ଆଲୋଚନା କରିଥିଲେ। 'ନ୍ୟାସନାଲ ବିକନ'ର ସମ୍ପାଦକ ଦିଲ୍ଲୀପ କୁମାର ବିଶୋୟୀ ଅତିଥି ଭାବରେ ସାମିଲ ହୋଇ ନିଜ ଭାଷଣ ରଖିଲା ବେଳେ କହିଥିଲେ ସ୍ଥାନୀୟ ମଣିଷର ଆଶା, ଆକାଂକ୍ଷା ପାଇଁ ଠିଆ ହେବା ସ୍ୱାଭାବିକ ଭାବରେ ଆଞ୍ଚଳିକତାବାଦର ସୂତ୍ରକୁ ମଜଭୁତ କରନ୍ତି । 'ନିର୍ଭୟ' ବାର୍ଷିକ ଉତ୍ସବ ଅବସରରେ ରାଜ୍ୟ ଓ ଦେଶରେ ନିଶା ନିବାରଣ ପାଇଁ ଅଭିଯାନ ଚଳାଇଥିବା ଶତାୟୁ ପୁରୁଷ ପଦ୍ମଚରଣ ନାୟକଙ୍କୁ 'ନିର୍ଭୟ ଓଡ଼ିଶା ଗୌରବ ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ଛତିଶଗଡ଼ ବସ୍ତର ଅଞ୍ଚଳର ଅତ୍ୟନ୍ତ ଲୋକପ୍ରିୟ ସାମ୍ବାଦିକ ବିକାଶ ତିୱାରୀ ଓ ଓଡ଼ିଶାର ଅନୁଭବି ସାମ୍ବାଦିକ ତଥା ଶିଶୁ ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକଙ୍କୁ 'ନିର୍ଭୟ ସତୀର୍ଥ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

## ମଦ ଜବତ, ୯ ଗିରଫ

ବାଲୁଗାଁ ,(ସବ୍ୟୁ):ବାଲୁଗାଁ ଅବକାରୀ ବିଭାଗ ଶୁକ୍ରବାର ପୃଥକ ଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବେଆଇନ ଭାବେ ବିକ୍ରି ଚାଲିଥିବା ମୋଟ ୨୦୨ ଲିଟର ଦେଶୀ ମଦ ଜବତ କରିବା ସହ ସମ୍ପୃକ୍ତ ୯ ଜଣ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।ଆଗକୁ ଦଶହରା ପର୍ବ ଆସୁଥିବା ବେଳେ ଚୋରା ଦେଶୀ ମଦ କାରବାର ରୋକିବା ପାଇଁ ପ୍ରଶାସନ ପକ୍ଷରୁ ପୋଲିସ ଓ ଅବକାରୀ ବିଭାଗକୁ କଡା ନିର୍ଦ୍ଦେଶ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଟାଙ୍ଗୀ ରେଞ୍ଜ ଅବକାରୀ ନିରୀକ୍ଷକ ଅଜିତ କୁମାର ପାତ୍ର ଏବଂ ବାଲୁଗାଁ ଅବକାରୀ ଅଧିକାରୀ ସୌମ୍ୟ ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ସକାଳେ ବାଲୁଗାଁ ନିକଟ ବୋରିଆ ସାହି ଅଞ୍ଚଳରେ ବେଆଇନ ମଦ ଭାଟି ଉପରେ ଅତର୍କିତ ଭାବେ ଚଢ଼ାଉ କରାଯାଇଥିଲା । ପ୍ରଫୁଲ ଶବର ଠାରୁ ୨୫ଲିଟର, ସୁରେଶ ଶବର ଠାରୁ ୨୫ ଲିଟର ଏବଂ ମିଟୁ ଶବର ଠାରୁ ୨୫ ଲିଟର ମଦ ଜବତ କରାଯିବା ସହ ସମସ୍ତ ବ୍ୟବସାୟୀଙ୍କୁ ଗିରଫ କରାଯାଇଥିଲା ।

## ଗୋପବନ୍ଧୁ ଜୟନ୍ତୀ ପାଳିତ

ଡେଲାଙ୍ଗ ,(ସବ୍ୟୁ): ଡେଲାଙ୍ଗ ଷ୍ଟେସନ ବଜାର ସ୍ଥିତ ଶ୍ୟାମାସୁନ୍ଦର ପାଠାଗାର ଓ ସଂଗ୍ରାହାଳୟ ତରଫରୁ ଏବଂ ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୋପବନ୍ଧୁ ଜୟନ୍ତୀ ପାଳିତ ହୋଇଯାଇଛି ।ଏହି ଅବସରରେ ଶ୍ୟାମସୁନ୍ଦର ପାଠାଗାରରେ ରୋହିତ କୁମାର ଚମ୍ପତିରାୟ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ସନ୍ତୋଷ ମହାନ୍ତି, ମୁଖ୍ୟବକ୍ତା ରୂପେ ଲକ୍ଷ୍ମୀନାରାୟଣ ପାଠୀ ଯୋଗଦେଇଥିଲେ । ସେହିଭଳି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତି ରମେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ଗୋପବନ୍ଧୁଙ୍କ ଅସୀମ ତ୍ୟାଗ,ପର ଦେଶପ୍ରେମ, ଅପୂର୍ବ ଦୀନଜନ ସେବା, ଶିକ୍ଷା ଓ ସାହିତ୍ୟ ଦିଗ ଉପରେ ଆଲୋକପାତ କରି ପିଲାମାନଙ୍କୁ ଭଲ ମଣିଷ ହେବାକୁ ଉପଦେଶ ଦେଇଥିଲେ ।

## ଏକାମ୍ର ୱାକର୍ସ କ୍ଲବ୍, ଭୁବନେଶ୍ୱର ପକ୍ଷରୁ ରକ୍ତ ଦାନ ଶିବିର




ଭୁବନେଶ୍ୱର, (ସବ୍ୟୁ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏକାମ୍ର ୱାକର୍ସ କ୍ଲବ୍, ଭୁବନେଶ୍ୱର ପକ୍ଷରୁ ସହିଦନଗର ସାଂସ୍କୃତିକ ସମିତିର ସହଯୋଗରେ, ୪ ଅକ୍ଟୋବର ୨୦୨୬ (ରବିବାର) ଦିନ ସହିଦନଗରସ୍ଥିତ ବିଷ୍ଣୁ ମନ୍ଦିର ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରକୁ କ୍ୟାପିଟାଲ୍ ହସ୍ପିଟାଲ୍ ବ୍ଲଡ୍ ବ୍ୟାଙ୍କ ଟିମ୍ ର ମୂଲ୍ୟବାନ ସହଯୋଗ ମିଳିଥିଲା ଏବଂ ଏହି ଶିବିରରେ ମୋଟ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସମାଜସେବା ଓ ମୂଲ୍ୟବାନ ଜୀବନ ରକ୍ଷା ପାଇଁ ଏକାମ୍ର ୱାକର୍ସ କ୍ଲବ୍ ର ନିରନ୍ତର ପ୍ରତିବଦ୍ଧତାର ଏହା ଏକ ମହତ୍ତ୍ୱପୂର୍ଣ୍ଣ ପ୍ରୟାସ। ଏହି ରକ୍ତଦାନ ଶିବିରକୁ ଏକାମ୍ର ୱାକର୍ସ କ୍ଲବ୍‌ର ସଭାପତି ଇ. ଆଦିତ୍ୟ ନାରାୟଣ ମିଶ୍ର ସଂଯୋଜନା କରିଥିଲେ । ଏହା ସହ ପ୍ରତ୍ୟେକ ରକ୍ତଦାତାଙ୍କୁ ମଧ୍ୟ ବିଶେଷ ଅଭିନନ୍ଦନ ଓ ସାଲ୍ୟୁଟ୍ ଜଣାଇଛନ୍ତି କ୍ଲବ୍ କର୍ମକର୍ତ୍ତା।

## ବାଙ୍କୀ କଲେଜ କ୍ୟାମ୍ପସରେ ବୋମାମାଡ଼

ବାଙ୍କୀ ,(ସବ୍ୟୁ): ବାଙ୍କୀ ସଂୟ ଶାସିତ ମହା ବିଦ୍ୟାଳୟରେ ଶନିବାର ଦିନ ଚୂଡାନ୍ତ ପ୍ରାର୍ଥୀ ତାଲିକା ଘୋଷଣା ପରେ କଲେଜ ପରିସରରେ ଉତ୍ତେଜନା, ଦେଖା ଦେଇଛି ।ଚଳିତ ବର୍ଷ ବାଙ୍କୀ ସଂୟ ଶାସିତ ମହା ବିଦ୍ୟାଳୟରେ ବିଭିନ୍ନ ପଦବୀ ପାଇଁ ୫୭ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଯାଞ୍ଚ ସମୟରେ୍ରେ୧୯ ଜଣଙ୍କର ନାକଚ କରା ଯାଇ ଥିବାରୁ ପ୍ରାର୍ଥୀ ତଥା ଛାତ୍ରମାନଙ୍କ ମଧ୍ୟ ରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅଧ୍ୟକ୍ଷ ଜାଣି ଶୁଣି ନିର୍ଦ୍ଦିଷ୍ଟ ଏକ ଛାତ୍ର ସଂଗଠନ କୁ ସହଯୋଗ କରିବା ପାଇଁ ନାକଚ କରି ଦେଇ ଥିବାର ଅଭିଯୋଗ କରି ବାଙ୍କୀ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ସମୁଖରେ ଧାରଣାରେ ବସିଛନ୍ତି ଛାତ୍ର ମାନେ । ସଠିକ ଭାବେ ଯାଞ୍ଚ କରିବା ସହିତ ପୁନର୍ବିଚାର କରିବା ଦାବୀରେ ଅଡି ବସି ରହିଛନ୍ତି । ସେ ପଟେ ସନ୍ଧ୍ୟାରେ କଲେଜ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ଆନ୍ଦୋଳନ କାରୀ ଛାତ୍ର,କଲେକ ଅଧ୍ୟକ୍ଷ ଓ ପୋଲିସ ଉପସ୍ଥିତିରେ ବୈଠକ ବସି ଥିବା ବେଳେ କ୍ୟାମ୍ପସରେ ଗୋଟିଏ ବୋମା ମାଡ଼ ହୋଇଛି ।ପାଲିସ ତଦନ୍ତ ଆରମ୍ଭ କରିବା ଅଧ୍ୟକ୍ଷ ସୂଚନା ଦେଇ ଥିବା ବେଳେ ଉତ୍ତେଜନା ଦେଖା ଦେଇଛି । କ୍ୟାମ୍ପସ ରେ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି ।

# ଏସିଆନ୍ ପେଣ୍ଟ୍‌ସ୍‌ର 'ବିୟୁଟିଫୁଲ୍ ହୋମ୍‌ସ୍ ପେଣ୍ଟିଂ ସର୍ଭିସେସ୍'

ଭୁବନେଶ୍ୱର (ସବ୍ୟୁ): ଏକ ବିବାହ ଅଥବା ପାର୍ବଣ ସମୟ ଅନେକ ସମୟରେ ବାସଗୃହକୁ ତାଜା ରୂପ ପ୍ରଦାନ କରିବା ଏବଂ ଏହାକୁ ପରିବାର ଏବଂ ବନ୍ଧୁ ପରିଜନଙ୍କ ନିମନ୍ତେ ପ୍ରସ୍ତୁତ କରିବାର ସମୟ ହୋଇଥାଏ। କିନ୍ତୁ ବାସଗୃହକୁ ପ୍ରସ୍ତୁତ କରିବା ଅର୍ଥ ପ୍ରତ୍ୟେକଟି ବିଷୟ ସହିତ ରଙ୍ଗ ପରିଚାଳନା କରିବା, ସମୟବଦ୍ଧତା ଏବଂ ରଙ୍ଗକରିବା ପ୍ରକ୍ରିୟା ରହିଥାଏ। ଏହି ଆବଶ୍ୟକତାକୁ ଦୃଷ୍ଟି ଦେଇ ଏସିଆନ୍ ପେଣ୍ଟ୍‌ସ୍ ତାହାର 'ବିୟୁଟିଫୁଲ୍ ହୋମ୍‌ସ୍ ପେଣ୍ଟିଂ ସର୍ଭିସେସ୍' (ବିଏଚ୍‌ପିଏସ) ଜରିଆରେ ଏକ ସୁଗମ ଏବଂ ସମସ୍ୟା-ମୁକ୍ତ ବାସଗୃହ ରୂପାନ୍ତରଣ ଅନୁଭୂତିକୁ ପ୍ରଦର୍ଶନ କରୁଥିବା ଏକ ନୂତନ ଅଭିଯାନ ଆରମ୍ଭ କରିଛି। ଘରେ ଏକ ବିବାହ ନିମନ୍ତେ ଚାଲିଥିବା ପ୍ରସ୍ତୁତି ପ୍ରଚ୍ଛଦପଟରେ କରାଯାଇଥିବା ଏହି ଅଭିଯାନ ପରିବାରଗୁଡ଼ିକର ମୁହୂର୍ତ୍ତ ଏବଂ ଏକ ସ୍ୱତନ୍ତ୍ର ଅବସର ନିମନ୍ତେ ବାସଗୃହକୁ ପ୍ରସ୍ତୁତ କରିବା ପାଇଁ ରହିଥିବା ଉତ୍କଣ୍ଠାକୁ ଧରି ରଖୁଛି। ଏହି ଚଳଚ୍ଚିତ୍ରରେ ବାସଗୃହ ମାଲିକମାନେ କିଭଳି ବିଭିନ୍ନ ଡିଜାଇନ ସମ୍ଭାବନାଗୁଡ଼ିକ ଅନୁଧ୍ୟାନ କରିପାରିବେ, ଏଆଇ କଲର ଭିଜୁଆଲାଇଜର ଜରିଆରେ ରଙ୍ଗର ଦୃଶ୍ୟମାନତା ଓ ୱାଲପେପର୍‌ଗୁଡ଼ିକୁ ଦେଖିବେ ତଥା ତାହାର କାର୍ଯ୍ୟାନ୍ୱୟନ ପରିଚାଳନା ସକାଶେ ବୃତ୍ତିଗତ ଲୋକଙ୍କ ଉପରେ ନିର୍ଭର କରି ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷକରିବେ, ତାହା ପ୍ରଦର୍ଶିତ ହୋଇଛି। ଗୋଟିଏ ଚଳଚ୍ଚିତ୍ରରେ ସବ୍ୟସାଚୀ-ଡିଜାଇନ ୱାଲପେପର୍‌ଗୁଡ଼ିକ ଏବଂ ବିଭିନ୍ନ ସମ୍ମିଶ୍ରଣ କିଭଳି ଏକ ପରିବାରର ବ୍ୟକ୍ତିଗତ ଷ୍ଟାଇଲକୁ ପ୍ରତିଫଳିତ କରୁଛି, ତାହା ପ୍ରଦର୍ଶିତ ହୋଇଛି। ଅନ୍ୟ ଚଳଚ୍ଚିତ୍ରରେ ଏଆଇ କଲର ଭିଜୁଆଲାଇଜର ସମ୍ପର୍କରେ ଉଲ୍ଲେଖ କରାଯାଇଛି, ଯାହା ବାସଗୃହ ମାଲିକମାନଙ୍କୁ ସେମାନେ ପସନ୍ଦ କରୁଥିବା ରଙ୍ଗ ଅଥବା ୱାଲପେପର୍‌ଗୁଡ଼ିକ ସେମାନଙ୍କ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଘର କିଭଳି ଦେଖାଯିବ, ତାହା ପ୍ରଦର୍ଶିତ କରୁଛି।

## ଶିଳ୍ପାନୁଷ୍ଠାନଗୁଡ଼ିକର ସିଏସ୍‌ଆର୍ ଓ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟକ୍ରମ ସମୀକ୍ଷା

# ନିଜସ୍ୱ ପାର୍କିଂ ଓ ଆଲୋକୀକରଣ ସହ ପ୍ରଦୂଷଣ ନିୟନ୍ତ୍ରଣ ପ୍ରତି ଦୃଷ୍ଟି ଦିଆଯିବ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ସମ୍ବଲପୁର ଜିଲ୍ଲାର ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ଖଣିଗୁଡ଼ିକର କାର୍ଯ୍ୟକାରିତା ଏବଂ ସେମାନଙ୍କର ଇଣ୍ଡଷ୍ଟ୍ରିଆଲ୍ ଓ ମାଇନିଂ ଆକ୍ଟିଭିଟିଜ୍‌କୁ ନେଇ ଶନିବାର ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ କମ୍ପାନୀଗୁଡ଼ିକ ପକ୍ଷରୁ ସେମାନଙ୍କର ବାର୍ଷିକ ସି.ଏସ୍. ଆର୍. ପାଣ୍ଠିର ହିସାବ ଏବଂ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରାଯାଇଥିଲା। କମ୍ପାନୀଗୁଡ଼ିକ ଅଧିକ ଲୋକାଭିମୁଖୀ ହୋଇ, ସ୍ଥାନୀୟ ଗ୍ରାମବାସୀଙ୍କ ସାଙ୍ଗରେ ମିଶି ଏବଂ ସେମାନଙ୍କର ଆଶା-ଆକାଂକ୍ଷାକୁ ଧ୍ୟାନରେ ରଖି ଜିଲ୍ଲା ପ୍ରଶାସନର ଅନୁମତି କ୍ରମେ ସମସ୍ତ ବିକାଶମୂଳକ କାମ କରିବାକୁ ପରାମର୍ଶ ଦିଆଯାଇଛି । ବିଶେଷ କରି ଏ ଅଞ୍ଚଳରେ ରୋଜଗାର



ସୃଜନ, ମହିଳାମାନଙ୍କ ପାଇଁ କର୍ମସଂସ୍ଥାନ, ଗୁଣାତ୍ମକ ଶିକ୍ଷା ପାଇଁ ଏମ୍ପ୍ଲୋୟେବିଲିଟି ଏବଂ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି ବୋଲି ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସୂଚନା ଦେଇଛନ୍ତି ।

ଏହି ଅବସରରେ ରାଜ୍ୟ ରାଜପଥ-୧୦ ଉପରେ ବୃଦ୍ଧି ପାଉଥିବା ଭାରୀ ଯାନବାହନ ଓ ବିଭିନ୍ନ ପାୱାର ପ୍ଲାଣ୍ଟର ଲୋଡ୍ ଏବଂ ପରିବହନ ବ୍ୟବସ୍ଥା ନେଇ ସବିଶେଷ ଆଲୋଚନା ହୋଇଥିଲା। ଆର୍ଯ୍ୟନ୍, ଶ୍ୟାମ ମେଟାଲିକ୍ସ, ଆଦିତ୍ୟ ଆଲୁମିନିୟମ୍, ଜେଏସ୍‌ଡବ୍ଲ୍ୟୁ ତଥା ନେଇଭାଲି କୋଲିୟରି ସମେତ ବେଦାନ୍ତ, ଇଣ୍ଡ୍ ଭାରତ ଓ ଓପିଜିସିର ପାୱାର ପ୍ଲାଣ୍ଟଗୁଡ଼ିକର ପରିବହନ ଚାପ ଏହି ରାସ୍ତା ଉପରେ ପଡୁଥିବାରୁ ଏହାର ଏକ ଦୂରଦର୍ଶୀ ଯୋଜନା ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ଏକ ପବ୍ଲିକ୍ ରୋଡ୍ ହୋଇଥିବାରୁ, ଇଣ୍ଡଷ୍ଟ୍ରିଗୁଡ଼ିକ ନିଜସ୍ୱ ପାର୍କିଂ ବ୍ୟବସ୍ଥା କରନ୍ତୁ ବୋଲି ସାଂସଦ ପରାମର୍ଶ ଦେଇଛନ୍ତି,, ଯାହାଫଳରେ ଗାଡ଼ିଗୁଡ଼ିକର ଧୂଳି ଓ ଅସୁବିଧାରୁ ସାଧାରଣ ଲୋକେ ମୁକ୍ତି ପାଇବେ। ରେଙ୍ଗାଲି ବ୍ଲକର ନୂଆ ବସ୍‌ଷ୍ଟାଣ୍ଡରୁ ଖେରୁୱାଲ ବ୍ରିଜ୍ ପର୍ଯ୍ୟନ୍ତ ୧୫ କିଲୋମିଟର ନିର୍ଦ୍ଦିଷ୍ଟ ଅଞ୍ଚଳରେ ଆଲୋକୀକରଣ ବ୍ୟବସ୍ଥା ନଥିବାରୁ ସେଠାରେ ଆଲୋକ ବ୍ୟବସ୍ଥା କରିବା, ରାସ୍ତାକୁ ଠିକରେ ପାଣି ପକାଇ ମେଣ୍ଟେନ୍ କରିବା ଏବଂ ପିଡବ୍ଲ୍ୟୁଡି ତଥା ଏଲ୍‌ଏଣ୍ଡ୍‌ଟି ସହ ଆଲୋଚନା କରି ରାସ୍ତାକୁ ଆବଶ୍ୟକତା ଅନୁଯାୟୀ ଅଧିକ ଚଉଡ଼ା କରାଯିବ । ଷ୍ଟେଟ ହାଇଓ୍ୱେର ପ୍ରା ୧୫ କିଲୋମିଟର ରାସ୍ତାର ଉନ୍ନତିକରଣ ପାଇଁ ସମ୍ପୃକ୍ତ କମ୍ପାନୀଗୁଡ଼ିକ ରାଜ୍ୟ ସରକାର ଓ ପିଡବ୍ଲ୍ୟୁଡି ବିଭାଗ ସହ ଆଲୋଚନା କରି ଏକ ବିଶେଷ ଅନୁଦାନ ଓ ଦାୟିତ୍ୱ ଗ୍ରହଣ କରନ୍ତୁ । ଧୂଳି ଓ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କମ୍ପାନୀଗୁଡ଼ିକ ନିୟମିତ ଜଳ ସିଞ୍ଚନ ଏବଂ ପରିବେଶ ସହଯୋଗୀ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ବୈଠକରେ ପରାମର୍ଶ ଦିଆଯାଇଛି । ଏହି ବୈଠକରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ ।

## ସାହିତ୍ୟିକ ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ପୁତ୍ରବଧୂଙ୍କ ଦେହାନ୍ତ

ଭୁବନେଶ୍ୱର, (ସବ୍ୟୁ )ବିଶିଷ୍ଟ ସାହିତ୍ୟିକ ଓ ଅନୁବାଦକ ସ୍ୱର୍ଗୀୟ ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ କନ୍ୟା ତଥା ପୂର୍ବତନ ଭିଜିଲାନ୍ସ ବିଭାଗର ଏସ. ପି ମହେଶ ଚନ୍ଦ୍ର ମହାନ୍ତିଙ୍କ ସହଧର୍ମିଣୀ ସ୍ନେହଲତା ମହାନ୍ତିଙ୍କର କଟକରେ ଦେହାନ୍ତ ହୋଇଯାଇଛି ବୋଲି ବିଳମ୍ବରେ ପ୍ରାପ୍ତ ଖବରରୁ ଜଣା



ଯାଇଛି ।ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତେଷ୍ଟି କ୍ରିୟା ସମ୍ପନ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ଜିନ୍ଦଲ କମ୍ପାନୀର ଡିଜିଏମ ଜଗଦୀଶ ମହାନ୍ତି ମୁଖାଗ୍ନି ଦେଇଥିଲେ। ତାଙ୍କର ଅନ୍ୟତମ ପୁତ୍ର ହରିଶ, କନ୍ୟା ମଧୁଛନ୍ଦା ଓ ଜାମାତା ପ୍ରଭୃତି ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

## ବାଙ୍ଗିରିପୋଷି ଏକଲବ୍ୟ ବିଦ୍ୟାଳୟରେ ଝଡ

# ଅଧ୍ୟକ୍ଷଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ, ରାସ୍ତାକୁ ଓହ୍ଲାଇଲେ ଛାତ୍ରଛାତ୍ରୀ

ବାରିପଦା, (ସବ୍ୟୁ) : ଅଧ୍ୟକ୍ଷଙ୍କ ବିରୋଧରେ ଦୀର୍ଘଦିନର ନିର୍ଯାତନା ଓ ଯୌନ ନିର୍ଯାତନା ଅଭିଯୋଗ ଆଣି ରାସ୍ତାକୁ ଓହ୍ଲାଇଲେ ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ ଶ୍ୟାମସୁନ୍ଦରପୁର ସ୍ଥିତ ଏକଲବ୍ୟ ଆବାସିକ ବିଦ୍ୟାଳୟର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ । ଶନିବାର ବିଦ୍ୟାଳୟରୁ ପ୍ରାୟ ୧୦କିଲୋମିଟର ଚାଲି ଆସି ଜାତୀୟ ରାଜପଥ-୪୯ ଅବରୋଧ କରିବା ସହ ଅଧ୍ୟକ୍ଷ ସୁଜିତ କୁମାର ନାଏକଙ୍କ ବହିଷ୍କାର ଦାବି କରିଥିଲେ । ଦୀର୍ଘ ଚାରି ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ରାସ୍ତା ଅବରୋଧ ଯୋଗୁଁ ଉତ୍ତେଜନା ଦେଖାଦେଇଥିଲା । ଖବର ପାଇ ସ୍ଥାନୀୟ ବିଧାୟିକା ସଞ୍ଜଳି ମୁର୍ମୁ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକ, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ଏସ୍‌ଡିପିଓ ପ୍ରଭାତ ମଲ୍ଲିକ, ବିଡିଓ ପରମାନନ୍ଦ



ଖଣ୍ଡେଇ ଓ ଆଇଆଇସି ପଞ୍ଚାନନ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିଥିଲେ । ତେବେ ଅଧ୍ୟକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ସେମାନେ ଧାରଣାରୁ ହଟି ନଥିଲେ । ପରେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଘଟଣାସ୍ଥଳରେ ପହଞ୍ଚି ପ୍ରଶାସନର ଭୂମିକା ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଛାତ୍ରଛାତ୍ରୀଙ୍କ ଦାବି ପୂରଣ ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ କହିଥିଲେ । ଏଥିସହ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ସହ ଫୋନ୍‌ରେ କଥା ହୋଇ ଅଧ୍ୟକ୍ଷଙ୍କ ବିରୋଧରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କୁ ଅଧ୍ୟକ୍ଷଙ୍କ ବିରୋଧରେ ତଦନ୍ତ କରାଯାଇ ବଦଳି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଯୌନ ନିର୍ଯାତନା ଅଭିଯୋଗରେ ଅଧ୍ୟକ୍ଷଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଥିବା ମଧ୍ୟ ଜଣାପଡ଼ିଛି । ଅଧ୍ୟକ୍ଷ ଛୁଟିରେ ଥିବାରୁ ତାଙ୍କୁ ଛୁଟିରେ ରହିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପ୍ରଶାସନ ପକ୍ଷରୁ ମୋ ବସ୍ ଯୋଗେ ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଫେରାଇ ନିଆଯାଇଥିଲା ।

## ପୋଲିସର ଦୃଷ୍ଟି ଆଢୁଆଳରେ ଚାଲିଛି ଅନେକ ଜୁଆଆଡ୍ଡା

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ପରମ୍ପରା ନାଁରେ ଆରମ୍ଭ ହୋଇଗଲାଣି ତାସଖେଳ ଏବଂ ଜୁଆଖେଳର ଆସର । କେତେକ ସ୍ଥାନରେ ମଜାମଜଲିସରେ ଲୋକେ ତାସ ଖେଳୁଥିବା ବେଳେ ଆଉ କେତେକ ଜୁଆଖେଳରେ ପ୍ରଚୁର ଟଙ୍କା ବାଜିରେ ଲାଗୁଥିବା ଦେଖିବାକୁ ମିଳିଛି । ପୋଲିସ ମଧ୍ୟ ଏହି ବେଆଇନ ଜୁଆଖେଳ ରୋକିବାକୁ ସେମିତି କୌଣସି ଆଖିଦୃଶିଆ ଉଦ୍ୟମ କରୁନଥିବା ଦେଖିବାକୁ ମିଳିଛି । ବିଶେଷ କରି ପାର୍ବଣ ଋତୁ ବା ଦଶହରା ଆସିଲେ ବୁଗୁଡ଼ା ଅଞ୍ଚଳ ହୁଏ ଚଳଚଞ୍ଚଳ । ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ସବୁଠି ଚାଲେ ଜୁଆଖେଳର ଆସର । ମା' ଦୁର୍ଗାଙ୍କ ଆଗମନ କିମ୍ବା କୁମାର ପୂର୍ଣ୍ଣିମା ଉତ୍ସବକୁ ନେଇ ଲୋକମାନେ ଯେତିକି ଉତ୍ସାହିତ ହୋଇଥାନ୍ତି , ସାଙ୍ଗସାଥୀ ଓ ପରିବାର ଲୋକଙ୍କ ମଧ୍ୟରେ ତାସ ଖେଳିବା ପାଇଁ ମଧ୍ୟ ତା'ଠାରୁ ଢେର ଅଧିକ ଉତ୍ସାହିତ ହୋଇ ପଡ଼ିଥାନ୍ତି । କାଳକ୍ରମେ ଏହି ତାସଖେଳ କିଛି ଲୋକଙ୍କ ପାଇଁ ଜୁଆଖେଳର ପରମ୍ପରାରେ ପରିଣତ ହୋଇ ନିଶା ପାଲଟି ଯାଇଥିବାର ଦେଖିବାକୁ ମିଳୁଛି । ଅଳ୍ପ ସମୟ ମଧ୍ୟରେ ଅଧିକ ଟଙ୍କା ଆୟ କରିବା ପାଇଁ କିଛି ବ୍ୟକ୍ତି ଜୁଆଖେଳ ପ୍ରତି ଆଶକ୍ତ ହୋଇ ପଡୁଛନ୍ତି । ଏପରିକି ଅନେକ ସମୟରେ ବହୁ ଜୁଆଡ଼ି ନିଜର ସର୍ବସ୍ୱ ହରାଇ ରାସ୍ତାର ଭିକାରି ପାଲଟି ଯାଇଥିବାର ନଜିର ରହିଛି । ଅଧିକନ୍ତୁ, ଏହାକୁ ନେଇ ଭୟଙ୍କର ପାରିବାରିକ କଳହର ସୂତ୍ରପାତ ହେଉଥିବା ବେଳେ ଅନ୍ୟକିଛି ବ୍ୟକ୍ତି ଆତ୍ମହତ୍ୟା କରୁଥିବାର ମଧ୍ୟ ନଜିର ରହିଛି । କେବଳ ଯେ ଦଶହରା ବା କୁମାର ପୂର୍ଣ୍ଣିମା ନୁହେଁ ବର୍ଷର ପ୍ରାୟ ସବୁ ସମୟରେ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ଜୁଆଖେଳ ଚାଲୁଥିବାର ନଜିର ରହିଛି । ପ୍ରତିବର୍ଷ ଆଶ୍ୱିନ ମାସ ଆରମ୍ଭରୁ ହିଁ ବୁଗୁଡ଼ା ଥାନାର କିଛି ଅଞ୍ଚଳରେ ପୋଲିସ ପ୍ରଶାସନ ପକ୍ଷରୁ ଚଢାଉ କରାଯାଇ ପୁଳା ପୁଳା ଟଙ୍କା ଜବତ ସହ ବହୁ ଜୁଆଡ଼ିଙ୍କୁ କାବୁ କରିଥିବା ଦେଖିବାକୁ ମିଳୁଥିଲା ବେଳେ ଏବର୍ଷ ଏଥିରେ ଟିକିଏ ବ୍ୟତିକ୍ରମ ଘଟିଛି । ଭଦ୍ରମୁଖା ତଳେ ରହିଥିବା କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଜୁଆଖେଳ ଆୟୋଜନ କରୁଥିବାର ଜଣାପଡ଼ିଛି ।

## ଗୋଠରୁ ଗାଈକୁ ଟାଣିନେଲା ବାଘ

ଭଂଜନଗର, (ସବ୍ୟୁ) : ଉତ୍ତର ଘୁମୁସର ବନଖଣ୍ଡରେ କଳରାପତରିଆ ବାଘ ବୁଲୁଛି । ଏହା ଗତ କିଛି ଘଟଣାରୁ ସ୍ପଷ୍ଟ ହୋଇ ସାରିଛି । ତେବେ ବିଭିନ୍ନ ସମୟରେ ଏମାନଙ୍କ ଗତିବିଧି ଭିନ୍ନଭିନ୍ନ ସ୍ଥାନରେ ଦେଖିବାକୁ ମାନୁଛି । ଏହି କ୍ରମରେ ଜଗନ୍ନାଥପ୍ରସାଦ ବନାଞ୍ଚଳରେ ମଧ୍ୟ ଏହି ବାଘ ଚଳପ୍ରଚଳ ହେଉଥିବା ଜଣାପଡ଼ିଛି ।

ଗତ ଦୁଇଦିନ ପୂର୍ବରୁ ଏହି ବନାଞ୍ଚଳର ସମ୍ବରବନ୍ଧ ଗାଁ ନିକଟରେ ରହିଥିବା, ଗାଈ ଗୋଠରୁ, ଗୋଟିଏ ଗାଈକୁ ଟାଣିନେଇ ଆକ୍ରମଣ କରିଥିବା ଜଣା ପଡିଥିଲା । ଖବର ପାଇ ବନବିଭାଗ ଘଟଣା ସ୍ଥଳରେ ପହଞ୍ଚିଥିଲା । ତେବେ ଗାଈଗୋଠଟି ଜଙ୍ଗଲ ନିକଟରେ ହୋଇଥିବାରୁ ବନ୍ୟଜନ୍ତୁ ଏବଂ ବାଘ ଆସି ସହଜରେ ଶିକାର କରିବାରେ ସକ୍ଷମ ହେଉଛନ୍ତି । ଏଣୁ ଜଙ୍ଗଲ ନିକଟରେ ଗାଈ ଗୋଠ ନକରି ଗାଁ ନିକଟରେ ଗାଈଗୋଠ ରଖିବା ଆବଶ୍ୟକ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି ।

## ବ୍ରହ୍ମପୁର ଆରଏମଏସକୁ କଟକ ସ୍ଥାନାନ୍ତରିତ ନକରିବାକୁ ଦାବି

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁରରେ ଥିବା ରେଲୱେ ମେଲ ସର୍ଭିସ (ଆରଏମଏସ)କୁ କଟକ ରେଲୱେ ମେଲ ସର୍ଭିସ ବିଭାଗ ସହ ମିଶ୍ରଣ କରିବା ନେଇ କେନ୍ଦ୍ର ସରକାର ପ୍ରସ୍ତାବ ରଖିଛନ୍ତି । ତେଣୁ ଅଲ ଇଣ୍ଡିଆ ଆର.ଏମ.ଏସ ଆଣ୍ଡ ଏମ.ଏସ.ଏସ କର୍ମଚାରୀ ସଂଘ ଏହାକୁ ବିରୋଧ କରୁଛନ୍ତି । ଏହି ସଂସ୍ଥା ବ୍ରହ୍ମପୁରରେ ୧୯୭୪ ମସିହାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୫୦ ବର୍ଷ ହେବ ସେବା ଦେଇ ଆସୁଛି । ଡାକ ପରିବହନ ଓ ପ୍ରକ୍ରିୟାକରଣରେ ଏହି ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜରୁରୀ ରେଜିଷ୍ଟ୍ରି ଚିଠି, ପାର୍ସଲ ଓ ଅନ୍ୟାନ୍ୟ ଡାକସେବା ସନ୍ଧ୍ୟା ୫ଟା ପରେ ବନ୍ଦ ହୋଇଗଲା ପରେ ଓକିଲ, ମହକିଲ, ବ୍ୟବସାୟୀ ଓ ସାଧାରଣ ଜନତା ଏହି ଆରଏମଏସକୁ ସନ୍ଧ୍ୟା ପରେ ବ୍ୟବହାର କରିଥାନ୍ତି । ଏହା ବ୍ରହ୍ମପୁର ଠାରୁ ଯଦି ସ୍ଥାନାନ୍ତରିତ ହୋଇଯାଏ ତେବେ ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ବ୍ରହ୍ମପୁର ସହର ସମେତ ଏହାର ଆଖପାଖ ଅଞ୍ଚଳର ବହୁ ଜନ ସାଧାରଣ ଅସୁବିଧାର ସମ୍ମୁଖିନ ହେବେ । ଯଦି କଟକରୁ କୌଣସି ସଂସ୍ଥା ବ୍ରହ୍ମପୁରକୁ ସ୍ଥାନାନ୍ତର ହେଉ ନାହିଁ ତାହା ହେଲେ ବ୍ରହ୍ମପୁରରୁ କାହିଁକି କଟକ ସ୍ଥାନାନ୍ତରିତ କରାଯାଉଛି ବୋଲି ଗଞ୍ଜାମ ବାର କାଉନସିଲର ପୂର୍ବତନ ସଭାପତି ମନୋଜ କୁମାର ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । ଏନେଇ ସେ ଏକ ପତ୍ର ବ୍ରହ୍ମପୁର ସାଂସଦ ଡ଼ ପ୍ରଦୀପ କୁମାର ପାଣିଗ୍ରାହୀଙ୍କୁ ଲେଖିଛନ୍ତି । ତୁରନ୍ତ ଆପଣ କେନ୍ଦ୍ର ସରକାର ସହିତ ଯୋଗାଯୋଗ କରି ବ୍ରହ୍ମପୁର ଆର.ଏମ.ଏସ ସଂସ୍ଥା କଟକ ସହିତ ମିଶ୍ରଣ ବନ୍ଦ କରାନ୍ତୁ ବୋଲି ସେ ଦାବି କରିଛନ୍ତି ।

## ସିଦ୍ଧଳ ଜଗନ୍ନାଥ ମନ୍ଦିରର ପୂର୍ବତନ ସଭାପତିଙ୍କ ପରଲୋକ

ଜଗତସିଂହପୁର, (ସବ୍ୟୁ) : ଗୁରୁବାର ସକାଳ ୧୦ ଘ ୨୦ମିନିଟ ସମୟରେ ସିଦ୍ଧଳ ସ୍ଥିତ ବାସଭବନ କାଳିକିଙ୍କର ଆଚାର୍ଯ୍ୟ (କାଲୁ ଭାଇନା )ଙ୍କ ହୃଦଘାତରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା । ସେ ଜଣେ ଧାର୍ମିକ, ପରୋପକାରୀ ତଥା ଅତ୍ୟନ୍ତ ଅମାୟିକ ବ୍ୟକ୍ତି ହିସାବରେ ସମଗ୍ର ଅଞ୍ଚଳରେ



ବେଶ ଜଣାଶୁଣା ଥିଲେ । ସିଦ୍ଧଳ ଜଗନ୍ନାଥ ମନ୍ଦିର ପରିଚାଳନା ଠାରୁ ଆରମ୍ଭ କରି ଅନେକ ଧର୍ମୀୟ ଅନୁଷ୍ଠାନ ସହ ସେ ଜଡିତ ଥିଲେ । ସେହି ଜଗନ୍ନାଥ ମନ୍ଦିରରେ ବାହୁଡ଼ାରେ ବହୁବାର ଛେରା ପହଁରା କାର୍ଯ୍ୟ ଠାକୁର ରାଜା ହିସାବରେ ତୁଲେଇଥିଲେ । ତାଙ୍କର ଅକାଳ ବିୟୋଗରେ ସିଦ୍ଧଳ ସମେତ ସମଗ୍ର ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

## ସାମ୍ବାଦିକଙ୍କ ସ୍ୱାଭିମାନ, ସ୍ୱାର୍ଥ ଓ ସୁରକ୍ଷା ଦାବିରେ ୧୨ରେ ଗଣଧାରଣା

ବାରିପଦା, (ସବ୍ୟୁ) : ସାମ୍ବାଦିକଙ୍କ ସ୍ୱାଭିମାନ, ସ୍ୱାର୍ଥରକ୍ଷା ଓ ସୁରକ୍ଷା ଦାବିରେ ଆସନ୍ତା ଅକ୍ଟୋବର ୧୨ତାରିଖ ସୋମବାର ଦିନ ବାରିପଦାସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଶାନ୍ତିପୂର୍ଣ୍ଣ ଗଣଧାରଣା ଅନୁଷ୍ଠିତ ହେବ । ସକାଳ ୧୦ଟାରୁ ଏହି ଗଣଧାରଣା ଆରମ୍ଭ ହେବ ବୋଲି ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ମିଳିତ ମହାମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ), ଉତ୍କଳ ସାମ୍ବାଦିକ ସଂଘ, ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ), କଳିଙ୍ଗ ପେସାଦାର ସାମ୍ବାଦିକ ସଂଘ, ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ, ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ପରିବାର ଏବଂ ଓଡ଼ିଶା ଡିଜିଟାଲ ମିଡ଼ିଆ ମହାସଂଘ ପ୍ରମୁଖ ସଂଗଠନ ସହମତି ପ୍ରକାଶ କରିଛନ୍ତି । ସାମ୍ବାଦିକମାନଙ୍କ ଅଧିକାରର ସୁରକ୍ଷା, ପେସାଗତ ମର୍ଯ୍ୟାଦା ଓ ନିରାପତ୍ତା ସୁନିଶ୍ଚିତ କରିବା ସହ ସେମାନଙ୍କ ସାମୂହିକ ସ୍ୱାର୍ଥରକ୍ଷା ଦିଗରେ ଏକଜୁଟ ହୋଇ ସ୍ୱର ଉତ୍ତୋଳନ କରିବା ଏହି ଗଣଧାରଣାର ମୁଖ୍ୟ ଉଦ୍ଦେଶ୍ୟ । ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ସାମ୍ବାଦିକମାନେ ସମାଜର ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣୁଥିବାବେଳେ ସେମାନଙ୍କ ସ୍ୱାଭିମାନ ଓ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ମହାମଞ୍ଚ ପକ୍ଷରୁ କୁହାଯାଇଛି । ଏହି ପରିପ୍ରେକ୍ଷୀରେ ଦଳମତ ଓ ସଂଘଗତ ମତଭେଦରୁ ଊର୍ଦ୍ଧ୍ୱରେ ରହି ଜିଲ୍ଲାର ସମସ୍ତ ସାମ୍ବାଦିକଙ୍କୁ ଗଣଧାରଣାରେ ସାମିଲ ହେବାକୁ ମହାମଞ୍ଚ ପକ୍ଷରୁ ଆହ୍ୱାନ ଦିଆଯାଇଛି । ସାମ୍ବାଦିକଙ୍କ ମଧ୍ୟରେ ଏକତା, ପାରସ୍ପରିକ ସହଯୋଗ ଓ ସାମୂହିକ ଅଧିକାରର ସୁରକ୍ଷା ଦିଗରେ

## ନ୍ୟାସନାଲ ବୁକ୍ ଅଫ୍ ରେକର୍ଡସ୍ ୨୦୨୬

# ଛତ୍ରପୁରର ଝିଅ ଶୁଭସ୍ମିତାଙ୍କ କୃତିତ୍ୱ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଛତ୍ରପୁର ଦେବୀନଗର ସାହିର ଯୁବ ଚିତ୍ରଶିଳ୍ପୀ ତଥା ଲେଖିକା ଶୁଭସ୍ମିତା ପଣ୍ଡା ନିଜର ଅନନ୍ୟ କଳାପ୍ରତିଭା ପାଇଁ ନ୍ୟାସନାଲ ବୁକ୍ ଅଫ୍ ରେକର୍ଡସ୍ ୨୦୨୬ରେ ସ୍ଥାନ ହାସଲ କରିଛନ୍ତି । ରଥଯାତ୍ରା ଅବସରରେ ମାତ୍ର ୪୫ ମିନିଟରେ ମହମରେ ୧୫ ଇଞ୍ଚ ଉଚ୍ଚତାର ପ୍ରଭୁ ଜଗନ୍ନାଥଙ୍କ ପ୍ରତିକୃତି ନିର୍ମାଣ କରି ସେ ଏହି ସଫଳତା ଅର୍ଜନ କରିଛନ୍ତି । ତାଙ୍କର ଏହି କୃତିତ୍ୱ ଛତ୍ରପୁର ତଥା ସମଗ୍ର ଗଞ୍ଜାମ ଜିଲ୍ଲା ପାଇଁ ଗୌରବର ବିଷୟ ପାଲଟିଛି । ଶୁଭସ୍ମିତା ବ୍ରହ୍ମପୁରସ୍ଥିତ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜର ଇଲେକ୍‌ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ଶେଷ ବର୍ଷର ଛାତ୍ରୀ । ପାଠପଢ଼ା ସହିତ ଚିତ୍ରକଳା ଓ ସାହିତ୍ୟ କ୍ଷେତ୍ରରେ ମଧ୍ୟ ସେ ନିଜର ପ୍ରତିଭା ପ୍ରଦର୍ଶନ କରିଆସୁଛନ୍ତି । ପ୍ରଭୁ ଜଗନ୍ନାଥଙ୍କ ପ୍ରତି ଭକ୍ତି ଓ କଳା ପ୍ରତି ଗଭୀର ଆଗ୍ରହରୁ ସେ ଏହି ନିଆରା ପ୍ରତିକୃତି ନିର୍ମାଣ କରିଥିଲେ । ନ୍ୟାସନାଲ ବୁକ୍ ଅଫ୍ ରେକର୍ଡସ୍ ପକ୍ଷରୁ ଅନୁମୋଦନ ମିଳିବା ପରେ ପରିବାର, ବନ୍ଧୁବାନ୍ଧବ ଓ ଶୁଭେଚ୍ଛୁଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ଚିତ୍ରକଳା କ୍ଷେତ୍ରରେ ମଧ୍ୟ ଶୁଭସ୍ମିତାଙ୍କ ସଫଳତା ଉଲ୍ଲେଖନୀୟ । ସେ ଜାତୀୟ ସ୍ତରରେ ୩ଟି ସ୍ୱର୍ଣ୍ଣ ପଦକ ଏବଂ ଆନ୍ତର୍ଜାତୀୟ ସ୍ତରରେ ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଏଥିସହ ସାହିତ୍ୟ କ୍ଷେତ୍ରରେ ମଧ୍ୟ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ସେ ୩ଟି ଇଂରାଜୀ ପୁସ୍ତକର ଲେଖିକା ।



ଶୁଭସ୍ମିତା ମାତ୍ର ୧୧ ସପ୍ତାହ ମଧ୍ୟରେ ୨ଟି ଇଂରାଜୀ ପୁସ୍ତକ ପ୍ରକାଶ କରି ୨୦୨୫ ମସିହାରେ ଇଣ୍ଡିଆ ବୁକ୍ ଅଫ୍ ରେକଡର୍ସରେ ମଧ୍ୟ ସ୍ଥାନ ହାସଲ କରିଥିଲେ । ଶୁଭସ୍ମିତାଙ୍କ ପିତା ସୁରେନ୍ଦ୍ର କୁମାର ପଣ୍ଡା ଜଣେ ଆଇନଜୀବୀ ଏବଂ ମାତା ମମତା ରାଣୀ ପଣ୍ଡା ଜଣେ ଗୃହିଣୀ ।

## ଷ୍ଟେଟ୍ ବ୍ୟାଙ୍କ ପେନସନଭୋଗୀଙ୍କ ବାର୍ଷିକ ବୈଠକ, ୮ ବରିଷ୍ଠ ସଦସ୍ୟ ସମ୍ବର୍ଦ୍ଧିତ

ବାରିପଦା, (ସବ୍ୟୁ) : ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପେନସନଭୋଗୀଙ୍କ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ପ୍ରବନ୍ଧକ ସୁଭାଶିଷ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବୈଠକର ଉଦଘାଟନ କରିଥିଲେ



। ବୈଠକରେ ପେନସନଭୋଗୀଙ୍କ ଅବସରକାଳୀନ ସୁବିଧା, ସ୍ୱାସ୍ଥ୍ୟ ପରୀକ୍ଷା, ବୀମା ଓ ବିଭିନ୍ନ ସମସ୍ୟାର ସମାଧାନ ଉପରେ ଆଲୋଚନା ହୋଇଥିଲା । ଅତିଥି ଭାବେ ବାଲେଶ୍ୱର ଜୋନାଲ ସଭାପତି ହରେକୃଷ୍ଣ ପାତ୍ର, ସମ୍ପାଦକ ଗଣେଶ ଚନ୍ଦ୍ର ଜେନା, ଆଞ୍ଚଳିକ ସମ୍ପାଦକ ଗୌରାଙ୍ଗ ମଲ୍ଲିକ, ମୟୂରଭଞ୍ଜ ଆଞ୍ଚଳିକ ସମ୍ପାଦକ ଅଶୋକ ପଟ୍ଟନାୟକ ଓ ଜିଲ୍ଲା ସମ୍ପାଦକ ଚନ୍ଦ୍ରମୋହନ ମୁର୍ମୁ ଯୋଗଦେଇ ସମସ୍ୟାଗୁଡ଼ିକର ସମାଧାନ ପାଇଁ ମତାମତ ରଖିଥିଲେ । ଏହି ଅବସରରେ ୭୫ବର୍ଷରୁ ଊର୍ଦ୍ଧ୍ୱ ବୟସର ୮ଜଣ ପେନସନଭୋଗୀ ଜଗଦାନନ୍ଦ ଶଙ୍ଖୁଆ, ରାଧାକୃଷ୍ଣ ବାରିକ, ରଣଜିତ ପାଢ଼ୀ, ରାମଚନ୍ଦ୍ର ଗିରି, ଭୀମସେନ ଦାସ, ସଦାନନ୍ଦ ଜେନା, ସୁଶୀଲ ଚନ୍ଦ୍ର ଦାସ ଓ ଈଶ୍ୱର ଚନ୍ଦ୍ର ଟୁଡୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟ ପରିଚାଳକ ସମୀର ସାହୁଙ୍କ ନେତୃତ୍ୱରେ କର୍ମଚାରୀ ଦୁଷ୍ମନ୍ତ ସିଂ, ବିଶ୍ୱଜିତ ରାୟ ଓ ରାମଚନ୍ଦ୍ର ମୁଖି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଗ୍ଲୋରୀ ଟୁଡୁ ମଞ୍ଚ ପରିଚାଳନା କରିଥିବା ବେଳେ ଚନ୍ଦ୍ରମୁଖୀ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ । ମାନବ ସମ୍ବଳ ଅଧିକାରୀ ସଞ୍ଜୟ କୁମାର ନାୟକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

# ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ନିର୍ବାଚନର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

## ସଭାପତି ଓ ସମ୍ପାଦକ ପଦ ପାଇଁ ୩ ଜଣ ଲେଖାଏଁ ପ୍ରାର୍ଥୀ

ବାରିପଦା, (ସବ୍ୟୁ) : ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଚଳିତ ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ଶେଷ ହେବା ଶନିବାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ଛାତ୍ର ସଂସଦର ସଭାପତି ପଦ ପାଇଁ ଅଞ୍ଜନ ସୋରେନ, ବିଷ୍ଣୁ ମୁଖୀ ଓ ଶ୍ରଦ୍ଧାଶ୍ରୀ ପ୍ରହରାଜ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଥିବାବେଳେ ଉପସଭାପତି ପଦ ପାଇଁ ଜଗଦୀଶ କିସ୍କୁ, ସୁଜିତ ସମରେନ୍ଦ୍ର ପଣ୍ଡା ଓ ବିବାନ ପଟ୍ଟନାୟକ ରହିଥିବାବେଳେ ସମ୍ପାଦକ ପଦ ପାଇଁ ଅଜିତ ମହାନ୍ତ, ଲାଲଚାନ୍ଦ ଖଣ୍ଡେଲୱାଲ ଓ ପ୍ରବାଶ କୁମାର ମାର୍ଣ୍ଡି ନିର୍ବାଚନ ମଇଦାନରେ ଅଛନ୍ତି । ସହସମ୍ପାଦକ ପଦ ପାଇଁ ଅଜିତ ଅମରେନ୍ଦ୍ର ପଣ୍ଡା, ଦେଓପ୍ରକାଶ ପାତ୍ର, ଜଗବନ୍ଧୁ ମହାନ୍ତ ଓ ରଘୁନାଥ ବାସ୍କେ ପ୍ରାର୍ଥୀ ହୋଇଛନ୍ତି । ଏଥିସହିତ କଳା ସମାଜ, ବାଣିଜ୍ୟ ସମାଜ, ନାଟ୍ୟ ସମାଜ, ଓଡ଼ିଆ ସାହିତ୍ୟ ସମାଜ, ଶାରୀରିକ ଶିକ୍ଷା ସଂଘ, ବିଜ୍ଞାନ ସମାଜ ଓ ସାମାଜିକ ସେବା ଗୋଷ୍ଠୀର ବିଭିନ୍ନ ପଦବୀ ପାଇଁ ମଧ୍ୟ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । କଳା ସମାଜର ସମ୍ପାଦକ ପଦ ପାଇଁ ସସ୍ମିତା ସୋରେନ ଓ ସୋମନାଥ ନାୟକ, ସହସମ୍ପାଦକ ପଦ ପାଇଁ ଜଗଜୀବନ ମୁର୍ମୁ, ରାଜେଶ୍ୱରୀ ରାଉତ ଓ ଶ୍ରଦ୍ଧାସୁମନ ଜେନା ପ୍ରାର୍ଥୀ ହୋଇଛନ୍ତି । ବାଣିଜ୍ୟ ସମାଜର ସମ୍ପାଦକ ପଦ ପାଇଁ ଅମନ କୁମାର ସାହୁ, ଭାରତୀ ଟୁଡୁ ଓ ବିଶ୍ୱଜିତ ମହାନ୍ତି ରହିଥିବାବେଳେ ନାଟ୍ୟ ସମାଜର ସମ୍ପାଦକ ପଦ ପାଇଁ ବିକ୍ରମ ମାରାଣ୍ଡି, ଲକ୍ଷ୍ମୀପ୍ରିୟା ମୁଦି ଓ ରଶ୍ମିତା ପ୍ରଧାନ ପ୍ରତିଦ୍ୱନ୍ଦ୍ୱିତା କରିରୁଥିବାବେଳେ ନାଟ୍ୟ ସହସମ୍ପାଦକ ପଦ ପାଇଁ ଆୟୁଷ ପୃଷ୍ଟି ଓ ବାସନ୍ତି ମାରାଣ୍ଡି ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଓଡ଼ିଆ ସାହିତ୍ୟ ସମାଜର ସମ୍ପାଦକ ପଦ ପାଇଁ ଭାଗ୍ୟଜ୍ୟୋତି ଟୁଡୁ ଓ ଗ୍ଲୋରିଆ ମାଝୀଙ୍କ ନାମ ରହିଛି । ଶାରୀରିକ ଶିକ୍ଷା ସଂଘର ସମ୍ପାଦକ ପଦ ପାଇଁ ଦୀପୁ ସିଂହ, ମାନସ ଦେହୁରୀ ଓ ସୁଭ୍ର ରଞ୍ଜନ ପତି ଏବଂ ଯୁଗ୍ମ ସମ୍ପାଦକ ପଦ ପାଇଁ ବାଞ୍ଛୁ ହେମ୍ବ୍ରମ ଓ ଜୟ କୁମାର ପ୍ରାର୍ଥୀ ହୋଇଛନ୍ତି । ବିଜ୍ଞାନ ସମାଜର ସମ୍ପାଦକ ପଦ ପାଇଁ ଆଦିତ୍ୟ କିସ୍କୁ, ରବି ନାରାୟଣ ପଣ୍ଡା ଓ ସ୍ୱୟମ ସାଇ ପଲାଇ ଏବଂ ସହସମ୍ପାଦକ ପଦ ପାଇଁ ନିମାଇ ସୋରେନ ଓ ସୁଭାଶିଷ କୁମାର ମହାନ୍ତ ପ୍ରାର୍ଥୀ ଅଛନ୍ତି । ସାମାଜିକ ସେବା ଗୋଷ୍ଠୀର ସମ୍ପାଦକ ପଦ ପାଇଁ ନରେନ୍ଦ୍ର ବେହେରା ଓ ରାମଦାସ କିସ୍କୁ ଏବଂ ସହସମ୍ପାଦକ ପଦ ପାଇଁ ଗୁପ୍ତେଶ୍ୱର ନାଏକ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ମହାବିଦ୍ୟାଳୟ କର୍ତ୍ତୃପକ୍ଷ ସମସ୍ତ ପ୍ରାର୍ଥୀଙ୍କୁ ନିର୍ଦ୍ଧାରିତ ଆଚରଣ ବିଧି, ନିର୍ବାଚନ ନିୟମାବଳୀ, ଲିଙ୍ଗଡୋ କମିଟିର ସୁପାରିସ ଏବଂ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶାବଳୀ କଡ଼ାକଡ଼ି ପାଳନ କରିବାକୁ କହିଛନ୍ତି । ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପରେ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି । ଚଳିତ ନିର୍ବାଚନରେ ଏବିଭିପି ଓ ବିଜୁ ଛାତ୍ର ଜନତା ଦଳ ମଧ୍ୟରେ କଡାକଡି ପ୍ରତିଦ୍ୱନ୍ଦ୍ୱିତା ହେଉଥିବାବେଳେ ଛାତ୍ର ସଂସଦ ନିର୍ବାଚନକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି।

## ଏମକେସିଜି ବ୍ଲଡ ବ୍ୟାଙ୍କ ପକ୍ଷରୁ ସମ୍ବର୍ଦ୍ଧନା ସଭା ଓ ସଚେତନତା

ବ୍ରହ୍ମପୁର, (ସବ୍ୟୁ) : ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଅବସରରେ ବ୍ରହ୍ମପୁର ଏମକେସିଜି ବ୍ଲଡ ବ୍ୟାଙ୍କ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ପ୍ରଫେସର ଡ଼ଃ ସବିତା ପୋଲାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟଅତିଥି ଭାବେ ମେଡିକାଲ କଲେଜ ଅଧ୍ୟକ୍ଷ ଡିନ ପ୍ରଫେସର ଡ଼. ହରିକୃଷ୍ଣ ଦଳାଇ, ଅଧିକ୍ଷକ ପ୍ରଫେସର ଡ଼. ସୂଦୀପା ଦାଶ, ରେଜିଷ୍ଟର ଶ୍ୱେତ କୁମାର ଦାସ ଯୋଗ ଦେଇଥିଲେ । ଅତିଥିମାନେ ଏହି ଦିବସର ମହତ୍ତ୍ୱ ସହ ରକ୍ତଦାନ ଉପରେ ସଂଗଠନ ମାନଙ୍କ ଭୂମିକା ଉପରେ ଅଭିଭାଷଣ ରଖିଥିଲେ । ଖଲ୍ଲିକୋଟ ସ୍ଥିତ ସତ୍ୟସାଇ ଟ୍ୟୁଟୋରିଆଲ ଛାତ୍ର ଓ ଛାତ୍ରୀଙ୍କ ଦ୍ୱାରା ରକ୍ତଦାନ ଉପରେ ଏକ ସଚେତନତା ମୂଳକ ନାଟକ ସଂଜୀବନି ପରିବେଷଣ କରାଯାଇଥିଲା । ବିଭିନ୍ନ ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରିବା ସହ ଜନସଚେତନତା କରି ଓ ନୂତନ ରକ୍ତଦାତା ସୃଷ୍ଟି କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଆସିଷ୍ଟାଣ୍ଟ ପ୍ରଫେସର ଡ଼ଃ ବର୍ଷା ବୈଶାଖୀ ପଣ୍ଡା, ଡ଼ଃ ରଶ୍ମୀ ବ୍ଲଡ଼ବ୍ୟାଙ୍କ ପିଜି ବିଭାଗ ଛାତ୍ର ଓ ଛାତ୍ରୀ ସହ ବ୍ଲଡ଼ ବ୍ୟାଙ୍କ କର୍ମଚାରୀ ସୁଶାନ୍ତ କୁମାର ପାଣିଗ୍ରାହୀ, ବସନ୍ତ କୁମାର ବେହେରା, ପ୍ରଶାନ୍ତ କୁମାର ଶତପଥୀ, ଆସିତ କୁମାର ଶତପଥୀ, ରିନିମା ପ୍ରଧାନ ଏବଂ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

## ବିଦ୍ୟୁତ ଆଘାତରେ ବିହାରୀ ଶ୍ରମିକ ମୃତ

ଚିକିଟି, (ସବ୍ୟୁ) : ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ଚିକିଟି ଗଡ ରନେଶ୍ୱରି ମନ୍ଦିର ନିକଟରେ ନୂତନ ଭାବରେ ନିର୍ବାଣ ଚାଲୁରହିଛି । ଉକ୍ତ ପାଣିଟାଙ୍କି କାମରେ ନିୟୋଜିତ ଥିବା ବିହାର ରାଜ୍ୟର ଜଣେ ଶ୍ରମିକ ବିଦ୍ୟୁତ ଆଘାତରେ ମୃତ ବରଣ କରିଛନ୍ତି । ମୃତ ଶ୍ରମିକ ଜଣକ ବିହାର ରାଜ୍ୟର ସୌରଭ (୩୦) ବୋଲି ସୂଚନା ମିଳିଛି । ଗୁରୁତର ଯୁବକଙ୍କୁ ପ୍ରଥମେ ଗୁରୁତର ଅବସ୍ଥାରେ ଚିକିଟି ହସ୍ପିଟାଲରେ ଭର୍ତି କରାଯାଇଥିଲା । ଡାକ୍ତର ମୃତ ଘୋଷଣା କରିଥିଲେ ।

# କେଏସୟୁବି କଲେଜ୍ ମଇଦାନରେ ୩୫ ପ୍ରାର୍ଥୀ

## ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଭଞ୍ଜନଗର, (ସବ୍ୟୁ) : ଛାତ୍ର ସଂସଦ ନିର୍ବାଚନରେ ଶନିବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଅପରାହ୍ଣ ୩ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ଗଞ୍ଜାମ ଜିଲା ଭଞ୍ଜନଗର ସ୍ଥିତ ସାବିତ୍ରୀ ମହିଳା ମହାବିଦ୍ୟାଳୟର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ମଧ୍ୟ ପ୍ରକାଶ ପାଇଛି । ଏହି ମହାବିଦ୍ୟାଳୟର ସମସ୍ତ ପ୍ରାର୍ଥିନୀ ନିଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ଅନ୍ୟପକ୍ଷରେ, ଭଞ୍ଜନଗରର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ (କେଏସ୍ୟୁବି)ରେ ୩୫ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣାପଡ଼ିଛି । ସାବିତ୍ରୀ ମହିଳା ମହାବିଦ୍ୟାଳୟର ସଭାନେତ୍ରୀ ଭାବେ ଦୀପିକା ପ୍ରଧାନ ନିଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ସେହିପରି ଉପସଭାନେତ୍ରୀ ଭାବେ ସୁଶ୍ରିତା ପଣ୍ଡା, ସାଧାରଣ ସମ୍ପାଦିକା ଭାବେ ଅଙ୍କିତା ଗୌଡ଼, ସହସମ୍ପାଦିକା ଭାବେ ପ୍ରିୟଙ୍କା ପ୍ରିୟଦର୍ଶିନୀ ଷଡ଼ଙ୍ଗୀ, ସହକାରୀ ସାଂସ୍କୃତିକ ସମ୍ପାଦିକା ଭାବେ ଅଙ୍କିତା ଗୌଡ଼, କ୍ରୀଡ଼ା ସମ୍ପାଦିକା ଭାବେ ପୁଷ୍ପାଞ୍ଜଳି ସେଠୀ, ସହକ୍ରୀଡ଼ା ସମ୍ପାଦିକା ଭାବେ ସୁନିତା ନାୟକ, ନାଟ୍ୟ ସଂସଦ ସମ୍ପାଦିକା ଭାବେ ନନ୍ଦିନୀ ନାୟକ ଏବଂ ସହକାରୀ ନାଟ୍ୟ ସମ୍ପାଦିକା ଭାବେ ବିସ୍ମିତା ବିଶ୍ୱାଳ ନିଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ସଭାପତି ପଦବୀ ପାଇଁ ୩ ଜଣ, ଉପସଭାପତି ପଦବୀ ପାଇଁ ୩ ଜଣ, ସାଧାରଣ ସମ୍ପାଦକ ପଦବୀ ପାଇଁ ୪ ଜଣ ଏବଂ ସହକାରୀ ସାଧାରଣ ସମ୍ପାଦକ ପଦବୀ ପାଇଁ ୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

## ଗୋସାଇଁନୂଆଗାଁ ମା' କାଳୁଆ ଯାତ୍ରା ଆରମ୍ଭ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ସହରର ପ୍ରସିଦ୍ଧ ମା କାଳୁଆଙ୍କ ୧୫ ଦିନିଆ ଯାତ୍ରା ଆଜି ଠାରୁ ଆରମ୍ଭ ହୋଇଛି । ମାଁ କାଳୁଆଙ୍କୁ ପୋଲରି ଅମାବାସ୍ୟା ତିଥିରେ ମା'ଙ୍କ ନିମନ୍ତ୍ରଣ ନିମନ୍ତେ ଗୋସାଇଁ ନୂଆଗାଁ ବଡ ସାହି ଠାରୁ ଘଣ୍ଟ ଘଣ୍ଟା,ଢୋଲ ମହୁରୀ ବାଦ୍ୟ ବାଜଣାରେ ଜହାରହଜାର ଭକ୍ତ ମା' ଙ୍କ ମନ୍ଦିରରେ ପହଞ୍ଚି ପୂଜା ଅର୍ଚ୍ଚନା କରିଥିଲେ । ମାଁ କାଳୁଆ ଭକ୍ତ ମାନଙ୍କ ଗହଣରେ ବିଭିନ୍ନ ସାହି ପରିକ୍ରମା କରି ଆସି ଅସ୍ଥାୟୀ ମଣ୍ଡପରେ ବିଜେ ହେବେ । ମା' ଙ୍କ ଏହି ଯାତ୍ରା ଅକ୍ଟୋବର ୧୦ ତାରିଖ ପୋଲରି ଅମାବାସ୍ୟା ଠାରୁ ଆରମ୍ଭ ହୋଇ ଆସନ୍ତା ୨୫ ତାରିଖ କୁମାର ପୂର୍ଣ୍ଣିମାରେ ମା'ଙ୍କ ପ୍ରତ୍ୟାବର୍ତ୍ତନ କରିବେ । ୧୫ ଦିନ ବ୍ୟାପୀ ହିଁ ଗୋସାଇଁନୂଆଗାଁ ପ୍ରସିଦ୍ଧ ମା' କାଳୁଆ ଯାତ୍ରା ଅନୁଷ୍ଠିତ ହେବ ।

## ଅଜଣା ବାଇକ ଧକ୍କାରେ ବୃଦ୍ଧ ଗୁରୁତର, ରାସ୍ତା ଘେରିଲେ ଲୋକେ

ଚିକିଟି, (ସବ୍ୟୁ) : ଚିକିଟି ବ୍ଲକ ଅନ୍ତର୍ଗତ ଓଳପୁର ଛକ ନିକଟରେ ଶନିବାର ମଧ୍ୟାହ୍ନରେ ଅଜଣା ବାଇକ ଧକ୍କାରେ ଲାଓବାଡ଼ି ଗ୍ରାମର ଅଲେଖ ବେହେରା (୫୫)ଗୁରୁତର ଆହତ ହୋଇଥିଲେ । ଅଲେଖ ନିଜ ଗ୍ରାମକୁ ଯିବା ପାଇଁ ରାସ୍ତା କଡ଼ରେ ଅପେକ୍ଷା କରିଥିବା ବେଳେ ପଛପଟୁ ଏକ ଅଜଣା ବାଇକରେ ୩ଜଣ ବସି ଦ୍ରୁତ ଗତିରେ ଚିକିଟି ଅଭିମୁଖେ ଯାଉଥିବା ବେଳେ ବୃଦ୍ଧଙ୍କୁ ପଛପଟୁ ଧକ୍କା କରି ଘଟଣା ସ୍ଥଳରୁ ଫେରାର ହୋଇଥିଲେ । ଫଳରେ ଅଲେଖଙ୍କ ୨ ଟି ଗୋଡ଼ ଭାଙ୍ଗିଯିବା ସହ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ସ୍ଥିତ ବଡ଼ ମେଡିକାଲକୁ ପଠାଇଥିଲେ । ଉକ୍ତ ଘଟଣା ପ୍ରସାରିତ ହେବ ପରେ ଘଟଣା ସ୍ଥଳରେ ଲୋକ ମାନେ ପହଂଚି କ୍ଷତି ପୂରଣ ଓ ଚିକିତ୍ସା ଦାବିରେ ଟାଏର ଜାଳି ରାସ୍ତା ଅବରୋଧ କରିଥିଲେ । କୌଣସି ସୂତ୍ରରୁ ଖବର ପାଇଁ ଚିକିଟି ତହସିଲଦାର ବିଶ୍ୱରଂଜନ କହର ଏବଂ କେ. ନୂଆଗାଁ ଥାନା ଅଧିକାରୀ ବିଶ୍ୱଜିତ ନାୟକ ଘଟଣା ସ୍ଥଳରେ ପହଂଚି ଆନ୍ଦୋଳନକାରୀ ଲୋକଙ୍କୁ ବୁଝି ସୁଝା କରିଥିଲେ ।

## ରରୁଆଁ ଏପି କଲେଜ ଛାତ୍ର ସଂସଦ ନିର୍ବାଚନ

# ଏବିଭିପିର ସମସ୍ତ ୧୦ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ରରୁଆଁ ସ୍ଥିତ ଅଙ୍ଗାରପଦା ପଞ୍ଚାୟତ ମହାବିଦ୍ୟାଳୟର ଛାତ୍ରସଂସଦ ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ସମର୍ଥିତ ସମସ୍ତ ୧୦ଜଣ ପ୍ରାର୍ଥୀ ନିଦର୍ବନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ବିଭିନ୍ନ ପଦବୀ ପାଇଁ ଅନ୍ୟ କୌଣସି ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ନଥିବାରୁ ଏହି ଫଳାଫଳ ସାମ୍ନାକୁ ଆସିଛି । ଦୀର୍ଘଦିନ ପରେ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ହୋଇଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଓ ଆଗ୍ରହ ଦେଖାଦେଇଥିଲା । ନିର୍ବାଚନ ପ୍ରକ୍ରିୟାରେ ଏବିଭିପି ସମର୍ଥିତ ପ୍ରାର୍ଥୀମାନେ ବିଭିନ୍ନ ପଦବୀ ପାଇଁ ନାମାଙ୍କନ ଦାଖଲ କରିଥିଲେ । ଅନ୍ୟ କୌଣସି ପ୍ରାର୍ଥୀ ନଥିବାରୁ ସମସ୍ତେ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ନିର୍ବାଚିତ ପ୍ରାର୍ଥୀମାନଙ୍କ ମଧ୍ୟରେ ସଭାପତି ଭାବେ ଶୁଭଲକ୍ଷ୍ମୀ ମହାନ୍ତ,



ଉପସଭାପତି ଭାବେ ତେନଜ ହେମ୍ବ୍ରମ, ସମ୍ପାଦକ ଭାବେ ଶ୍ରବଣ କୁମାର ପ୍ରଧାନ ଏବଂ ସହ-ସମ୍ପାଦକ ଭାବେ ପୂଜାରାଣୀ ମହାକୁଡ଼ ନିର୍ବାଚିତ ହୋଇଛନ୍ତି । ସେହିପରି ଡ୍ରାମାଟିକ୍ ସେକ୍ରେଟାରୀ ଭାବେ ଆକାଶ କୁମାର ବାରିକ, ଡ୍ରାମାଟିକ୍ ଆସିଷ୍ଟାଣ୍ଟ ସେକ୍ରେଟାରୀ ଭାବେ ସୁଇଟି ନାଏକ, ଆଥଲେଟିକ୍ ସେକ୍ରେଟାରୀ ଭାବେ ଶିଖା ହାଁସଦା, ଆଥଲେଟିକ୍ ଆସିଷ୍ଟାଣ୍ଟ ସେକ୍ରେଟାରୀ ଭାବେ ପ୍ରକାଶ କୁମାର ନାଏକ, ଡିଏସଏ ସେକ୍ରେଟାରୀ ଭାବେ ଗଣେଶ୍ୱର ସିଙ୍କୁ ଏବଂ ଡିଏସଏ ଆସିଷ୍ଟାଣ୍ଟ ସେକ୍ରେଟାରୀ ଭାବେ ସ୍ମୃତି ତୁଙ୍ଗ ନିର୍ବାଚିତ ହୋଇଛନ୍ତି । ଏହି ନିର୍ବାଚନରେ ମହାବିଦ୍ୟାଳୟ ପରିସରରେ ଏବିଭିପିର ସଭାପତି ରୁଦ୍ର ନାରାୟଣ ପାଣିଗ୍ରାହୀ ଏବଂ ଉପସଭାପତି ଶୁଭମ ନାଏକଙ୍କ ନେତୃତ୍ୱରେ ସଂଗଠନର କାର୍ଯ୍ୟକର୍ତ୍ତାମାନେ ସକ୍ରିୟ ଭୂମିକା ନିର୍ବାହ କରିଥିବା ଜଣାପଡ଼ିଛି । ସମସ୍ତ ପ୍ରାର୍ଥୀ ନଦ୍ୱନ୍ଦ୍ୱର୍ରେ ନିର୍ବାଚିତ ହେବା ପରେ ମହାବିଦ୍ୟାଳୟରେ ଛାତ୍ର ସଂସଦର ନୂତନ ନେତୃତ୍ୱ ଗଠନ ହୋଇଛି । ନବନିର୍ବାଚିତ ପ୍ରତିନିଧିମାନେ ଛାତ୍ରଛାତ୍ରୀଙ୍କ ସମସ୍ୟା, ଶିକ୍ଷାଗତ ପରିବେଶର ଉନ୍ନତି ଏବଂ ମହାବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକଳାପରେ କିପରି ଭୂମିକା ନିର୍ବାହ କରିବେ, ତାହା ଉପରେ ଏବେ ଦୃଷ୍ଟି ରହିବ ।

# ଗୋପ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ବାତିଲ : ରାସ୍ତା ଅବରୋଧ

ଗୋପ,(ସବ୍ୟୁ):ଗୋପ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନକୁ ନେଇ କଲେଜ ପରିସର ଚଳଚଞ୍ଚଳ ଥିବା ବେଳେ ଶୁକ୍ରବାର ପ୍ରାର୍ଥିପତ୍ର ଦାଖଲ ସହିତ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଥିଲା ।ତେବେ ଶନିବାର କୌଣସି କାରଣ ନଥାଇ ନିର୍ବାଚନ ବାତିଲକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବଢ଼ିବାରେ ଲାଗିଛି ।ମୁଖ୍ୟତଃ ସେସମ୍ପୂର୍ଣ୍ଣରେ ଏବିଭିପି କୁ ପାର୍ଥ ନମିଲବରୁ ଶାସକ ଦଳ ଚାପରେ ବଶବର୍ତ୍ତୀ ହୋଇ ମହାବିଦ୍ୟାଳୟ ଅଧକ୍ଷା ଜୋସ୍ନାରାଣୀ ପଟ୍ଟନାୟକ ନିର୍ବାଚନ ବାତିଲ କରିଥିବା ଅଭଯୋଗହୋଇଛି ।ନିର୍ବାଚନ ବାତିଲ ହେବା ଖବର ପାଇବା ପରେ ଛାତ୍ରଛାତ୍ରୀମାନେ କଲେଜ ମୁଖ୍ୟ ଫାଟକରେ ତାଲା ପକାଇବା ସହ ଗୋପ -କୋଣାର୍କ ମୁଖ୍ୟ ରାସ୍ତାକରିଥିଲେ । ଏବିଭିପି ପକ୍ଷରୁ ୧୯ଟି ପଦ ପାଇଁ ଆବଶ୍ୟକ ସଂଖ୍ୟକ ପ୍ରାର୍ଥୀ ଦେଇପାରି ନଥିବା ବେଳେ ଛାତ୍ର ସଂଗଠନର ୯ ଜଣ ପ୍ରାର୍ଥୀ ନିର୍ଦୋନ୍ଦରେ ନିର୍ବାଚିତ ହୋଇଥିବା କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଛାତ୍ର ସଂଗଠନ ପ୍ରାର୍ଥୀମାନେ ବିଜୟୀ ହେବେ ବୋଲି ସଭାପତି ପ୍ରାର୍ଥୀ ନିମାଇଁ ଚାନ୍ଦ ସାହୁ କହିଥିଲେ । ଏବିଭିପି ପକ୍ଷରୁ କଡ଼ା ଟMର ହେବ ବୋଲି ଶନିବାର ନାମାଙ୍କନ ପତ୍ର ପ୍ରତ୍ୟାହାର ପରେ ଆଉ ଦୁଇଜଣ ପାର୍ଥି ନିର୍ଦ୍ୱନ୍ଦରେ ନିର୍ବାଚିତ ହେଇଥିବା ବେଳେ ।କୌଣସି କାରଣ ନଥାଇ କଲେଜ କର୍ତ୍ତୃପକ୍ଷ ନିର୍ବାଚନ ବାତିଲ କରିଥିବା ନେଇ ଅଭିଯୋଗ କରି ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା ଘଟଣା ସ୍ଥଳରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ଅତିତିକ୍ତ ତହସିଲ ଦାର ସତ୍ୟଜିତ ନାୟକ ,ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, କୋଣାର୍କ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିଆରୀ,ଗୋପ ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର, ପ୍ରମୁଖ ବୁଝାସୁଝା କରିବା ପରେ ଛାତ୍ରଛାତ୍ରୀ ମାନଙ୍କ ଠାରୁ ଦାବିପତ୍ର ପ୍ରଶାସନ ନେବାପରେ ରାସ୍ତାରୋକ ହଟିଥିଲା ।

# ଉତ୍କଳମଣିଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ

ବାଲିପାଟଣା, (ସବ୍ୟୁ):ପୁଣ୍ୟଶ୍ଲୋକ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୯ ତମ ଜୟନ୍ତୀରେ ତାଙ୍କର ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ବାଲିପାଟଣା ଛକ ସ୍ଥିତ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ବିଡ଼ିଓ ଶୁଭ୍ରାଂଶୁ ଶେଖର ପାଢ଼ୀ ମାଲ୍ୟାର୍ପଣ କରିଥିଲେ ।ବନମାଳୀପୁର ସ୍ଥିତ ଗୋପବନ୍ଧୁ ପାଠାଗାର ତରଫରୁ ଆୟୋଜିତ କାର୍ଯ୍ୟକ୍ରମ,ଅନୁଷ୍ଠାନ ର ସଭାପତି ଦେବ ପ୍ରସାଦ ରାୟ ପିତାମ୍ବର ମହାପାତ୍ର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଦେବ ପ୍ରସାଦ ପୃଷ୍ଟି, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଦିଲ୍ଲୀପ କୁମାର ଓଝା, ସମ୍ମାନିତ ଅତିଥି ଭାବେ ବି ଇ ଓ ଅର୍ଣ୍ଣବ କୁମାର ବେହୁରା ଓ ପ୍ରଧାନଶିକ୍ଷକ କପିଳେଶର ସ୍ୱାଇଁ ଯୋଗ ଦେଇଥିଲେ । ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା । ସମ୍ପାଦକ ଭରତ ଚନ୍ଦ୍ର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ମରଣୋତ୍ତର ଭାବେ ଅନୁଷ୍ଠାନର ପୂର୍ବତନ ସଭାପତି ତଥା ନିମାପଡା କଲେଜ ଅଧକ୍ଷ ଜୈନୁଲ ଆବେଦିନଙ୍କୁ ସମ୍ମାନିତ କରାଯାଇଥିଲା । ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ ମାନପତ୍ର ପାଠ କରିଥିଲେ ଓ ସେକ ମୁକ୍ତାର ଅଲି ପରିବାର ତରଫରୁ ଏହା ଗ୍ରହଣ କରିଥିଲେ । ଉପସଭାପତି ସ୍ୱତନ୍ତ୍ର ଠିକାଦାର ରମେଶ ସାହୁ, ସୁକାନ୍ତ କୁଂଆର ଓ ସଭ୍ୟ ରମେଶ ସାହୁ ଉପସ୍ଥିତ ଥିଲେ ।ପୂର୍ବତନ ସରପଞ୍ଚ କାଶୀନାଥ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।



କଣାସ ଜଳିଆପଡ଼ା ମାଆ ମଙ୍ଗଳାଙ୍କ ନାରାୟଣୀବେଶ

# ଗୋପବନ୍ଧୁ ଥିଲେ ସେବା ଓ ମାନବିକତାର ପ୍ରତୀକ

ବାଲିଅନ୍ତା (ସବ୍ୟୁ):ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇବ୍ରହ୍ମପୁର ପଞ୍ଚାୟତ ଯଶୁଆପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ମହାନ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ ତଥା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୯ ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି । ବିଦ୍ୟାଳୟର ପୁରାତନ ଛାତ୍ର ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ସୁରେଶ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବି ବିଧୁଭୂଷଣ ପଟ୍ଟନାୟକ, ନାରାୟଣ ବେହେରା, ପ୍ରମୋଦ ପାଢ଼ୀ, ସମାଜସେବୀ



ବ୍ରହ୍ମାନନ୍ଦ ସ୍ୱାଇଁ, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ଦୁର୍ଯ୍ୟୋଧନ ପ୍ରଧାନ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁମିତ୍ରା ସିଂ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଅବସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଛାତ୍ରଛାତ୍ରୀଙ୍କ ଶିକ୍ଷାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ନବମ ଓ ଦଶମ ଶ୍ରେଣୀର ମୋଟ ୩୮ ଜଣ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ, ଖାତା ଓ କଲମ ପ୍ରଦାନ କରାଯିବା ସହ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପ୍ରସ୍ତୁତିରେ ସହାୟତା ପାଇଁ ଟେଷ୍ଟ ପେପର୍ ବଣ୍ଟନ କରାଯାଇଥିଲା । ଏହି ପଦକ୍ଷେପ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରତି ଆଗ୍ରହୀ କରିବା ସହ ଗୋପବନ୍ଧୁ ଦାସଙ୍କ ସେବା, ତ୍ୟାଗ ଓ ମାନବିକତାର ଆଦର୍ଶକୁ ଅନୁସରଣ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା

# କାଶୀପୁର ପ୍ରାଥମିକ ବିଦ୍ୟାଳୟରେ "ସୁରଭି' କାର୍ଯ୍ୟକ୍ରମ

ନିରାକାରପୁର,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ କାଶୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ "ସୁରଭି' କାର୍ଯ୍ୟକ୍ରମ ଉତ୍ସାହ ଓ ଆନନ୍ଦର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାର୍ଥୀମାନେ ଗୀତ-ନାଚ, ଭାଷଣ, କୁଇଜ, ଶ୍ରୁତଲିଖନ, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ ।ଏହି ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ପଞ୍ଚମ ଶ୍ରେଣୀର ଛାତ୍ରୀ ତେଜସ୍ୱିନୀ ଦଳାଇ ଓ ଧରିତ୍ରୀ ପରିଡ଼ା ଏବଂ ଚତୁର୍ଥ ଶ୍ରେଣୀର ଛାତ୍ରୀ ଗୀତାଞ୍ଜଳି ପରିଡ଼ା କ୍ଲଷ୍ଟର ସ୍ତରୀୟ "ସୁରଭି' କାର୍ଯ୍ୟକ୍ରମକୁ ମନୋନୀତ ହୋଇଛନ୍ତି । ଏହି ତିନି ଛାତ୍ରୀ ରାମେଶ୍ୱର ବିଦ୍ୟାଳୟଠାରେ ହେବାକୁ ଥିବା କ୍ଲଷ୍ଟର ସ୍ତରୀୟ କାର୍ଯ୍ୟକ୍ରମରେ ଭାଗନେବେ ।ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଅନିତା ନାୟକଙ୍କ ନେତୃତ୍ୱରେ ସମସ୍ତ ପ୍ରତିଯୋଗିତା ସୁଚାରୁ ରୂପେ ପରିଚାଳିତ ହୋଇଥିଲା । ଏଥିରେ ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ମମତା ବେହେରା ଓ ଶ୍ରୀମତୀ ସଓ୍ୱାଗତିକା ପରିଡ଼ା ସହଯୋଗ କରିଥିଲେ ।

# ରେଳ ଧାରଣାରୁ ଅଜଣା ଯୁବକଙ୍କ ଶବ ଉଦ୍ଧାର

ବାଲୁଗାଁ,(ସବ୍ୟୁ): ଶନିବାର ମଧ୍ୟାହ୍ନ ସମୟରେ ଖୋର୍ଦ୍ଧା ରୋଡ଼ ରେଳ ଡିଭିଜନ ଅନ୍ତର୍ଗତ ଗଙ୍ଗାଧର ପୁର ଓ ସୋଲରୀ ଷ୍ଟେସନ ମଧ୍ୟସ୍ଥ ଡାଉନ ଲାଇନ ରେଳ ଧାରଣାରୁ ଜିଆରପି ପୁଲିସ ଜଣେ ଅଜଣା ଯୁବକ(୪୦)ଙ୍କ ମୃତ ଦେହକୁ ଜବତ କରିଛି । ଯୁବକ ଜଣକ କୌଣସି ଟ୍ରେନରୁ ଖସିପଡି ମୃତ୍ୟୁ ବରଣ କରିଥିବା ଅନୁମାନ କରାଯାଇଛି ।ମୃତକଙ୍କ ଜଣଙ୍କଗୋଲାପି ରଙ୍ଗର ସ୍ୱୋଟିଂ ଗଞ୍ଜି ଓ କଳା ରଙ୍ଗର ଫୁଲ ପ୍ୟାଣ୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି ।ଖବର ପାଇ ନିରାକାରପୁର ଜି ଆର ପି ଅଧିକାରୀ ଦିଲ୍ଲୀପ କୁମାର ସାହୁ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଏ ସମ୍ପର୍କରେ ୬୪/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଅବ୍ୟାହତ ରଖିଛନ୍ତି ।

# ଶରଣକୁଳରେ ଔଷଧଦୋକାନ ଯାଞ୍ଚ

ଶରଣକୁଳ, (ସବ୍ୟୁ): ଶରଣକୁଳର ବିଭିନ୍ନ ଔଷଧ ଦୋକାନରେ ଡ୍ରଗ୍ସ ଇନସପେକଟର ଶୁକ୍ରବାର ଯାଞ୍ଚ କରିଛନ୍ତି । ଔଷଧ ବିକ୍ରୟ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ନିୟମାନୁବର୍ତ୍ତିତା ବଜାୟ ରଖିବା ସହ ଜନସାଧାରଣଙ୍କୁ ଗୁଣାତ୍ମକ ଓ ନିରାପଦ ଔଷଧ ଯୋଗାଣ ସୁନିଶ୍ଚିତ କରିବା ଦିଗରେ ଏହି ତଦାରଖ ଉପରେ ଗୁରୁତ୍ୱ ଦିଆଯାଇଛି । ଡ୍ରଗ୍ସ ଇନ୍ସପେକଟର ସନ୍ତୋଷ କୁମାର ପ୍ରଧାନ ବିଭିନ୍ନ ଔଷଧ ଦୋକାନରେ ଔଷଧ ବିକ୍ରୟ ସମ୍ବନ୍ଧୀୟ ନିୟମାବଳୀର ଅନୁପାଳନ, ଔଷଧ ଗୁଣବତ୍ତା ଓ ଅନ୍ୟାନ୍ୟ ଆବଶ୍ୟକୀୟ ଦିଗ ଉପରେ ତଦନ୍ତ କରିଥିଲେ । ଔଷଧ ମଣିଷର ସ୍ୱାସ୍ଥ୍ୟ ସହ ସିଧାସଳଖ ଜଡ଼ିତ ଥିବାରୁ ଏହାର ବିକ୍ରୟ ଓ ବିତରଣ କ୍ଷେତ୍ରରେ ନିୟମ ପାଳନ କରିବା ଅତ୍ୟନ୍ତ ଜରୁରୀ । ବିଶେଷ କରି ଏକ୍ସପାୟାର ହୋଇଥିବା ଔଷଧର ବିକ୍ରୟ, ଡାକ୍ତରଙ୍କ ପରାମର୍ଶ ଆବଶ୍ୟକ ଥିବା ଔଷଧର ଅନିୟମିତ ବିକ୍ରୟ ଏବଂ ଔଷଧ ସଂରକ୍ଷଣ ସମ୍ବନ୍ଧୀୟ ନିୟମ ପ୍ରତି ଔଷଧ ବ୍ୟବସାୟୀମାନେ ସଚେତନ ରହିବା ଆବଶ୍ୟକ । ଏଭଳି ନିୟମିତ ତଦାରଖ ଦ୍ୱାରା ଔଷଧ ବ୍ୟବସାୟରେ ଅନିୟମିତତାକୁ ରୋକିବା ସହ ଗ୍ରାହକଙ୍କ ସଓ୍ୱାର୍ଥ ଓ ଜନସ୍ୱାସ୍ଥ୍ୟର ସୁରକ୍ଷା କରାଯାଇପାରିବ । ତେଣୁ ଔଷଧ ଦୋକାନ ମାଲିକ ଓ ବ୍ୟବସାୟୀମାନେ ସମସ୍ତ ସରକାରୀ ନିୟମାବଳୀ ପାଳନ ସହ ଗ୍ରାହକଙ୍କୁ ସଠିକ ଓ ନିରାପଦ ଔଷଧ ଯୋଗାଉଛନ୍ତି କି ନାହିଁ ତାହା ଦେଖିଥିଲେ । ଶରଣକୁଳରେ ଡ୍ରଗ୍ସ ଇନ୍ସପେକଟରଙ୍କ ଯାଞ୍ଚ ପରେ ସମସ୍ତ ଔଷଧ ଦୋକାନୀଙ୍କ ଭିତରେ ଛନକା ପଶିଯାଇଛି ।

# ରାମକୃଷ୍ଣ ଶିଶୁମନ୍ଦିରରେ ଗୋପବନ୍ଧୁ ଦାଶଙ୍କ ଜୟନ୍ତୀ

କାକଟପୁର ,(ସବ୍ୟୁ):କାକଟପୁର ବ୍ଲକ ଅନ୍ତର୍ଗତ ମହାଦେବବସ୍ତ ଗ୍ରାମ ରାମକୃଷ୍ଣ ଶିଶୁମନ୍ଦିରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଦାଶଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ଗାୟକ ବାଚସ୍ପତି ପଣ୍ଡିତ ବନବିହାରୀ ଗ୍ରହାଚାର୍ଯ୍ୟଙ୍କ ଅଧକ୍ଷତାରେ ଗୋପବନ୍ଧୁ ଙ୍କ ଜୀବନଦର୍ଶନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଅନୁଷ୍ଠାନର ପ୍ରତିଷ୍ଠାତା, ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ଦଳାଇଙ୍କ ତତ୍ୱାବଧାନରେ କବିତା ପାଠୋତ୍ସବ, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିତର୍କ ପ୍ରତିଯୋଗିତା ସମ୍ପର୍ଣ୍ଣ ହୋଇଥିଲା । ପ୍ରବାସୀ ଓଡ଼ିଆରନି ବରିଷ୍ଠ ସାମ୍ବାଦିକ ନାରାୟଣ ବେହେରା ମୁଖ୍ୟ ଅତିଥି, ଗାୟକ ବାଗ୍ମୀ ନାରାୟଣ ମହାରଣା ମୁଖ୍ୟବକ୍ତା, ବେଦବ୍ୟାସ ଶିଶିର କୁମାର ବସ୍ତିଆ, ଗାୟକ ଅତୀବ ମଙ୍ଗରାଜ ବିଶ୍ୱାଳ, ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ କୁମାର ରାଉତରାୟ, ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟା ରାଜଲକ୍ଷ୍ମୀ ସାହୁ, ଉପେନ୍ଦ୍ର କୁମାର ରାଉତ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ସାହିତ୍ୟ, ତ୍ୟାଗପୁତ ଜୀବନ ସମ୍ପର୍କରେ ଗଭୀର ଆଲୋକପାତ କରିଥିଲେ । ଇତ୍ୟବସରେ ହରେକୃଷ୍ଣ ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ରିନୁପମା ମହାରଣା, ପ୍ରମିଳା ମହାରଣା, ଅମିତା, ବୀଣାପାଣି ବାରିକ ଓ ଛାତ୍ର ଛାତ୍ରୀ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ପରିଶେଷରେ ରିନୁପମା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ତମନ୍ନା କଲେଜ ଛାତ୍ରଛାତ୍ରୀଙ୍କ ସ୍ୱଚ୍ଛ ଭାରତ ଅଭିଯାନ

ଦଶପଲ୍ଲା,(ସବ୍ୟୁ): ଦଶପଲ୍ଲାସ୍ଥିତ ତମନ୍ନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହୋଇଶନିବାରଦିନ ସ୍ଥାନୀୟ ଥାନା ପରିସର ସଫେଇ କରିଛନ୍ତି । ଇତ୍ୟବସରରେ ଛାତ୍ରଛାତ୍ରୀମାନେ ହାତରେ ପ୍ଲାକାର୍ଡ ଧରି ବିଭିନ୍ନସ୍ୱଚ୍ଛତାର ବାର୍ତ୍ତା ଏବଂ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । ସମ୍ପାଦିକା ମଧୁଲି ମଧୁସ୍ମିତାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ା, ଏଏସଆଇ ଅନନ୍ତ ବିଶାଳ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ମିଳନ କୁମାର ସାହୁ, ଉପାଧକ୍ଷ ସୁଶ୍ରୀ ସୁକୃତି ମହାପାତ୍ର, ବନବାସୀ ସାଧୁଚରଣ ସଂସ୍କୃତ କଲେଜର ଅଧକ୍ଷ ସରୋଜ କୁମାର ପ୍ରଧାନ, ସୁମିତ୍ରା ପ୍ରଧାନ, ଏଲିନା ପ୍ରିୟଦର୍ଶନୀ, ନୀର୍ମଳା ଦେହୁରୀ, କୁନା ସାହୁ, ଜ୍ୟୋତିପ୍ରକାଶ ନାୟକ, କାଇଁଚ ସେଠୀ, ସୁଶାନ୍ତ ଦେହୁରୀ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ନିମାପଡା କଲେଜ ନିର୍ବାଚନ : ପ୍ରାର୍ଥୀପତ୍ର ଖାରଜ ପରେ ପ୍ରାର୍ଥୀଙ୍କ ବିକ୍ଷୋଭ

ନିମାପଡା,(ସବ୍ୟୁ): କଲେଜ ନିର୍ବାଚନ ଲାଗି ନିମାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶୁକ୍ରବାର ସଂଧ୍ୟାରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ କଲେଜ କ୍ୟାମ୍ପସ ଅଶାନ୍ତ ହୋଇପଡିଛି। ଛାତ୍ର ସଂସଦ ନିର୍ବାଚନ ପାଇଁ ୨୧ଟି ପଦବୀ ଲାଗି ୫୩ ଜଣ ପ୍ରାର୍ଥୀ ନାମାଙ୍କନ ଭରିଥିଲେ। ସେମାନଙ୍କ ମଧ୍ୟରୁ ମାତ୍ର ୧୪ ଜଣ ଙ୍କ ପ୍ରାର୍ଥୀ ପତ୍ର କାଏମ ରହିଥିଲା। ବିଭିନ୍ନ ପଦବୀ ପାଇଁ ବିସିଜେଡି ର ୧୭ ଜଣ ପ୍ରାର୍ଥୀ ନାମାଙ୍କନ ଭରିଥିବା ବେଳେ ସେମାନଙ୍କ ମଧ୍ୟରୁ ସଭାପତି ପ୍ରାର୍ଥୀ ସମେତ ୧୬ ଜଣଙ୍କ ପ୍ରାର୍ଥୀ ପତ୍ର ଖାରଜ ହୋଇଥିଲା। ସେହିପରି ଏଆଇଏସଏଫ୍ ପକ୍ଷରୁ ୫ଟି ପଦବୀ ପାଇଁ ହୋଇଥିବା ପ୍ରାର୍ଥୀପତ୍ରକୁ ଖାରଜ କରାଯାଇଛି। ଚୁଡାନ୍ତ ପ୍ରାର୍ଥୀ ତାଲିକାରେ ମୋଟ ୧୪ ଜଣ ପ୍ରାର୍ଥୀ ରହିଥିବା ବେଳେ ସଭାପତି ପଦବୀ ପାଇଁ ୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତାରେ ଅଛନ୍ତି। ସରକାରୀ ଦଳ ଚାପରେ ବିଭିନ୍ନ ପଦବୀ ପାଇଁ ଦାଖଲ କରାଯାଇଥିବା ପ୍ରାର୍ଥୀପତ୍ରକୁ କଲେଜ କ%୦ର୍ପକ୍ଷ ପ୍ରାର୍ଥୀପତ୍ର ଖାରଜ କରିଦେଇଥିବା ବିଜେଡି,ଏଆଇଏସଏଫ୍,ଛାତ୍ରନେତାଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ବିସିଜେଡି ପ୍ରାର୍ଥଙ୍କ ପ୍ରାର୍ଥପତ୍ର ଗୁଡିକୁ ଖାରଜ କରାଯିବା ପରେ ଶୁକ୍ରବାର ସଂଧ୍ୟାରେ ନିର୍ବାଚନରୁ ବଂଚିତ ହୋଇଥିବା ପ୍ରାର୍ଥୀ,ସମର୍ଥକ ଓ ବିଜେଡି ନେତା ମାନେ କଲେଜ ପରିସରରେ ଧାରଣା ଦେବା ସହିତ ରାତ୍ରରେ ନିମାପଡା ଦୋଳବେଦୀ ଛକ ଠାରେ ପ୍ରାୟ ୩ ଘଂଟା ପର୍ଯ୍ୟନ୍ତ ରାସ୍ତାରୋକ କରିଥିଲେ। ତେବେ




ଶନିବାର ପ୍ରକାଶ ପାଇଥିବା ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ ପୂର୍ବ ତାଲିକା କାଏମ ରହିଥିବାରୁ କଲେଜ ପରିସର ଓ ରାଜରାସ୍ତାରେ ହଙ୍ଗାମା ଦେଖାଦେଇଛି। କଲେଜ ପରିସରରେ ଛାତ୍ରଙ୍କ ଆନ୍ଦୋଳନ ବେଳେ ଥାନା ଆଇଆଇସି ଛାତ୍ରଙ୍କୁ ଗଳାଧକ୍କା ମାରିଥିବା ନେଇ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇ ଆଇଆଇସିଙ୍କୁ ବଦଳୀ କରିବା ସହିତ ତାଙ୍କ ନାଁରେ ମାମଲା ରୁଜୁ କରିବାକୁ ବିଜେଡି ଓ ଛାତ୍ରନେତାଙ୍କ ପକ୍ଷରୁ ଦାବୀ କରାଯାଇଛି। ଆଇଆଇସିଙ୍କୁ ଅନ୍ୟତ୍ର ବଦଳି ସହ କାର୍ଯ୍ୟାନୁଷ୍ଠାନ ଓ କଲେଜ ନିର୍ବାଚନକୁ ବନ୍ଦ କରିବା ପାଇଁ ବିଜେଡି ଓ ଛାତ୍ର ବିଜେଡି ପକ୍ଷରୁ ଦାବୀ କରାଯାଇ ଶନିବାରମଧ୍ୟାହ୍ନରେ ଦୋଳବେଦୀ ଛକ ଠାରେ ୫ ଘଂଟା ଧରି ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା। ସେହିପରି ଶାସକ ଦଳର ଚାପରେ କଲେଜ ଅଧକ୍ଷ ପ୍ରାର୍ଥୀ ପତ୍ର ଖାରଜ କରିଦେଇଥିବା ପ୍ରାର୍ଥୀ ଓ ତାଙ୍କ ସମର୍ଥକ ମାନେ କଲେଜ ପରିସରରେ ଅହରାତ୍ର ଧାରଣା ଓ ବିକ୍ଷୋଭ କରିଥିଲେ।ଉପସ୍ଥାନ ହାର ୭୫ ପ୍ରତିଶତରୁ କମ ଥିବାରୁ ପ୍ରାର୍ଥୀପତ୍ର ନାକଚ କରାଯାଇଥିବା କଲେଜ ଅଧକ୍ଷ ଡଃ. ରାଜକିଶୋର ମିଶ୍ର କହିଛନ୍ତି। ଜଣେ ପ୍ରାର୍ଥୀ ନିଜର ନାମାଙ୍କ ପତ୍ରକୁ ପ୍ରତ୍ୟାହାର କରିବା ପାଇଁ କଲେଜ ପରିସରରେ ଦୀର୍ଘ ସମୟ ଧରି ଛିଡା ହେବା ପରେ ମଧ ପ୍ରତ୍ୟାହାର ପାଇଁ ସୁଯୋଗ ପାଇନଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

# ଶିଶୁ ଅନନ୍ତ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ : ଚୂଡାନ୍ତ ତାଲିକା ପ୍ରକାଶ

ବାଲିପାଟଣା ,(ସବ୍ୟୁ):ଛାତ୍ର ସଂସଦ ନିର୍ବାଚନ ପାଇଁ ବାଲିପାଟଣା ସ୍ଥିତ ଶିଶୁ ଅନନ୍ତ ମହାବିଦ୍ୟାଳୟରେ ୧୮ ଜଣ ପ୍ରାର୍ଥୀ ମନୋନୟ ପାତ୍ର ଦାଖଲ କରିଥିଲେ । ଶନିବାର ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ପରେ ଚୁଡାନ୍ତ ତାଲିକା ପ୍ରକାଶ ପାଇଛି ।ସଭାପତି ପଦପି ପାଇଁ ବିଶାଳ ଜେନା ଓ ସୌମ୍ୟ ରଞ୍ଜନ ବିଶ୍ୱାଳ, ସାଧାରଣ ସମ୍ପାଦକ ସୁଶ୍ରୀ ସଂଗୀତା ଭୋଇ, କୃତ୍ତିକା ମହାପାତ୍ର, ଶୁଷ୍ମିତା ଡାକୁଆ, ସହକାରୀ ସମ୍ପାଦକ ପାଇଁ ଅମିତ ପ୍ରସାଦ ସ୍ୱାଇଁ ଓ ଶୁବାଶିଷ ପାଣି, କ୍ରୀଡା ସମ୍ପାଦକ ପାଇଁ ଶୁଭଶ୍ରୀ ପ୍ରିୟଦର୍ଶିନୀ ଭୋଇ ଓ ରାକେଶ ସାହୁ ପ୍ରତିଦ୍ୱନ୍ଦିତା କରିବେ । ନାଟ୍ୟ ସମ୍ପାଦକ ପାଇଁ ଇତିଶ୍ରୀ ପରିଡା, ଉପ ସଭାପତି ରଶ୍ମିତା ନାଥ, ବାଳିକା କୋଠରୀ ସଂପାଦକ ପାଇଁ କଲ୍ୟାଣୀ ଦାସ ନିର୍ଦ୍ୱନ୍ଦରେ ନିର୍ବାର୍ଚିତ ହୋଇଛନ୍ତି ।

# ମହାଳୟାରେ ଉପବାସ ରହିଲେ ଶ୍ରୀନୀଳମାଧବ

କଣ୍ଟିଲୋ,(ସବ୍ୟୁ): ନୀଳମାଧବପୀଠର ଆରାଧ୍ୟ ଦେବତା ଶନିବାରଦିନି ମହାଳୟା ଅମାବାସ୍ୟା ତିଥିରେଅପରାହ୍ନ ୨ଟା ପର୍ଯ୍ୟନ୍ତ ଉପବାସ ରହିଥିବା ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାଯାଇଛି ।ଜନୈକ ସେବାୟତଙ୍କର ପାଳି ଦାୟିତ୍ୱ ଥିଲେ ମଧ ସେ ମନ୍ଦିର ଭିତରକୁ ଆସି ଆବଶ୍ୟକ ନୀତି କରିନଥିଲେ । ଯାଆଫଳରେ ଠାକୁର ଦାନ୍ତ ଘଷାରୁ ବଞ୍ଚିତ ହୋଇ ଉପବାସ ରହିଥିଲେ । ପାଳିଆ ସେବାୟତ କୌଣସି କାରଣରୁ ପୂଜକ ସମାଜ ସହିତ ସମ୍ପର୍କ ତିକ୍ତତା ଥିବାରୁ ଅସହଯୋଗ କରିଥିଲେ ଓ ସମ୍ପୃକ୍ତ ସେବାୟତ କୌଣସି ପାଉଣା ପାଉ ନଥିବାରୁ ଠାକୁରଙ୍କ ପାଳି କରିବେ ନାହିଁ ବୋଲି ଦେବୋତ୍ତର କାର୍ଯ୍ୟାଳୟରେ ଆପତ୍ତି କରିଥିଲେ । ଏ ସମ୍ବନ୍ଧରେ ଦେବୋତ୍ତର ସହକାରୀ ମ୍ୟାନେଜର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଖଣ୍ଡପଡା ତହସିଲଦାରଙ୍କୁ ତୁରନ୍ତ ଜଣାଇ ଦେଇଥିଲେ । ତହସିଲଦାର ବିଶ୍ୱ ବିସ୍ତୃତ ତ୍ରିପାଠୀ ହସ୍ତକ୍ଷେପ କରି ଠାକୁରଙ୍କ ନୀତି ତୁରନ୍ତ କରିବାକୁ ସହକାରୀ ମ୍ୟାନେଜର ବାଇଧର ରାଉତଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଦେବୋତ୍ତର କର୍ମଚାରୀ ଓ ସେବାୟତ ମାନଙ୍କ ଆଲୋଚନା କରାଯିବା ପରେ ଠାକୁରଙ୍କୁ ଅପରାହ୍ନ ୨ ଘଣ୍ଟା ୧୦ ମିନିଟ ସମୟରେ ମହାସ୍ନାନ କରାଯାଇ ବରିଷ୍ଠ ସେବାୟତ ରାସେଶ୍ୱର ମିଶ୍ର ଙ୍କ ଦ୍ୱାରା ନୀତି ନିୟମ ଅନୁସାରେ ପୂଜା କାର୍ଯ୍ୟ ଆରମ୍ଭ କରାଯାଇଥିଲା ।

# ନୀଳାଚଳ ସେବା ପ୍ରତିଷ୍ଠାନରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସପ୍ତାହ

କଣାସ,(ସବ୍ୟୁ):ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ଦୟାବିହାର ଠାରେ ଥିବା ପ୍ରତିଷ୍ଠିତ ସେଓ୍ୱଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ କଲ୍ୟାଣୀ ପ୍ରକଳ୍ପ (ନିରାଶ୍ରୟ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ଆଶ୍ରୟ ସ୍ଥଳ)ରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ପାଳନ କରାଯାଇଛି । ଉକ୍ତ ଉତ୍ସବରେ ୫ନଂ ଜୋନର ଜିଲ୍ଲାପରିଷଦ ସଭ୍ୟା ଲତାମଣୀ ଜଗଦେବ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଗୋଷ୍ଠୀଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା, ଦୁର୍ଗାଦେବୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ବେହେରା ଏବଂ ନୀଳାଚଳ ସେବା ପ୍ରତିଷ୍ଠାନର ପରିଚାଳନା ପରିଷଦର ଅଧକ୍ଷ କସ୍ତୁରୀ ଚରଣ ଚମ୍ପତି ପ୍ରମୁଖ ଯୋଗ ଦେଇଥିଲେ ।ପ୍ରକଳ୍ପ ସଂଯୋଜକ କୃଷ୍ଣଚନ୍ଦ୍ର ନିଶଙ୍କ ମାନସିକ ସ୍ୱାସ୍ଥ୍ୟ ସପ୍ତାହ ଉପରେ ବକ୍ତବ୍ୟ ରଖିଥିଲେ । ତପନ ଦାସ ମଞ୍ଚ ପରିଚାଳନା କରିବା ସହ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ସୁନ୍ଦର ବାର୍ତ୍ତା ଦେଇଥିଲେ । ସର୍ବଶେଷରେ ନିରାଶ୍ରୟ ମାନସିକ ଅସୁସ୍ଥ ଅନ୍ତେବାସୀ ମାନଙ୍କ ଦ୍ୱାରା ନୃତ୍ୟ, ଲଙ୍ଗଜମ୍ପ, ହାଇଜମ୍ପ, ସଟପୁଟ, ଦୌଡ଼ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ପ୍ରକଳ୍ପର ତଦାରଖକାରୀ ନିଗମାନନ୍ଦ ବାରିକ, ଲିପି ପ୍ରଧାନ, ସଓ୍ୱପ୍ନାଶ୍ରୀ ମହାନ୍ତି, ନନ୍ଦନ ମୁର୍ମୁ, ସମସ୍ତ ଚିକିତ୍ସା ମନୋବିଜ୍ଞାନୀ, ପରାମର୍ଶଦାତା, ସାମାଜିକ କର୍ମୀ, ମେଡିକାଲ କର୍ମଚାରୀ ଏବଂ ସମସ୍ତ କେୟାର ଟେକର ସହଯୋଗ କରିଥିଲେ ।

# ଆମ୍ବା ଅଧ୍ୟକ୍ଷଙ୍କ ଜନ୍ମୋତ୍ସବ ପାଳନ

କଣ୍ଟାପଡ଼ା, (ସବ୍ୟୁ):ପ୍ରାକ୍ତନ ସରପଞ୍ଚ ସାଂସଦଙ୍କ ପ୍ରତିନିଧି ତଥା କଣ୍ଟାପଡ଼ା ବ୍ଲକ ଆମ୍ବା ଅଧକ୍ଷ ପ୍ରଦୀପ୍ତକୁମାର ପାତ୍ରଙ୍କ ୫୯ତମ ଜନ୍ମୋତ୍ସବ ପାଳନ ହୋଇଛି । ଏହି ଉପଲକ୍ଷେ ପୋସ୍ତଳ ପଞ୍ଚାୟତ ଅନ୍ତର୍ଗତ ସୁଦସାଇଲୋ ଗ୍ରାମରେ ଥିବା ପ୍ରସିଦ୍ଧ ଶଙ୍କରେଶ୍ୱର ମଠ ଓ ମନ୍ଦିର ପ୍ରାଙ୍ଗଣରେ ଏକ ଭବ ସମାରୋହ ଅନୁଷ୍ଠିତ ହୋଇଥିଲା । ଏଥିରେ ସୁନ୍ଦର ପେଟ୍ରୋଲ ପମ୍ପ ମାଲିକ ତଥା ସମାଜସେବୀ ସୁନ୍ଦରପ୍ରଭାତ ଦାସ, କଣ୍ଟାପଡ଼ା ସରପଞ୍ଚ ନିର୍ମଳ ସାହୁ, କଟକ ସଦର ପ୍ରେସ କ୍ଲବ ସମ୍ପାଦକ ପ୍ରତାପକେଶରୀ ପାତ୍ର, ଗୋବିନ୍ଦପୁର ବିଜେପି ମଣ୍ଡଳ ସଭାପତି ଲଲାଟେନ୍ଦୁ ପାତ୍ର, ସାଂସଦଙ୍କ ପ୍ରତିନିଧି ସଂଗ୍ରାମ ପଟ୍ଟନାୟକ, ନାହାଲପୁର ସରପଞ୍ଚ



ନିରୁପମା ଜେନା, ସଂଗଠକ ସୁରେନ୍ଦ୍ର ପାତ୍ର, ସୁଦର୍ଶନ ଜେନା, ରଂଜନ ଦାସ, ସୁନ୍ଦରପବିତ୍ର ଦାସ ଓ ସାମ୍ବାଦିକ ମହେଶ୍ୱର ପାତ୍ରଙ୍କ ସମେତ ବହୁ ଯୁବନେତା, ନିର୍ବାଚିତ ଜନ ପ୍ରତିନିଧି, ମୁରବି ଓ ସମାଜସେବୀ ଯୋଗଦେଇ ପ୍ରଦୀପ୍ତଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରି ମନ୍ଦିର ପରିସରରେ ୧୦୮ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ । ଏହି ଅବସରରେ ଭଜନ କୀନ ପରିବେଷଣ ହୋଇଥିଲା । ଶେଷରେ ଆନନ୍ଦ ବଜାରରେ ସମସ୍ତେ ଅଂଶଗ୍ରହଣ କରିଥିଲେ ।

# ପୂଜାରେ ଭକ୍ତି, ଭସାଣିରେ ଶୃଙ୍ଖଳା : କଟକ ସଦର ପୋଲିସର କଡ଼ା ବାର୍ତ୍ତା

ଫୁଲନଖରା ,(ସବ୍ୟୁ): ପବିତ୍ର ଦୁର୍ଗାପୂଜାକୁ ଶାନ୍ତି, ଶୃଙ୍ଖଳା ଓ ଭାଇଚାରାର ପରିବେଶ ମଧ୍ୟରେ ପାଳନ କରିବା ସହ ଆଗାମୀ ଭସାଣି ଉତ୍ସବକୁ ସୁରକ୍ଷିତ ଓ ସୁଚାରୁ ଭାବେ ସମ୍ପନ୍ନ କରିବା ନେଇ କମିଶନରେଟ ପୋଲିସ ପକ୍ଷରୁ କଟକ ସଦର ଥାନା ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରତାପନଗରୀସ୍ଥିତ ମା' ଧାକୁଲେଇ ପୀଠସ୍ଥଳୀରେ ଆୟୋଜିତ ଏହି ବୈଠକରେ କଟକ ସଦର ଥାନା ଅଞ୍ଚଳର ବିଭିନ୍ନ ଦୁର୍ଗାପୂଜା କମିଟିର କର୍ମକର୍ତ୍ତା, ସ୍ଥାନୀୟ ଜନପ୍ରତିନିଧି, ସାମାଜିକ କର୍ମୀ, ବୁଦ୍ଧିଜୀବୀ ଓ ପୋଲିସ ପ୍ରଶାସନର ଅଧିକାରୀମାନେ ଯୋଗଦେଇ ପୂଜା ଓ ଭସାଣି ଉତ୍ସବକୁ ସୁଚାରୁ ଭାବେ ପରିଚାଳନା ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।ବୈଠକରେ ମୁଖ୍ୟ ଅତିଥି ଭାବେ ଏସିପି ଅମିତାଭ ମହାପାତ୍ର ଯୋଗଦେଇ ଦୁର୍ଗାପୂଜା ଭଳି ଏକ ବଡ଼ ଧାର୍ମିକ ଓ ସାମାଜିକ ଉତ୍ସବକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ପାଳନ କରିବାରେ ପୂଜା କମିଟି ଓ ପୋଲିସ ପ୍ରଶାସନର ସମନ୍ୱୟ ଅତ୍ୟନ୍ତ ଜରୁରୀ ବୋଲି ମତ ପ୍ରକାଶ କରିଥିଲେ । ପ୍ରଶାସନ ପକ୍ଷରୁ ଜାରି ହେବାକୁ ଥିବା ବିଧିବ୍ୟବସ୍ଥା ଓ ନିୟମାବଳୀକୁ ପୂଜା କମିଟିଗୁଡ଼ିକ ଅନୁପାଳନ କରିବା ସହ ଭକ୍ତ ଓ ସାଧାରଣ ଲୋକଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବାକୁ ସେ ପରାମର୍ଶ ଦେଇଥିଲେ ।ବିଶେଷକରି ପୂଜା ସମୟରେ ଭିଡ଼ ନିୟନ୍ତ୍ରଣ, ଯାତାୟାତ ବ୍ୟବସ୍ଥା, ମଣ୍ଡପରେ ଶୃଙ୍ଖଳା, ଆଲୋକୀକରଣ, ମାଇକ ଓ ଧ୍ୱନି ବ୍ୟବସ୍ଥା, ଅଗ୍ନି ନିରାପତ୍ତା ଏବଂ ଭସାଣି ସମୟରେ ଶୋଭାଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।କଟକ ସଦର ଥାନା ଅଧୀନରେ ଥିବା ୩୪ ଗୋଟି ଦୁର୍ଗାପୂଜା କମିଟିର




କର୍ମକର୍ତ୍ତା ଏହି ପ୍ରସ୍ତୁତି ବୈଠକରେ ଯୋଗଦେଇଥିଲେ । ପ୍ରତ୍ୟେକ ପୂଜା କମିଟି ନିଜ ନିଜ ଅଞ୍ଚଳରେ କିଭଳି ଭାବେ ଭକ୍ତଙ୍କ ସୁବିଧା, ଯାତାୟାତ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିପାରିବେ, ସେନେଇ ଆଲୋଚନା ହୋଇଥିଲା ।ସଂଗଠକ ସ୍ୱାଧୀନଚେତା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମାଜସେବୀନିହାର ରଞ୍ଜନ ପଣ୍ଡା, ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ, କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ଲିଂ୍ଗା ନାୟକ, ପୂର୍ଣ୍ଣିମା ସାଇଁ, ନିମାଇଁ ଲେଙ୍କା ଓ ପ୍ରମୋଦ ସଓ୍ୱାଇଁ ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ବୈଠକରେ ପୂଜାକୁ କେବଳ ଧାର୍ମିକ ଉତ୍ସବ ଭାବେ ନୁହେଁ, ବରଂ ସାମାଜିକ ଏକତା, ଭାଇଚାରା ଓ ପରିବେଶ ସୁରକ୍ଷାର ବାର୍ତ୍ତା ବହନ କରୁଥିବା ଉତ୍ସବରେ ପରିଣତ କରିବାକୁ ଆହ୍ୱାନ ଦିଆଯାଇଥିଲା । ଏହି ଅବସରରେ ପଲିଥିନମୁକ୍ତ ପୂଜା ମଣ୍ଡପ, ଡିଜେମୁକ୍ତ ରୋଷଣୀ ଏବଂ ନିଶାମୁକ୍ତ ଭସାଣି ପାଇଁ ଯୁବ ସଂଗଠକ ପ୍ରମୋଦ ଓଝା ଆହ୍ୱାନ ଦେଇଥିଲେ । ସେହିପରି ଭସାଣି ଉତ୍ସବ ସମୟରେ ନିଶା ସେବନକୁ ସମ୍ପୂର୍ଣ୍ଣ ଭାବେ ଏଡ଼ାଇବା ଉପରେ କଟକ ସଦର ଥାନା ଅଧିକାରୀ ତୁଷାରକାନ୍ତ ସେଠୀ ବିଶେଷ ଗୁରୁତ୍ୱାରୋପ କରିଥିଲେ । ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା ନକରିବା ଏବଂ ଶୋଭାଯାତ୍ରା ସମୟରେ ଟ୍ରାଫିକ ନିୟମ ପାଳନ କରିବାକୁ ମଧ ସେ ପରାମର୍ଶ ଦେଇଥିଲେ ।ବୈଠକରେ ପ୍ରମୋଦ ଓଝା, ପ୍ରଭାତ ସେନାପତି, ବିକ୍ରମ ସେନାପତି, ଲକ୍ଷ୍ମୀଧର ପ୍ରଧାନ, ସୁଶାନ୍ତ ମହାନ୍ତି, ନଳିନୀ ସେନାପତି, ପ୍ରଦୀପ ବେହେରା, ପ୍ରସନ୍ନ ପ୍ରଧାନ, ଚିତ୍ତରଞ୍ଜନ କର, ରାଜେଶ ସ୍ୱାଇଁ, ନାରାୟଣ ରାଉତ, ଶୈଳଜାନନ୍ଦ ସାହୁ, ଲିଙ୍ଗରାଜ ମହାନ୍ତି, କୌଶିକ ଜେନା ଓ ବାଦଲ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ ।

# ମିଳୁନି ପାନୀୟଜଳ:ଗରା ବାଲ୍‌ଟି ରଖି ଯୋଡ଼ୁମରେ ରାସ୍ତାରୋକ

ନରସିଂହପୁର,(ସବ୍ୟୁ): ପାନୀୟଜଳ ଟୋପାଏ ପାଇଁ ଡହଳବିକଳ ଗ୍ରାମବାସୀ । ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିବା ସେ%୦ କୌଣସି ସୁଫଳ ନ ମିଳିବାରୁ ଶେଷରେ ରାସ୍ତାକୁ ଓହ୍ଲାଇଛନ୍ତି ଉତ୍ତ୍ୟକ୍ତ ଗ୍ରାମବାସୀ ।ଏଭଳି ଘଟଣା ନରସିଂହପୁର ବ୍ଲକ ଅନ୍ତର୍ଗତ ଯୋଡମୁଁ ଗ୍ରାମରେ ତୀବ୍ର ପାନୀୟ ଜଳ ସଙ୍କଟ ଦୀର୍ଘ ଦିନ ଧରି ହୋଇ ଆସୁଛି । ଏହାର ସୁବ୍ୟବସ୍ଥା ପାଇଁ ବାରମ୍ବାର ବିଭିନ୍ନ ସ୍ଥାନରେ ତଥା ପ୍ରଶାସନ ଓ ଜନପ୍ରତିନିଧିଙ୍କ ନିକଟରେ ଜଣାଇଥିଲେ । ମାତ୍ର କୌଣସି ସୁଫଳ ମା ମିଳିବାରୁ ଗ୍ରାମବାସୀ ଶୁକ୍ରବାର ମୁଖ୍ୟ ରାସ୍ତାରେ ଖାଲି ଗରା ଓ ବାଲଟି ରଖି ବସିରହି ନରସିଂହପୁର - କାମଳାଡିହ ରାସ୍ତାକୁ ଅବରୋଧ କରିଥିଲେ ।ଗ୍ରାମବାସୀଙ୍କ ଅଭିଯୋଗ ଗ୍ରାମରେ ଦୀର୍ଘ ଦିନ ଧରି ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଗ୍ରାମର ନଳକୂପ ଓ ପାଇପ ଜଳ ପ୍ରକଳ୍ପ ଅଚଳ ହୋଇ ପଡ଼ିରହିଥିବାରୁ ଲୋକେ ଦୂରଦୂରାନ୍ତରୁ ପାଣି ସଂଗ୍ରହ କରିବାକୁ ବାଧ୍ୟ ହେଉଛନ୍ତି । ଏହି ସମସ୍ୟା ନେଇ ସ୍ଥାନୀୟ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ କେହି କର୍ଣ୍ଣପାତ କରିନଥିଲେ । ଯାହା ଫଳରେ ଶନିବାର ସ୍ଥାନୀୟ ମହିଳା ଓ ପୁରୁଷମାନେ ଆମେ ଏକାଠି ହୋଇ ମୁଖ୍ୟ ରାସ୍ତା ଉପରେ ଗରା, ବାଲଟି ରଖି ଯାନବାହନ ଚଳାଚଳ ବନ୍ଦ କରିବାକୁ ବାଧ୍ୟ ହେଉଛୁ । ରାସ୍ତାରୋକ ଯୋଗୁଁ ରାସ୍ତାର ଉଭୟ ପାଶ୍ୱର୍ରେ ଗାଡ଼ିମୋଟର ଅଟକି ରହି ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇପଡିଥିଲା । ଏହାର ବହୁ ସମୟ ପରେ ଘଟଣା ସ୍ଥଳରେ ଯୋଡମୁଁ ଥାନା ନିରୀକ୍ଷକ ସୁନୀଲ କାଣ୍ଡି ଓ ବ୍ଲକ ପ୍ରଶାସନ ଅଧିକାରୀ ପହଁଞ୍ଚି ଆସନ୍ତା ପାଞ୍ଚଦିନ ମାଧରେ ପାନୀୟଜଳ ସମସ୍ୟା ଦୂର କରାଯିବ ବୋଲି ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା ।

# ପ୍ରେରଣାର ଉତ୍ସ ସର୍ବକନିଷ୍ଠ ଶହୀଦ ବାଜି ରାଉତ



ପ୍ରହ୍ଲାଦ କୁମାର ସିଂହ

ଏତିକି ସେ ଅମାନିଆ ପିଲା
ଫଉଜର ଗୁଳି ଗୋଳା,
ରଜା, ଝଡ କିଛି ନ ମାନିଲା ।
ଧୂଳି ଖେଳ ଛାଡି
ଗୁଳି ଆଗେ ଜୀବନକୁ
ହସି ହସି ଦେଲା ସିନା ବାଡ଼ି ।
ଛୋଟ ପୁଣି ଏଡେ ସେ ବିରାଟ
ଜୀବନ ପାରିଲା ନାଇଁ ରଖି ତାକୁ
ମୃତ୍ୟୁ ତାରେ ଛାଡିଦେଲା ବାଟ ।।

ସ୍ୱାଧୀନତା ସଂଗ୍ରାମ ସମୟରେ ଚାଲିଥିବା ଗଡଜାତ ପ୍ରଜା ଆନ୍ଦୋଳନରେ ଦେଶର ସର୍ବକନିଷ୍ଠ ଶହୀଦ ବାର ବର୍ଷର ବାଳକ ବାଜି ରାଉତ । ତାଙ୍କ ସମେତ ୬ ଜଣଙ୍କ ଚିତାଗ୍ନି ଜଳୁଥିବା ବେଳେ କଟକର ଶ୍ମଶାନ ଘାଟରେ ଏହି କାଳଜୟୀ କବିତା ଲେଖିଥିଲେ କବି ସଚ୍ଚି ରାଉତରାୟ । ବର୍ତ୍ତମାନ ପିଢ଼ିର ଲୋକେ ହୁଏତ ବିଶ୍ୱାସ କରିବେ ନାହିଁ ଯେ ବାଜି ରାଉତ ଭଳି ଛୋଟ ପିଲାଟିଏ ଜୀବନକୁ ବାଜି ଲଗାଇ ଦେଲା ସିନା ବ୍ରିଟିଶ୍ ଫୌଜ ଆଗରେ ମୁଣ୍ଡ ନୁଆଁଇଲା ନାହିଁ । ଏହି ବଳିଦାନର ଅମର ଗାଥା ଭାରତ ଇତିହାସରେ ଯେପରି ଭାବେ ସ୍ଥାନିତ ହେବା କଥା ତାହା ଅଦ୍ୟାବଧି ହୋଇନାହିଁ ।

ବ୍ରିଟିଶ୍ ସରକାରଙ୍କ ଛତ୍ରଛାୟା ତଳେ ଢେଙ୍କାନାଳର ରାଜା ଯେପରି ବର୍ବରତାର ସୀମା ସରହଦ ଟପି ଯାଇଥିଲେ ତାହାର ଲୋମଟାଙ୍କୁରା ବିବରଣୀ ବ୍ରଜକିଶୋର ଧଳଙ୍କ 'ଭୁଲିବୁ ନାହିଁ' ଓ ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କ 'ଢେଙ୍କାନାଳର ଗଣବିଦ୍ରୋହ'ରେ ଦେଖିବାକୁ ମିଳେ । ଏହାଛଡ଼ା ଢେଙ୍କାନାଳ ପ୍ରଜା ଆନ୍ଦୋଳନର ଅନ୍ୟତମ ନେତା ବୀର ବୈଷ୍ଣବ ପଟ୍ଟନାୟକଙ୍କ ଠାରୁ ଆରମ୍ଭ କରି କାଳିନ୍ଦୀ ଚରଣ ପାଣିଗ୍ରାହୀ, ସଚ୍ଚି ରାଉତରା, ଅନନ୍ତ ପଟ୍ଟନାୟକ, ମନମୋହନ ମିଶ୍ର, ରାଧାମୋହନ ଗଡ଼ନାୟକଙ୍କ ଭଳି ଓଡ଼ିଶାର ପ୍ରଥିତଯଶା କବି ଓ ସାହିତ୍ୟିକମାନଙ୍କ ଲେଖନୀ ମୁନରେ ସହିଦ ବାଜିଙ୍କ ବଳିଦାନ ସମେତ ଢେଙ୍କାନାଳ ଗଡ଼ଜାତ ଅତ୍ୟାଚାରର ଅନେକ କାହାଣୀ ଲିପିବଦ୍ଧ ହୋଇ ରହିଛି । ଯତନନଗରର ଯନ୍ତ୍ରଣାକୁ ସେମାନେ ଯତ୍ନର ସହ ପୁସ୍ତକ ପୃଷ୍ଠାରେ ସାଇତି ରଖିଛନ୍ତି ।

ଢେଙ୍କାନାଳ ଗଡ଼ଜାତର ଲୋମଟାଙ୍କୁରା ଅତ୍ୟାଚାରରେ ଦୁର୍ବିସହ ଜନତାଙ୍କ ସ୍ୱତଃପ୍ରବୃତ୍ତ ମେଳିରୁ ସୃଷ୍ଟି ହୋଇଥିଲା 'ଗଡ଼ଜାତ ପ୍ରଜା ଆନ୍ଦୋଳନ' । ଏହାକୁ ଦବାଇବା ପାଇଁ ବ୍ରିଟିଶ୍ ଫୌଜଙ୍କ ସହାୟତାରେ ଢେଙ୍କାନାଳ ରାଜା ଯେକୌଣସି ପଦକ୍ଷେପ ନେବାକୁ ବି ପଛାଉ ନଥିଲେ । ପ୍ରଜା ଆନ୍ଦୋଳନକୁ ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ଭଗବତୀ ଚରଣ ପାଣିଗ୍ରାହୀ, ସାରଙ୍ଗଧର ଦାସ, ପ୍ରାଣନାଥ ପଟ୍ଟନାୟକ, ଗୌରାଙ୍ଗ ଚରଣ ଦାସ, ମାଳତୀ ଚୌଧୁରୀଙ୍କ ପରି ବହୁ ସଂଗ୍ରାମୀ ଖୋଲା ସମର୍ଥନ ଦେଉଥିଲେ । ଗଡ଼ଜାତ ବାହାରେ ଅତ୍ୟାଚାରୀ ଲୋକମାନଙ୍କ ପାଇଁ ସ୍ୱତନ୍ତ୍ର ଶିବିରରେ ବି ଆଶ୍ରୟ ଦିଆ ଯାଉଥିଲା । ସେଠାକାର ଘଟଣା ସମ୍ପର୍କରେ ଜାତିର ଜନକ ମହାତ୍ମା ଗାନ୍ଧି ବାରମ୍ବାର ଉଦ୍‌ବେଗ ପ୍ରକାଶ କରୁଥିଲେ ।

ପ୍ରଜାମଣ୍ଡଳର ମେଳିରେ ଆତଙ୍କିତ ରାଜାଙ୍କ ନିବେଦନ କ୍ରମେ କଲିକତା (ଏବର କୋଲ୍‌କାତା)ରୁ ସଶସ୍ତ୍ର ବ୍ରିଟିଶ୍ ଫୌଜ ଆସି ପହଞ୍ଚିଲେ ଢେଙ୍କାନାଳରେ । ଏହାଛଡ଼ା ଢେଙ୍କାନାଳ ରାଜାଙ୍କ ଅନ୍ୟ ବନ୍ଧୁ ଗଡ଼ଜାତ ରାଜାମାନେ ବି ଆନ୍ଦୋଳନ ଦବାଇବା ପାଇଁ ସେମାନଙ୍କ ସୈନ୍ୟ ପଠାଇଥିଲେ । ସେ ଥିଲା ୧୯୩୮ ମସିହା କଥା । ସେତେବେଳକୁ ଢେଙ୍କାନାଳ ରାଜା ଲୋକଙ୍କ ଉପରେ 'ରାଜଭକ୍ତ କର' ନାମରେ ଏକ ନୂଆ ଟିକସ ଲଦିଥାନ୍ତି । ଯେଉଁମାନେ ରାଜକର ଦେବାକୁ କୁଣ୍ଠାବୋଧ କରୁଥାନ୍ତି ସେମାନଙ୍କ ଉପରେ ଅତ୍ୟାଚାର ସହିତ ସେମାନଙ୍କ ସମ୍ପତ୍ତି ବି ବାଜ୍ୟାପ୍ତି ହୋଇଥାଏ । ବୀର ବୈଷ୍ଣବ ପଟ୍ଟନାୟକ, ହରମୋହନ ପଟ୍ଟନାୟକ, ବ୍ରଜ କିଶୋର ଧଳ, ସୁବାହୁ ସିଂହଙ୍କ ଭଳି ନେତାମାନେ କିନ୍ତୁ ପରିଣାମକୁ ଖାତିର ନ କରି ଆନ୍ଦୋଳନ ତେଜୁଥାନ୍ତି। ଇତିମଧ୍ୟରେ ବହୁ ସ୍ଥାନରେ ଗୁଳି ଓ ଲାଠିଚାଳନା ହୋଇ ସାରିଥାଏ । କେତେ ଲୋକଙ୍କୁ ଧରି ରାଜାଙ୍କ ଲୋକମାନେ ନାହିଁ ନ ଥିବା ଯନ୍ତ୍ରଣା ଦେଉଥାନ୍ତି ।

**ଢେଙ୍କାନାଳ ସହରର ବାଜି ଛକ, ନୀଳକଣ୍ଠପୁର ଗାଁର ବ୍ରାହ୍ମଣୀ ନଦୀ ଘାଟ, ନିର୍ଯାତନାର ପ୍ରତୀକ ଯତନନଗର ଆଦି ନିକଟରେ ସତେ ଯେମିତି ବାଜି ଓ ଅନ୍ୟମାନଙ୍କ ଅତୃପ୍ତ ଆତ୍ମା ଘୁରି ବୁଲୁଛି । ଦୁଃଖ ଓ ପରିତାପର ବିଷୟ ଯେ ଭାରତ ଇତିହାସରେ ଦେଶର ସର୍ବକନିଷ୍ଠ ସହିଦ ବାଜି ରାଉତଙ୍କ ବଳିଦାନ ଠିକଣା ଭାବେ ସ୍ଥାନିତ ହୋଇପାରି ନାହିଁ ।**



ସେତେବେଳକୁ ଓଡ଼ିଶାର ସବୁଠାରୁ ବଡ଼ ଗାଁ ଭୁବନରେ ପ୍ରଜାମେଳି ଜୋରଦାର୍ ହେଉଥାଏ । ଏହି ଖବର ପାଇ ବ୍ରିଟିଶ୍ ଓ ରାଜାଙ୍କ ଫୌଜ ୧୯୩୮ ଅକ୍ଟୋବର ୧୦ ତାରିଖରେ ଭୁବନ ଉପରେ ଚଢ଼ଉ କଲେ । ସେଠାରେ ଅନେକ ଘର ଭାଙ୍ଗିଲେ, ଯାହାକୁ ପାରିଲେ ତାକୁ ଧରିଲେ, ପିଟିଲେ । ଲୋକେ ବିରୋଧ କରିବାରୁ ଆତଙ୍କିତ ପୋଲିସ ଫୌଜ ଆଖିବୁଜା ଗୁଳିଚାଳନା କଲେ । ଘଟଣାସ୍ଥଳରେ ରଘୁ ନାୟକ ଓ ଗୁରି ନାୟକ ସହିଦ ହେଲେ । ରକ୍ତରଞ୍ଜିତ ଭୁବନରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିଲେ ବି ଲୋକେ ଜୀବନକୁ ପାଣି ଛଡ଼ାଇ ହତ୍ୟାକାରୀ ପୋଲିସ ବାହିନୀ ଉପରେ ପ୍ରତିଶୋଧ ନେବା ପାଇଁ ଆଗେଇ ଆସିଲେ । ଏଥିରେ ଆତଙ୍କିତ ହୋଇ ପୋଲିସ ବାହିନୀ ପଛଘୁଞ୍ଚା ଦେଲା । ଜୀବନ ବିକଳରେ ଏମାନେ ଢେଙ୍କାନାଳ ଫେରିବା ପାଇଁ ଦୌଡ଼ିଲେ ।

ସେ ଥିଲା ୧୯୩୮ ଅକ୍ଟୋବର ୧୦-୧୧ ରାତି । ପ୍ରଜା ଆନ୍ଦୋଳନର ବାନର ସେନାରେ ସାମିଲ ହୋଇଥିବା ବାର ବର୍ଷର ବାଳକ ବାଜି ରାଉତ ନୀଳକଣ୍ଠପୁର ଗ୍ରାମ ନିକଟରେ ଥିବା ବ୍ରାହ୍ମଣୀ ନଦୀ ଘାଟରେ ଡଙ୍ଗା ଜଗିଥାଏ । ଆଗରେ ଭରା ନଈ, ପଛରେ ପ୍ରତିଶୋଧ ନେବା ପାଇଁ ଦୌଡୁଥିବା ଜନସମୁଦ୍ର । ଏ ପରିପ୍ରେକ୍ଷୀରେ ନଈପାରି ହେବା ପାଇଁ ଥିବା ଏକମାତ୍ର ଡଙ୍ଗାକୁ ରାତିରେ ଜଗିଥାଏ ବାଳକ ବାଜିଆ । ପୋଲିସ ବାହିନୀର ନିର୍ଦ୍ଦେଶ ସେମାନଙ୍କୁ ନଦୀପାରି କରିଦେବା ପାଇଁ । କିନ୍ତୁ ବୀର ବାଳକ ବାଜିଆର ରୋକ୍‌ଠୋକ୍ ଉତ୍ତର, ପ୍ରଜାମଣ୍ଡଳର ନିର୍ଦ୍ଦେଶ ଅଛି, ରାଜାର ଫୌଜଙ୍କୁ ନଦୀପାରି କରାଇ ଦେବି ନାହିଁ । ଏ ପରିପ୍ରେକ୍ଷୀରେ ବ୍ରିଟିଶ୍ ଫୌଜର ଲାଠି ଓ ବନ୍ଧୁକର ଧମକକୁ ସେ ବେଖାତିର କରିବାରୁ ଶେଷରେ ଫୌଜଙ୍କ ଗୁଳି ବାଜି ରାଉତଙ୍କ ମୁଣ୍ଡରେ ବାଜିଲା । ଗାଁ ମାଟି ନୀଳକଣ୍ଠପୁର ଓ ତାହା ନିକଟରେ ପ୍ରବାହିତ ପବିତ୍ର ବ୍ରାହ୍ମଣୀର ଜଳରାଶିରେ ବାଜିଙ୍କର ରକ୍ତ ମିଶିଲା । ସେହି ନୀଳକଣ୍ଠପୁର ଘାଟରେ ହୋଇଥିବା ସଂଘର୍ଷରେ ଲକ୍ଷ୍ମଣ ମଳିକ, ନଟ ମଳିକ ଓ ହୁରୁଷି ପଧାନଙ୍କ ଭଳି ଆଉ ୩ ଜଣ ଗ୍ରାମବାସୀ ବି ସହିଦ ହେଲେ । ଲୋକଙ୍କ ଆକ୍ରମଣରେ କିଛି ପୋଲିସ ଆହତ ହୋଇଥିବା ବେଳେ ସେମାନଙ୍କ କାର୍ଯ୍ୟାନୁଷ୍ଠାନରେ ଆଉ କେତେକ ଗ୍ରାମବାସୀ ମଧ୍ୟ ରକ୍ତାକ୍ତ ହେଲେ । ଏଭଳି ଏକ ଆତଙ୍କଜନକ ପରିସ୍ଥିତିରେ ବାଜିଙ୍କୁ ମାରି ଅନ୍ଧାରରେ ଲୁଚି ଡଙ୍ଗା ଧରି ପଳାଇ ଆସିଲେ ହତ୍ୟାକାରୀ ପୋଲିସ ଫୌଜ ।

ଶହୀଦ ବାଜି ରାଉତ, ହୁରୁଷି ପ୍ରଧାନ, ଲକ୍ଷ୍ମଣ ମଳିକ, ନଟ ମଳିକ, ରଘୁ ନାଏକ ଓ ଗୁରି ନାଏକଙ୍କ ମରଶରୀରଗୁଡ଼ିକୁ ବୀର ବୈଷ୍ଣବ ପଟ୍ଟନାୟକଙ୍କ ନେତୃତ୍ୱରେ କିଛି ସ୍ୱେଚ୍ଛାସେବୀ ରେଳଗାଡ଼ିରେ କଟକ ଆଣିଲେ । ମହାନଗରୀ କଟକରେ ୬ଟି ଶଗଡ଼ଗାଡ଼ିରେ ଏହି ୬ଜଣ ସହିଦଙ୍କର ଶବାଧାର ରଖାଯାଇ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯିବା ସହ ସତ୍କାର କରାଯାଇ ଥିଲା । ହଜାର ହଜାର ମୁକ୍ତିକାମୀ ଜନତାଙ୍କ ଉପସ୍ଥିତିରେ ଏମାନଙ୍କ ଜୁଇ ଜଳି ଉଠିଲା । ଆଉ ସେହି ଶ୍ମଶାନଘାଟରେ ଜୁଇ ନିକଟରେ ସୃଷ୍ଟି ହେଲା ସ୍ୱାଧୀନତା ସଂଗ୍ରାମ ପାଇଁ କାଳଜୟୀ କବିତାମାନ । ବାଜି ରାଉତଙ୍କ ବଳିଦାନକୁ ଅମର କରି ରଖିବା ପାଇଁ କବି ଲେଖିଲେ –

ନୁହେଁ ବନ୍ଧୁ, ନୁହେଁ ଏହା ଚିତା,
ଏ ଦେଶ ତିମିର ତଳେ
ଏ ଅଲିଭା ମୁକତି ସଳିତା ।
ନୁହେଁ ଏହା ଜଳିଯିବା ପାଇଁ
ଏହାର ଜନମ ଏଥି ଜାଳିପୋଡି
ଦବାକୁ ଧସାଇ...
ଏ ଶିଖା ଦେଇଚି ଆଜି
ଇତିହାସେ ହାତ ଟେକି ଦାନ
ଶତାବ୍ଦୀର ଶ୍ରେଷ୍ଠ ଫୁଲ,
ମୁକୁଳିତ ମୃତ୍ୟୁହୀନ ପ୍ରାଣ ।

ସହିଦ ବାଜି ରାଉତ ନାହାନ୍ତି କିନ୍ତୁ ତାଙ୍କ ସ୍ମୃତିର ସ୍ମାରକୀ ଭାବେ ଅନୁଗୁଳରେ ରହିଛି ମାଳତୀ ଚୌଧୁରୀଙ୍କ ଦ୍ୱାରା ସ୍ଥାପିତ 'ବାଜି ରାଉତ ଛାତ୍ରାବାସ', ଯେଉଁଠି ସବୁଦିନ ପିଲାମାନେ ବୈତାଳିକ ବୋଲନ୍ତି, 'ମାଦଳ୍ ବାଜିଲାରେ ଘୁମୁରା ବାଜିଲା, ଭାଇ ଘୁମୁରା ବାଜିଲା // ଆମେ ସବୁ ଅଟୁ ଭାଇ ବାଜି ରାଉତର ଚେଲାରେ // ଗୁଳି ଚୋଟେ ଯେହ୍ନୁ ପ୍ରାଣ ଦେଲା // ଅନ୍ଧାରିମୂଳକ ମଧ୍ୟେ ଦିହୁଡି ଜାଳିଲାରେ // ବାର ବରଷର ମାଝି ପିଲା...।'

ଢେଙ୍କାନାଳ ସହରର ବାଜି ଛକ, ନୀଳକଣ୍ଠପୁର ଗାଁର ବ୍ରାହ୍ମଣୀ ନଦୀ ଘାଟ, ନିର୍ଯାତନାର ପ୍ରତୀକ ଯତନନଗର ଆଦି ନିକଟରେ ସତେ ଯେମିତି ବାଜି ଓ ଅନ୍ୟମାନଙ୍କ ଅତୃପ୍ତ ଆତ୍ମା ଘୁରି ବୁଲୁଛି । ଦୁଃଖ ଓ ପରିତାପର ବିଷୟ ଯେ ଭାରତ ଇତିହାସରେ ଦେଶର ସର୍ବକନିଷ୍ଠ ସହିଦ ବାଜି ରାଉତଙ୍କ ବଳିଦାନ ଠିକଣା ଭାବେ ସ୍ଥାନିତ ହୋଇପାରି ନାହିଁ ।

ଏମାନଙ୍କ ବଳିଦାନ ବ୍ୟର୍ଥ ଯାଇ ନାହିଁ । ଦେଶ ସ୍ୱାଧୀନ ହୋଇଛି । ଢେଙ୍କାନାଳ ସମେତ ଅନ୍ୟ ଗଡ଼ଜାତଗୁଡ଼ିକ ଭାରତରେ ମିଶିଛନ୍ତି । ଅନ୍ୟାୟ, ଅତ୍ୟାଚାର, ଶୋଷଣ ଆଦି ବିରୋଧରେ ଉଠିଥିବା ଶାଣିତ ସ୍ୱରକୁ ଦବାଇବା ପାଇଁ ଏଭଳି ଅନେକ ବର୍ବରୋଚିତ ଦମନଲୀଳା ପ୍ରାକ୍ ସ୍ୱାଧୀନତା କାଳରେ ଘଟିଛି । ସ୍ୱାଧୀନତା ପରେ ବି ଅନ୍ୟାୟ, ଅତ୍ୟାଚାର, ଶୋଷଣ ଆଦି ଭିନ୍ନ ରୂପରେ ରହିଛନ୍ତି । କିନ୍ତୁ ତଫାତ୍ ଏତିକି ଯେ ସେତେବେଳେ ଏଥିରୁ ମୁକ୍ତି ପାଇବା ପାଇଁ ବାଜି ରାଉତ ଭଳି ୧୨ ବର୍ଷର ବୀର ବାଳକ ଜୀବନକୁ ପାଣି ଛଡ଼ାଇ ଦେଇଥିବା ବେଳେ ଏବେ ସଂଗ୍ରାମର ସ୍ୱର ନରମି ଯାଇଛି । କଷ୍ଟଲବ୍ଧ ସ୍ୱାଧୀନତାର ସୁରକ୍ଷା ଓ ନିଜ ଅଧିକାର ସାବ୍ୟସ୍ତ ପାଇଁ ପରମୁଖାପେକ୍ଷୀ ଯୁବକ, ତରୁଣ ଓ ଛାତ୍ର ସମାଜ ପଛଘୁଞ୍ଚା ଦେଉଛନ୍ତି । ରାଜନେତାଙ୍କ ଗୋଡ଼ାଣିଆ ହେବା, ସେମାନଙ୍କ ଦ୍ୱାରା ପ୍ରବାହିତ ସୁରା ସାଗରରେ ସ୍ନାନ କରିବା ସତେ ଯେମିତି ଏକ ପ୍ରଥାରେ ପଡ଼ିଯାଇଛି । ସ୍ୱାଧୀନତାର ଘୋଷିତ ପ୍ରତିଶ୍ରୁତି ସବୁ ଉପେକ୍ଷିତ ହୋଇ ରହିଥିବା ବେଳେ ଆଜି ବି ଭାରତମାତା ଖୋଜୁଛି ବାଜି ରାଉତଙ୍କ ଭଳି ବୀର ବାଳକମାନଙ୍କୁ ଯେଉଁମାନେ ପୁଣି ନିଜ ଜୀବନକୁ ବାଜି ଲଗାଇ ମାତୃଭୂମିର ସେବା କରିପାରିବେ । ଏଥିପାଇଁ ଧନ ଅପେକ୍ଷା ଅଧିକ ଲୋଡ଼ା ଅଛି ସଂକଳ୍ପବଦ୍ଧ ମନର ।

https://gandhibichar.com
ମୋ–୯୪୩୭୦୧୭୩୯୫

## ଏ ସପ୍ତାହର କେତୋଟି କବିତା

## କବିତା

### ଡ. ମନୋରଞ୍ଜନ ବିଷୋୟୀ

ଶବ୍ଦ ଓ ଭାବକୁ ନେଇ
କବିତା ଲେଖିଥାଏ ।
ସୂକ୍ଷ୍ମ ଅନୁଭବର
ଉଚ୍ଚାରଣ ଭିତରେ
କହିପାରି ନଥିବା
ଅନେକ କଥା
କବିତାରେ କହିଥାଏ ।
ହରାଇଥିବା ସ୍ମୃତି
ସାଇତି ଥିବା ସ୍ୱପ୍ନ
ପାଇଥିବା ସତ୍ୟକୁ
କବିତାରେ ଗୁନ୍ଥିବାକୁ
ଶବ୍ଦ ଖୋଜୁଥାଏ ।
ପ୍ରତିଶବ୍ଦରେ ପ୍ରତିଶ୍ରୁତିର
ବହଳ ଅଙ୍ଗୀକାର
ଅନୁଭବ କରି
ଜୀବନର ନକ୍ସା ଆଙ୍କୁଥାଏ ।
ତେଣୁ ତ ନିଜକୁ
ଚରାଚର ଭିତରେ
ଚରାଚରକୁ ନିଜ ଭିତରେ
ବ୍ୟକ୍ତ କରିବାର
ସୃଜନଶୀଳତାରେ
ସର୍ବଦା ମଗ୍ନ ଥାଏ ।
ଭୋଗରେ ଯେତିକି ବିଳାସ
ତ୍ୟାଗରେ ସେତିକି ଆନନ୍ଦ
ଅନୁଭବ କରି
ଶବ୍ଦରେ ରୂପାନ୍ତର ପାଇଁ
ଅଭିଷେକ କରୁଥାଏ ।
ତଥାପି ଅନେକ କଥା
କବିତାରେ କହିନପାରି
ଅକୁହା ରହିଯାଏ ।
ଯାହା କାଗଜ ପୃଷ୍ଠାର
ଶବ୍ଦରେ ଧରା ନଦେଇ
ଲୁହ ହୋଇ ବୋହିଯାଏ ।

**ସ୍ନାତକୋତ୍ତର ଓଡ଼ିଆ ବିଭାଗ,**
**ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ,**
**ବ୍ରହ୍ମପୁର**
**ମୋ:୮୮୯୫୧୪୧୭୨୭**

## ବୀର ପୁଅ ବାଜି ରାଉତ

### ଡା. ଅନୀତା ପଣ୍ଡା

ବାର ବରଷର ସେ କୁନି ପିଲାଟି,
ନାଁ ତା' ବାଜି ରାଉତ,
ଖେଳନାକୁ ଛାଡି ହାତରେ ଧରିଲା
ସେ ଦେଶ ମାଆର ବ୍ରତ ।
ନୀଳପୁରଠାର ସେ ଗାଁ ଧୂଳିରେ
ତାର କୁନି ପାଦ ଚିହ୍ନ,
ବ୍ରାହ୍ମଣୀ କୂଳରେ ଲେଖିଦେଇ ଗଲା
ସାହସ ଗାଥା ନବୀନ ।
ଅକ୍ଟୋବର ମାସ ଏଗାର ରାତିରେ,
ଘନ ଅନ୍ଧାରର ଛାଇ,
ବ୍ରିଟିଶ ପୋଲିସ ଆସି କହିଥିଲା –
ଦେ ଡଙ୍ଗା ପାର କରାଇ ।
ବନ୍ଧୁକ ଆଗରେ ଛିଡା ହୋଇକରି
କହିଲା ସେ କୁନି ବୀର,
ତୁମକୁ ମୁଁ ପାର କରିବି ନାହିଁ ହେ,
ତୁମେ ଶତ୍ରୁ ମୋ ଦେଶର ।
ବ୍ରିଟିଶ ମନରେ ଥିଲା ସେ ଡରିବ
କାନ୍ଦି ଉଠିବ ସେ ପିଲା,
ଦେଖିଲେ ସେ ପରା ସିଂହ ଶାବକଟେ
ଆଖିରେ ତା ନିଆଁ ହୁଳା ।
ବେତ ମାଡ଼ ଖାଇ ସହିଲା ହେଲେ ସେ
ମୁଣ୍ଡ ନୁଆଁଇଲା ନାହିଁ,
ବାର ବରଷର ଛାତିରେ ପୀରତି
ଥିଲା ଯେ ଭାରତ ପାଇଁ ।
ଗରଜି ଉଠିଲା ଶତ୍ରୁର ବନ୍ଧୁକ,
ଝରିଗଲା ରକ୍ତଧାର,
ବ୍ରାହ୍ମଣୀର ପାଣି ଲାଲ ହୋଇଗଲା,
କାନ୍ଦିଲା ସାରା ସଂସାର ।
ବାଜି ପଡିଗଲା ମା ମାଟି ଉପରେ
ତଥାପି ସେ ମରି ନାହିଁ,
ସେହି ରାତିଠାରୁ ହେଲା ସେ ଅମର ,
ଏ ଇତିହାସରେ ରହି ।
ଦଣ୍ଡକୁ ନ ଡରି ବାଳୁତ ବୟସେ
ଦେଲା ସାମ୍ରାଜ୍ୟର ଆହ୍ୱାନ,
ଶିକ୍ଷା ଦେଇଗଲା
ସାହସର ନାହିଁ
ବୟସ ପରିଧିମାନ ।
ବାଜି ରାଉତ ତୁ ରହିବୁ ଅମର,
ଓଡ଼ିଶା ମାଆର ଗର୍ବ,
ତୋର ବଳିଦାନ ଯୁଗ ଯୁଗ ଯାଏଁ
ରଚିବ ଉଜ୍ଜ୍ୱଳ ପର୍ବ ।

**ନୂଆଦିଲ୍ଲୀ**
**ମୋ: ୯୮୧୮୯ ୮୬୩୦୩**



## ଶରତ ସମ୍ଭାର

### ରାମଚନ୍ଦ୍ର ବେହେରା

ନିର୍ମଳ ଆକାଶ ସ୍ୱଚ୍ଛ ପରିବେଶ
ବହେ ସୁଲୁ ସୁଲୁ ବାଆ
ଗାଆଁ ଧାନ କ୍ଷେତ ଅବା ନଈ ତୁଠ
ସବୁ ଲାଗେ ନୂଆ ନୂଆ
ସ୍ୱଚ୍ଛ ନଈ ପଠା ଧାରେ
ଶୁଭ୍ର କାଶତଣ୍ଡୀ ହାତ ଠାରି ଡାକେ
ମନଲୋଭା ଶରତରେ ।
ତଟିନୀ, ସଲିଳ ଦିଶେ ନିରିମଳ
କାଚକେନ୍ଦୁ ରୂପ ନେଇ
ନିଶି ଆଗମନେ ଗଙ୍ଗଶିଉଳିର
ମିଠା ବାସ ଚହଟଇ
ସୁବର୍ଣ୍ଣ ପାଖୁଡା ମେଲି
ଗୋଧୂଳି ବେଳାରେ ଜହ୍ନିଫୁଲ ହସେ
ପବନରେ ଝୁଲି ଝୁଲି ।
ଗାଆଁ ପୁଷ୍କରିଣୀ ଦିଶେ ଶୋଭାବନ
କୁମୁଦ କମଳ ଭରି
ଶୁଭ୍ର ମେଘମାଳା ଚନ୍ଦ୍ରମା ସାଥୀରେ
ହସି ଖେଳେ ଲୁଚକାଳି
ଚଉଦିଗ ମନଲୋଭା
ଦୂର୍ବାଦଳ ଶିରେ ଶିଶିରର ବିନ୍ଦୁ
ବଢାଏ ପ୍ରଭାତ ଶୋଭା ।
ଶରତ ପରଶେ ନବରାତ୍ର ଆସେ
ଭକ୍ତିଭାବ ଜାଗେ ପ୍ରାଣେ
ପାର୍ବଣ ମୁଖର ହୁଏ ସାରା ଦେଶ
ଦଶହରା ଆଗମନେ
ଶ୍ରଦ୍ଧାଳୁ ରଖିବେ ବ୍ରତ
ତୂରୀ ଭେରୀ ଶବ୍ଦ ଉଛୁଳି ପଡିବ
ପୂଜା ହେବେ ଦୁର୍ଗାମାତା ।
କୁଆଁରୀ ଶ୍ରଦ୍ଧାରେ ଦେବେ ଭକ୍ତି ଅର୍ଘ୍ୟ
ପୂର୍ଣ୍ଣିମା ସଞ୍ଜ ସକାଳେ
ତାଙ୍କ ଅଭିଳାଷ ପୂରଣ ହୋଇବ
ଦେବାଦେବୀ କୃପା ବଳେ
ଆସିବେ ମା'ଗଜଲକ୍ଷ୍ମୀ
ଧନ ବୈଭବର ବରଷା ହୋଇବ
ହସିବ ପୁଣ୍ୟ ଧରଣୀ ।

**ତେନ୍ତୁଳିପଦା,**
**ଜଗତସିଂହପୁର**
**ମୋ–୭୩୫୫୬୩୪୩୪୬**

## ଶ୍ରୀ ଗଣେଶ

### ଡଃ ଜୟକୃଷ୍ଣ ଚୌଧୁରୀ

**ହେ** ପିନାକୀ ମୋର ପ୍ରାଣପତି
ତୁମେ ମୋର ଦୁର୍ଲଭ ରତନ
ମୁଁ ତୁମକୁ ଡାକୁଥାଏ ନିତି
'ତ୍ରିଲୋଚନ, ଆସ ମୋ ଅଙ୍ଗନ'।।
ମୁଁ ରଖିଛି ଲୁଚାଇ ନିଜକୁ
ଅନ୍ଧକାର ଗୁହା ଅଭ୍ୟନ୍ତରେ
ଉନ୍ମୁଖ ମୁଁ ଆଲୋକ ଆଡକୁ
'ଉମା' ବନ୍ଦୀ ସଂସାର ଜାଲରେ।।
ଜାଣେ 'ଶିବ' ହେ ଦିବ୍ୟ ଚେତନା
ତୁମେ ଦିନେ ଆସିବ ମୋ ପୁର
ଦୂର କରି ମୋ ଆତ୍ମା କାଳିମା
ଆମନ୍ତ୍ରଣ ଦେବ ଆଲୋକର ।।
ଭ୍ରାନ୍ତ ମୁଁ ଗୋ ବହ୍ୱଳ ଅଧୀର
ହୃଦେ ପୁଣି ଜାଗିଉଠେ ଭୟ
ସତେ କ'ଣ 'ମୋହ'ର ସଂସାର
ଧ୍ୱଂସି ତୁମେ କରିବ ବିଲୟ ?
ଇନ୍ଦ୍ରିୟର ସୁଖରେ ମୁଁ ବନ୍ଦୀ
'ଉମା' କ୍ଷୁଦ୍ର ମାନବ ଚେତନା
ମୋ ସଂସାର ରଖେ ମୋତେ ବାନ୍ଧି
ତ୍ରସ୍ତ କରେ ତା ଧ୍ୱଂସ କଳ୍ପନା ।।
ମୋ ଚେତନା ଗୁହା ଅଭ୍ୟନ୍ତରେ
ଲୁଚାଇ ମୁଁ ସଞ୍ଚିଛି ଯେ ମଳ
ମୋ ପାର୍ଥିବ ସୁଖ ଓ ସମ୍ପତ୍ତି
ସାଂସାରିକ ସମୃଦ୍ଧିର ବଳ ।।
ଯେତେ ଯେତେ ମିଥ୍ୟା ପ୍ରବଞ୍ଚନା
'ବୁଦ୍ଧି' ବୋଲି ଯାରେ ଗର୍ବ କରେ
ସେଇ ମୋର ଶେଷ ବାଧା ସିନା
ତୁମ ସହ ମିଳନ ପଥରେ ।।
କରିବାକୁ ରକ୍ଷା ମୋ ସଂସାର
'ସିଦ୍ଧିଦାତା–ମୋହ'ର ବୁଦ୍ଧିକୁ
ନେଇ ଗଢେ ମଳ ଚେତନାର
ଗଣେଶକୁ ଗୁମ୍ଫା ଜଗିବାକୁ ।।
ମୋ ତନୁରେ ମୁଗ୍ଧ ମୁଇଁ ଉମା
କେଳି କରେ ଅଙ୍ଗ ଅଙ୍ଗନରେ,
ସ୍ନାନ ସିନା ତାହାର ଦ୍ୟୋତନା
ରୁହେ ଲୁଚି ଗୁହା ଅଭ୍ୟନ୍ତରେ ।।
ଚେତନାର ଅନ୍ୟ ଦିଗନ୍ତରେ
ଚାହେଁ ଉମା ଏ ବନ୍ଧନୁ ଖସି,
ଯିବ ଗୁହା ଅଭ୍ୟନ୍ତର ଛାଡି
ସତ୍ୟ, ଶିବ, ସୁନ୍ଦରରେ ମିଶି ।।
ତେଣୁ ଲୋଡେ ଉନ୍ମୁଖ ମୋ ପ୍ରାଣ
ତୁମ ସହ ମିଳନ ଈଶ୍ୱର,
ଉମା ଖୋଜି ବସେ ଉତ୍ତରଣ
ବିଶ୍ୱ ପରେ ଯା ଅବିନଶ୍ୱର ।।
ହେଲେ ତୁମେ ଯେତେ ଚେଷ୍ଟା କର
ସୃଜିବାକୁ ଦିବ୍ୟ ସମ୍ଭାବନା,
ଦେହର ଏ ଦେହଳୀକୁ ଡେଇଁ
ଯେହ୍ନେ ମୋର ଖେଳିବ ଚେତନା ।।
ମୋ 'ବୁଦ୍ଧି' ଯା 'ମୋହ'ର ସନ୍ତାନ
ଗଣେଶ ସେ ଗୁମ୍ଫା ଦ୍ୱାରେ ରହି,
ବାରବାର ରୁଦ୍ଧ କରେ ତୁମ
ପଥ ନିଜ ପାଶାଙ୍କୁଶ ନେଇ ।।
ଆସେ ନନ୍ଦୀ ଆସଇ ଭୃକୁଟି
ଭୃକୁଟିର ନନ୍ଦ ସଂରଚନା,
ଯେ ଧ୍ୟାନରେ ଆସନ୍ତି ଧୂର୍ଜଟୀ
ନେଇ ଦିବ୍ୟ ସେଇ ସମ୍ଭାବନା ।।
ମୁଁ କିନ୍ତୁ ମୋ ଗୁହା ଅଭ୍ୟନ୍ତରେ
ଇନ୍ଦ୍ରିସୁଖେ ମତ୍ତ କରେ କେଳି,
ଗଣେଶକୁ ଜଗାଇ ବାହାରେ
ଗୁହା ଦ୍ୱାର ଦେଇ ଥାଏ କିଳି ।।
ଜୀବାତ୍ମା ଏ ଉମା ଜାଣେନାହିଁ
ଲୋଡ଼ା ତା'ର ମୁକ୍ତି ନା ବନ୍ଧନ,
କେବେ କରେ ମୁକ୍ତି ପଥ ରୋଧ
କେବେ ମୁକ୍ତି ପାଇଁକି କ୍ରନ୍ଦନ ।।
ଶିବ ତୁମେ ବୁଝ ଏ ବ୍ୟାମୋହ
ମୋ ହୃଦୟ ନିରବ ପ୍ରାର୍ଥନା,
କାଟ ବିନାୟକ ମାୟା ମୋହ
ଶିର ଯାହା ପ୍ରକୃତି ସର୍ଜନା ।।
ଧ୍ୱସ୍ତ ଯେଣୁ ତାର ବିନାୟକ
ଦିବ୍ୟ ଶିବ ଚେତନା ସ୍ପର୍ଶରେ,
ତେଣୁ ଉମା କାନ୍ଦଇ ବିକଳେ
ବିହ୍ୱଳ ସେ ତ୍ରିଗୁଣ ତତ୍ତ୍ୱରେ ।।
ଗଣେଶକୁ ମିଳେ ଜୀବନ୍ୟାସ
ଚେତନାର ଉତ୍ତରଣ ସାଥେ,
'ବାରଣ'ର ଶିରରେ ପ୍ରକାଶ
ସେତୁ ଦିବ୍ୟ ଅଦିବ୍ୟ ସହିତେ ।।
'ନେତି, ନେତି' ବ୍ରହ୍ମର ସୂଚନା
'ସୋହଂ' ସିନା ଦିବ୍ୟ ଏକ ସେତୁ,
ଗଜାନନ କହ ସେ କାହାଣୀ
ତୁମେ ଆଦି ସଂସାରର ହେତୁ ।।
ତୁମେ ପ୍ରଭୁ ଦିବ୍ୟ ସନାତନ
ଉମା–ଶିବ ମିଳନର ସାକ୍ଷୀ,
ଖୋଜି ବସେ ଶିବ ଚିରନ୍ତନ
ଉମା ମୋର ଏଇ ପ୍ରାଣପକ୍ଷୀ ।।



ଡ. ଜୟକୃଷ୍ଣ ଚୌଧୁରୀ ଭୁବନେଶ୍ୱର ସ୍ଥିତ ଆଦର୍ଶ ବହୁମୁଖୀ ବିଦ୍ୟାଳୟର ଜଣେ ଅବସରପ୍ରାପ୍ତ ଅଧ୍ୟାପକ । ପେଶାରେ ପଦାର୍ଥ ବିଜ୍ଞାନର ଶିକ୍ଷକ ହେଲେ ମଧ୍ୟ ବିଗତ ପ୍ରାୟ ଚାଳିଶ ବର୍ଷ ଧରି ନିରବଚ୍ଛିନ୍ନ ସାହିତ୍ୟ ସାଧନାରେ ସେ ନିଜକୁ ବ୍ୟସ୍ତ ରଖିଛନ୍ତି । ମୁଖ୍ୟତଃ କବିତା ରଚନାରେ ବ୍ରତୀ ହେଲେ ମଧ୍ୟ ତାଙ୍କ ପ୍ରବନ୍ଧଗୁଡିକର ଶାଣିତ, ତୁଳନାତ୍ମକ ବିଶ୍ଳେଷଣ ଓ ସ୍ୱତନ୍ତ୍ର ଲେଖନ ଶୈଳୀ ତାଙ୍କର ପରିଚୟ। ତାଙ୍କଦ୍ୱାରା ଅନୁଦିତ Alberto Moraviaଙ୍କ ଉପନ୍ୟାସ The Empty Canvasର ଅନୁବାଦ 'ଶୂନ୍ୟ ଚିତ୍ରପଟ' ସାହିତ୍ୟ କ୍ଷେତ୍ରରେ ଏକ ସାର୍ଥକ ସୃଷ୍ଟି ।

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।*
*(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

### ଏକାଠି ହେଲେ ୧୭ଟି ଆପେକ୍ସ ସମବାୟ ଅନୁଷ୍ଠାନର ନବନିର୍ବାଚିତ ପ୍ରତିନିଧି

# କର୍ମଶାଳାରେ ୭୨ ଜଣ ପ୍ରତିନିଧିଙ୍କ ଯୋଗଦାନ

ଭୁବନେଶ୍ୱର, (ସବ୍ୟୁ): ଦୀର୍ଘ ବର୍ଷର ବ୍ୟବଧାନ ପରେ ରାଜ୍ୟର ବିଭିନ୍ନ ଆପେକ୍ସ ସମବାୟ ଅନୁଷ୍ଠାନର ନବନିର୍ବାଚିତ ସଭାପତି ଓ ନିର୍ଦ୍ଦେଶକମାନଙ୍କୁ ନେଇ ଓଡ଼ିଶା ରାଜ୍ୟ ସମବାୟ ୟୁନିଅନ୍ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ



କର୍ମଶାଳା ଆୟୋଜିତ ହୋଇଯାଇଛି। ସମବାୟ ଆଇନ ତଥ୍ୟ, କାର୍ଯ୍ୟକାରିତା ଓ ବାସ୍ତବତା ଶୀର୍ଷକ ଏହି କର୍ମଶାଳାରେ ୧୭ଟି ଆପେକ୍ସ ସମବାୟ ଅନୁଷ୍ଠାନର ମୋଟ ୭୨ ଜଣ ନିର୍ବାଚିତ ପ୍ରତିନିଧି ଯୋଗଦେଇଥିଲେ। ପ୍ରାୟ ସମସ୍ତ ଆପେକ୍ସ ଅନୁଷ୍ଠାନର ପ୍ରତିନିଧିଙ୍କ ଯୋଗଦାନ ସମବାୟ କ୍ଷେତ୍ରରେ ଏକତା, ସମନ୍ୱୟ ଓ ସାମୂହିକ ବିକାଶ ପାଇଁ ନୂତନ ଆଶା ସୃଷ୍ଟି କରିଛି। କର୍ମଶାଳାରେ ଓଡ଼ିଶା ରାଜ୍ୟ ସମବାୟ ୟୁନିଅନ୍‌ର ସଭାପତି ସୁଶ୍ରୀ ପ୍ରଭାସିନୀ ଷଡ଼ଙ୍ଗୀ ସମସ୍ତ ନବନିର୍ବାଚିତ ସଭାପତି ଓ ନିର୍ଦ୍ଦେଶକଙ୍କୁ ଅଭିନନ୍ଦନ ଜଣାଇବା ସହ କାର୍ଯ୍ୟକ୍ରମରେ ଯୋଗଦେଇ ଏହାକୁ ସଫଳ କରିଥିବା ସମସ୍ତ ପ୍ରତିନିଧିଙ୍କ ପ୍ରତି ଆନ୍ତରିକ କୃତଜ୍ଞତା ପ୍ରକାଶ କରିଥିଲେ।

ଏହି ଅବସରରେ ବରିଷ୍ଠ ସମବାୟବିତ୍ ମହେନ୍ଦ୍ର ନାୟକ, ଭାଗିରଥି ନନ୍ଦ, ଅମ୍ବିକା ପ୍ରସାଦ ଦାସ, ସୌମ୍ୟ ଲେଙ୍କା, ପ୍ରମୋଦ ସାମଲ, ବାବାଜୀ ବେହେରା, କିଶୋରୀ ପ୍ରଧାନୀ, ଭୋଲେଶ୍ୱରୀ ସ୍ୱାଇଁ, ଆଶିଷ ମହାନ୍ତି, ସୁଶ୍ରୀ କବିତା ମଞ୍ଜରୀ ପରିଡ଼ା, ଶ୍ରୀମତୀ ଚାମେଲୀ ଓରାମ, ପ୍ରଫୁଲ୍ଲ ଜେନା, ରାମକୃଷ୍ଣ ବିଶୋଇ, ପ୍ରମୋଦ ସାମନ୍ତରାୟ, ଦିଲ୍ଲୀପ ବିଶ୍ୱାଳ, ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ସମେତ ସ୍ପିନିଂ ମିଲ୍ ଫେଡେରେସନ୍‌ର ପ୍ରତିନିଧିମାନଙ୍କୁ ଶୁଭେଚ୍ଛା ଜଣାଯାଇଥିଲା। ସମବାୟ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ସଂଗ୍ରାମ କେଶରୀ ରାଉତ, ଯୁଗ୍ମ ନିବନ୍ଧକ ଲକ୍ଷ୍ମୀଧର ସୁବୁଦ୍ଧି ଏବଂ ପୂର୍ବତନ ଆଇନ ଅଧିକାରୀ ଦୁର୍ଗା ମାଧବ ଦାସ ଯୋଗଦେଇଥିଲେ। ସେମାନେ ସମବାୟ ଆଇନର ବିଭିନ୍ନ ଦିଗ, ଆଇନଗତ ବ୍ୟବସ୍ଥା ଓ ଏହାର ବ୍ୟବହାରିକ କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। କର୍ମଶାଳାର ଅନ୍ୟତମ ପ୍ରମୁଖ ଆଭିମୁଖ୍ୟ ଥିଲା ରାଜ୍ୟର ସମସ୍ତ ଆପେକ୍ସ ସମବାୟ ଅନୁଷ୍ଠାନକୁ ଗୋଟିଏ ଛାତ ତଳେ ଆଣିବା। ଏହା କେବଳ ଭିତ୍ତିଭୂମିର ପ୍ରଶ୍ନ ନୁହେଁ; ବରଂ ସମବାୟ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସମନ୍ୱୟ, ସହଯୋଗ, ଅଭିଜ୍ଞତାର ଆଦାନପ୍ରଦାନ ଓ ସାମୂହିକ ଶକ୍ତି ବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା। ଏହି ପ୍ରସ୍ତାବକୁ ସମବାୟ ବିଭାଗର ପ୍ରତିନିଧି ସଂଗ୍ରାମ କେଶରୀ ରାଉତ ଗୁରୁତ୍ୱର ସହ ବିଚାର କରିବେ ବୋଲି ଜଣାଇଥିଲେ।

### ଆଧ୍ୟାତ୍ମିକ ପତ୍ରିକା ‘ ଦିବ୍ୟାଲୋକ ସନ୍ଧାନେ ‘ ର ଶାରଦୀୟ ସଂଖ୍ୟା ଉନ୍ମୋଚିତ

କଟକ, (ସବ୍ୟୁ)ଧର୍ମ, ଜ୍ଞାନ, ଜ୍ୟୋତିଷ , ସମ୍ବାଦ ଓ ସଂସ୍କାରମୂଳକ ଅଗ୍ରଣୀ ଆଧ୍ୟାତ୍ମିକ ପତ୍ରିକା ‘ ଦିବ୍ୟାଲୋକ ସନ୍ଧାନେ ‘ ର ଅକ୍ଟୋବର ଶାରଦୀୟ ସଂଖ୍ୟା ଓଡ଼ିଆ ବଜାର ବାଉଁଶ ଗଳି ସ୍ଥିତ ସଚ୍ଚିଦାନନ୍ଦ ମଠ ପରିସରରେ ଏକକ ଅତିଥି ମାଧ୍ୟମରେ ଉନ୍ମୋଚିତ ହୋଇଯାଇଛି । ସର୍ବଭାରତୀୟ ଗୌଡୀୟ ମିଶନ ର ଆଚାର୍ଯ୍ୟ ତଥା ସଭାପତି ବିଷ୍ଣୁପାଦ ପରମହଂସ ୧୦୮ ଶ୍ରୀ ଶ୍ରୀମଦ ଭକ୍ତି ସୁନ୍ଦର ସନ୍ନ୍ୟାସୀ ମହାରାଜା ପତ୍ରିକାଟିକୁ ଉନ୍ମୋଚନ କରି ଦୀର୍ଘ ୨୫ ବର୍ଷ ହେଲା ଆଧ୍ୟାତ୍ମିକ ପତ୍ରିକାଟିକୁ ଚଳାଇ ଆସିଥିବାରୁ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେବା ସହିତ ପତ୍ରିକାର ଦୀର୍ଘ ଜୀବନ କାମନା କରିଥିଲେ । ପତ୍ରିକା ର ମୁଖ୍ୟ ସମ୍ପାଦକ ଡଃ ଶରତ କୁମାର ରଥ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଆଧ୍ୟାତ୍ମିକ ସ୍ତମ୍ଭକାର ତଥା ପ୍ରବକ୍ତା ଶ୍ରୀସନ୍ନ୍ୟାସୀ ଜୀ, ସଚ୍ଚିଦାନନ୍ଦ ମଠର ସନ୍ଥ ଅକିଞ୍ଚନ ମହାରାଜ,ନିଖିଳ ଉତ୍କଳ ପ୍ରବକ୍ତା ମହାସଂଘ ସମ୍ପାଦକ ପଣ୍ଡିତ ପ୍ରମୋଦ ପଣ୍ଡା, ପୁରୀ ଶ୍ରୀକୃଷ୍ଣ ମିଶନ ଆଶ୍ରମ ର ସନ୍ଥ ଅକିଞ୍ଚନ ମହାରାଜ, ଡାକ୍ତର ଅରବିନ୍ଦ ନନ୍ଦ, ପ୍ରମୁଖ ଉପସ୍ଥିତ ଥିଲେ । ପତ୍ରିକାର ପରିଚାଳନା ସମ୍ପାଦକ ଇଂ ବିପ୍ଳବ ଦାସ, ପ୍ରସାର ଅଧିକାରୀ ଡଃ ଆରତୀ ପଣ୍ଡା, ଇଂ ରାମଚନ୍ଦ୍ର ବେହେରା, ଅଶୋକ କୁମାର ଜେନା,ସୁଧାଂଶୁ କୁମାର ଜେନା, ରାକେଶ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଚନ୍ଦନ ତ୍ରିପାଠୀଙ୍କୁ “କାହ୍ନୁ ଚରଣ ନାୟକ ସ୍ମୃତି ସମ୍ମାନ’

କଟକ, (ସ୍ୱପ୍ର) : ସମାଜସେବା ଓ ଉଦ୍ୟୋଗ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମାଜସେବୀ ତଥା ଉଦ୍ୟୋଗପତି ଚନ୍ଦନ କୁମାର ତ୍ରିପାଠୀଙ୍କୁ “କାହ୍ନୁ ଚରଣ ସ୍ମୃତି ସମ୍ମାନ’ ପ୍ରଦାନ କରାଯାଇଛି । କଟକର ସାଂସ୍କୃତିକ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ “ଅଭିପ୍ସା’ ଏବଂ ଜଗତସିଂହପୁର ସ୍ଥିତ “କାହ୍ନୁ ଚରଣ ନାୟକ ସ୍ମୃତି ସଂସଦ’ର ମିଳିତ ସହଯୋଗରେ ଆୟୋଜିତ ସ୍ୱର୍ଗତ କାହ୍ନୁ ଚରଣ ନାୟକଙ୍କ ତ୍ରୟୋଦଶତମ ଶ୍ରାଦ୍ଧବାର୍ଷିକୀ ସମାରୋହରେ ତାଙ୍କୁ



ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା । “ଅଭିପ୍ସା’ ର ପ୍ରତିଷ୍ଠାତା ସଂଗ୍ରାମ କେଶରୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ଗ୍ଲୋବାଲ ଇଣ୍ଡିଆନ୍ ମଡେଲ୍ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଡ. ଚୌଧୁରୀ ସତ୍ୟ ଦାସ, ସମାଜସେବୀ ରଞ୍ଜନ ବେହେରା, ସୁଲତା ଚାରିଟେବଲ୍ ଟ୍ରଷ୍ଟର ସୁଲତା ପଣ୍ଡା ଏବଂ ଅନୁଶ୍ରୀ ବୋଷ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସଭାରେ ସ୍ୱର୍ଗତ କାହ୍ନୁ ଚରଣ ନାୟକଙ୍କ ସ୍ମୃତିଚାରଣ ସହ ସମାଜ ପ୍ରତି ନିଃସ୍ୱାର୍ଥପର ସେବାର ମହତ୍ତ୍ୱ ଉପରେ ଆଲୋକପାତ କରାଯାଇଥିଲା । ଚନ୍ଦନ କୁମାର ତ୍ରିପାଠୀ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ । ଜଣେ ସଫଳ ଉଦ୍ୟୋଗପତି, ଶିକ୍ଷକ, ସମାଜସେବୀ, ଆର୍ଥିକ ପରାମର୍ଶଦାତା, ସାଂସ୍କୃତିକ ପୃଷ୍ଠପୋଷକ ଓ ସମାଜସେବୀ ଭାବେ ସେ ଦୀର୍ଘ ବର୍ଷ ଧରି ବିଭିନ୍ନ କ୍ଷେତ୍ରରେ ନିଜର ଅବଦାନ ରଖିଆସୁଛନ୍ତି । ଏହି ସମ୍ମାନ ଚନ୍ଦନ ତ୍ରିପାଠୀଙ୍କୁ ଆଗାମୀ ଦିନରେ ଅଧିକ ଉତ୍ସାହ ଓ ନିଷ୍ଠାପର ସମାଜସେବା ଜାରି ରଖିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଅନୁଷ୍ଠାନ ପକ୍ଷରୁ ମତ ପ୍ରକାଶ ପାଇଥିଲା ।

# ଉତ୍କର୍ଷ ଓଡିଶା ବିଜିନେସ୍ ଆଇକନ୍ ୨୦୨୬

ଭୁବନେଶ୍ୱର (ସବ୍ୟୁ): ଉତ୍କର୍ଷ ଓଡିଶା ଦ୍ୱାରା ବିଜିନେସ୍ ଆଇକନ୍ ଆୱାର୍ଡ ୨୦୨୬ ଅନୁଷ୍ଠିତ ହୋଇଛି




। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଲୋକସଭା ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରା, ମୁଖ୍ୟ ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ବିଶିଷ୍ଟ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ପ୍ରସନ୍ନ ପଟ୍ଟଶାଣି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଏବଂ ଶିଳ୍ପପତି ସୁଭାଷ ଚନ୍ଦ୍ର ତ୍ରିପାଠୀ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଉତ୍କର୍ଷ ଓଡିଶାର ବ୍ୟବସାୟ, ଉଦ୍ୟୋଗ ଭବିଷ୍ୟତ ଏଆଇ ର ଆବଶ୍ୟକତା ବିଷୟବସ୍ତୁ ଆଧାରିତ ଏକ ଆଲୋଚନା ଚକ୍ର ହୋଇଥିଲା । ଆରଜେ, ଭିଜେ କେପି ଏହି ଆଲୋଚନା ଚକ୍ରକୁ ପରିଚାଳନା କରିଥିବା ବେଳେ ସୁଭାଷ ଚନ୍ଦ୍ର ତ୍ରିପାଠୀ, ସାଇ କଲ୍ୟାଣୀ ଚୌହାନ, ଡଃ ଦିଲ୍ଲୀପ, ସୂର୍ଯ୍ୟକାନ୍ତ ପଟ୍ଟନାୟକ, ଦୀପକ କୁମାର ନାଥ ଏବଂ ଗୁରୁ ପ୍ରସାଦ ଜୀ ଭାଗ ନେଇଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଆମନ୍ତ୍ରିତ ଅତିଥି ମାନେ କାର୍ଯ୍ୟକ୍ରମର ମହତ୍ତ୍ୱ ଏବଂ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ତୃତୀୟ ପର୍ଯ୍ୟାୟରେ ପ୍ରାୟ ୩୦ ଜଣ ଲବ୍ଧ ପ୍ରତିଷ୍ଠିତ ବିଜିନେସ୍ ଆଇକନ୍ ଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଯୁବ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବା ପାଇଁ ଉତ୍କର୍ଷ ଓଡିଶାର ପ୍ରତିଷ୍ଠାତା ଡଃ ଭରତ ପ୍ରଧାନ ଦୀର୍ଘ ୫ବର୍ଷ ହେଲା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଉଦ୍ୟମ କରିଆସୁଛନ୍ତି।

### ତିରୁପତି ପାଣିଗ୍ରାହୀଙ୍କୁ ପାଣ୍ଡରା ଦୁର୍ଗାପୂଜା ସମିତିର ନିମନ୍ତ୍ରଣ

ଭୁବନେଶ୍ୱର (ସବ୍ୟୁ): ପାଣ୍ଡରା ଦୁର୍ଗାପୂଜା ସମିତିର ବାର୍ଷିକ ପୂଜା ଉତ୍ସବ ମହାସମାରୋହରେ ପାଳିତ ହେବାକୁ ଯାଉଛି । ଏହି ଅବସରରେ ପାଣ୍ଡରା ଅଂଚଳର ସାମଗ୍ରିକ ଉନ୍ନତି ତଥା ସଦାସର୍ବଦା ଯୁବଗୋଷ୍ଠୀଙ୍କୁ ସାହାଯ୍ୟ ସହଯୋଗର ହାତ ବଢ଼ାଇ ଆସୁଥିବା ଓ ବିଶେଷକରି ପାଣ୍ଡରା ଅଞ୍ଚଳରେ ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା କରି ଅନେକଙ୍କ ପାଇଁ କର୍ମ ଯୋଗାଣ ସୃଷ୍ଟି କରି ଥିବା ପ୍ରତିଷ୍ଠାତା ଅଧକ୍ଷ ଡ଼କ୍ଟର ତିରୁପତି ପାଣିଗ୍ରାହୀଙ୍କୁ ଦୁର୍ଗାପୂଜା ସମିତିର ସଭାପତି ଭଗବାନ ସୁବୁଦ୍ଧି, ଉପସଭାପତି ବିନୋଦ କୁମାର ସାହୁ, ବରିଷ୍ଠ ସଭ୍ୟ ପ୍ରସନ୍ନ ବେହେରା, ନୃସିଂହ ବେହେରା, ବିଷ୍ଣୁ ଚରଣ ଦାସ ଓ ପ୍ରଶାନ୍ତ କୁମାର ବେହେରା ଖୁବ ଉତ୍ସାହର ସହ ପୁଷ୍ପଗୁଚ୍ଛ, ଉତ୍ତରୀୟ, ନିମନ୍ତ୍ରଣପତ୍ର ସହ ସାଦର ଆମନ୍ତ୍ରଣ ଜଣାଇବା ସହ ଦୁର୍ଗାପୂଜା ଉତ୍ସବରେ ଯୋଗଦେଇ ମାଆ ସିଂହ ବାହିନୀଙ୍କ ଆଶୀର୍ବାଦ ପ୍ରାପ୍ତ ହେବାକୁ ନିବେଦନ କରିଥିବା ବେଳେ ଡ଼କ୍ଟର ତିରୁପତି ପାଣିଗ୍ରାହୀ ପୂଜା ଉତ୍ସବରେ ଯୋଗଦେବେବୋଲି ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି, ।

# ଖୁବ୍‌ଶୀଘ୍ର ପ୍ରେକ୍ଷାଳୟକୁ ଆସୁଛି ନୂଆ ଓଡ଼ିଆ ଚଳଚ୍ଚିତ୍ର ‘ହାଣ୍ଡିଆ ଭାଟି’

ଭୁବନେଶ୍ୱର, (ସବ୍ୟୁ) : ନୂଆ ଓଡ଼ିଆ ଚଳଚ୍ଚିତ୍ର ‘ହାଣ୍ଡିଆ ଭାଟି’ର ଶୁଭ ମୁହୂର୍ତ୍ତ ଅନୁଷ୍ଠିତ ହେବା ସହ ଏହାର ଟାଇଟଲ୍ ଘୋଷଣା ଏବଂ ପୋଷ୍ଟର ରିଲିଜ୍ କରାଯାଇଛି । ବର୍ତ୍ତମାନ ଫିଲ୍ମର ସୁଟିଂ ଶେଷ ହୋଇଥିବା ବେଳେ ପୋଷ୍ଟ ପ୍ରଡକ୍ସନ୍ କାମ ଜୋରସୋରରେ ଚାଲିଛି । ଏକ ଭିନ୍ନ ଧରଣର କାହାଣୀକୁ ନେଇ ନିର୍ମିତ ହେଉଥିବା ଏହି ଚଳଚ୍ଚିତ୍ର ଖୁବ୍‌ଶୀଘ୍ର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ‘ହାଣ୍ଡିଆ ଭାଟି’ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି । ଦୀପକ କୁମାର ସ୍ୱାଇଁ ଏବଂ ଶୀଲାରାଣୀ ନାୟକଙ୍କ ପ୍ରଯୋଜନାରେ ନିର୍ମିତ ଏହି ଚଳଚ୍ଚିତ୍ରର କାହାଣୀ ଲେଖିଛନ୍ତି ଅନିଲ ବୋଇତି । ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ସତ୍ୟଜିତ ଥିବା ବେଳେ, ସେ ମଧ୍ୟ ଏହାର ସଙ୍ଗୀତ, ସଂଳାପ, ଚିତ୍ରନାଟ୍ୟ ଏବଂ ଡିଓପି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିଛନ୍ତି । ଏଥିରେ ଗୀତ ରଚନା କରିଛନ୍ତି ସତ୍ୟଜିତ ଏବଂ ଅମର କ୍ରିଷ୍ଣା । ସେହିପରି ଫିଲ୍ମର ସଙ୍ଗୀତ ସଂଯୋଜନା ଏବଂ ଆବହ ସଙ୍ଗୀତ ଦାୟିତ୍ୱରେ ଅଛନ୍ତି ସୁଭାଷିଷ କୁମାର । ଏଥିରେ କାର୍ଯ୍ୟନିର୍ବାହୀ ପ୍ରଯୋଜକ ଭାବେ ସୁଜିତ ସିଂହ ରହିଛନ୍ତି । ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଦର୍ଶକମାନେ ଜୟଶ୍ରୀ ସଡଙ୍ଗୀ, ତାପସ ପାଣିଗ୍ରାହୀ ଏବଂ ଦେବକନ୍ୟାଙ୍କୁ



ଦେଖିବାକୁ ପାଇବେ । ଅନ୍ୟାନ୍ୟ ପ୍ରମୁଖ ଭୂମିକାରେ ବିଶ୍ୱଜିତ ମଲ୍ଲିକ, ମନୋଜ ମହାନ୍ତି, ପ୍ରମିଳା ଜେନା, ବରିଷ୍ଠ ଅଭିନେତା ଅଶ୍ରୁମୋଚନ ମହାନ୍ତିଙ୍କ ସମେତ ଆହୁରି ଅନେକ ପ୍ରତିଭାବାନ କଳାକାର ଅଭିନୟ କରିଛନ୍ତି । ଭୁବନେଶ୍ୱର ସ୍ଥିତ ‘ଅକ୍ସଫୋର୍ଡ ଆଡଭର୍ଟାଇଜିଂ’ର ଅଶୋକ କୁମାର ସ୍ୱାଇଁ ଏବଂ ଆରତୀ ସ୍ୱାଇଁ ଏହି ଚଳଚ୍ଚିତ୍ରର ମିଡିଆ ପାର୍ଟନର (ଗଣମାଧ୍ୟମ ସହଯୋଗୀ) ଦାୟିତ୍ୱ ନିର୍ବାହ କରୁଛନ୍ତି । ଚଳଚ୍ଚିତ୍ର ନିର୍ମାଣରେ ସ୍ୱତନ୍ତ୍ର ସହଯୋଗ ପାଇଁ ଦେବାଶିଷ ରଥ ଏବଂ ମାନସ ନାୟକଙ୍କୁ ପ୍ରଯୋଜନା ସଂସ୍ଥା ପକ୍ଷରୁ ସ୍ୱତନ୍ତ୍ର କୃତଜ୍ଞତା ଜ୍ଞାପନ କରାଯାଇଛି । ଖୁବ୍‌ଶୀଘ୍ର ଏହାର ଅଡିଓ ଏବଂ ଟ୍ରେଲର ରିଲିଜ୍ କରାଯିବ ।

# ଛାତ୍ର ସଂସଦ ନିର୍ବାଚନରେ ବିଜେପିକୁ ଘାରିଛି ପରାଜୟ ଭୟ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଛାତ୍ର ସଂସଦ ନିର୍ବାଚନକୁ ନିଜ ସପକ୍ଷରେ ନେବାକୁ ବିଜେପି ନେତା ମାନେ ହିଂସା ଓ ଅପହରଣର ଆଶ୍ରୟ ନେଉଛନ୍ତି । ବିଜେପିକୁ ନିର୍ବାଚନ ପରାଜୟ ଭୟ ଘାରିଛି । ବିସିଜେଡି ପ୍ରାର୍ଥୀଙ୍କୁ ନାମାଙ୍କନ ପ୍ରତ୍ୟାହାର ପାଇଁ ବିଜେପିର ମନ୍ତ୍ରୀ ଓ ବିଧାୟକ ମାନେ ଚାପ ପକାଉଛନ୍ତି । ବିଜେପି ଅଗଣତାନ୍ତ୍ରିକ ଉପାୟରେ ନିର୍ବାଚନ ଜିତିବାକୁ ପ୍ରୟାସ କରୁଥିବାରୁ କଡ଼ା ସମାଲୋଚନା କରିଛି ବିଜେଡି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଗଣେଶ୍ୱର ବେହେରା ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ରାଜ୍ୟ ସରକାରଙ୍କୁ କଡ଼ା ନିନ୍ଦା କରିଛନ୍ତି ।

ଗଣେଶ୍ୱର ବେହେରା କହିଥିଲେ ଯେ, ଛାତ୍ର ସଂସଦ ନିର୍ବାଚନକୁ ଅଗଣତାନ୍ତ୍ରିକ ଉପାୟରେ ଜିତିବା ପାଇଁ ବିଜେପି ସରକାର ଲାଗି ପଡିଛନ୍ତି । ବିଜେପି ନେତା ମାନେ ହିଂସା ଓ ଅପହରଣ ଆଶ୍ରୟ ନେଉଛନ୍ତି । ବିଜେପିର ମନ୍ତ୍ରୀ ଓ ବିଧାୟକ ମାନେ ବିସିଜେଡି ପ୍ରାର୍ଥୀ ମାନଙ୍କ ଉପରେ ଚାପ ପ୍ରୟୋଗ କରି ନାମାଙ୍କନ ପ୍ରତ୍ୟାହାର କରିବା ପାଇଁ ବାଧ କରୁଛନ୍ତି । ଯେଉଁଠି ଏବିଭିପି ପ୍ରାର୍ଥୀଙ୍କ ବିଜୟ ସମ୍ଭାବନା ନାହିଁ, ସେଠାରେ ବିନା କୌଣସି କାରଣରେ ନିର୍ବାଚନ ବାତିଲ କରାଯାଉଛି । ସବୁ ଜାଣି ମଧ୍ୟ ପଦକ୍ଷେପ ନେବା ପରିବର୍ତ୍ତେ ପୋଲିସ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଛି । ଲିଙ୍ଗଡୋ କମିଶନ ଆଇନକୁ ଖୁଲମଖୁଲା ଉଲ୍ଲଙ୍ଘନ କରୁଛି ବିଜେପି । ବିଜେପି ସରକାରରେ ଛାତ୍ର ସଂସଦ ନିର୍ବାଚନ ପ୍ରହସନରେ ପରିଣତ ହୋଇଛି । କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଅଞ୍ଚଳର ଯୁକେ ମହାବୀର ମହାବିଦ୍ୟାଳୟର ବିସିଜେଡି ପ୍ରାର୍ଥୀଙ୍କୁ ରାଜନଗରରେ ବିଜେପି ବିଧାୟକ ପ୍ରାର୍ଥୀ ଓ ତାଙ୍କ ସମର୍ଥକ ମାନେ ଜୋରଜବରଦସ୍ତି ଅପହରଣ କରି ନେଇ ନାମାଙ୍କନ ପ୍ରତ୍ୟାହାର କରିବାକୁ ବାଧ କରିଛନ୍ତି । ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ଘଟଣା ବାବଦରେ ସବୁ ଜାଣି ସୁଦ୍ଧା ପୋଲିସ ପ୍ରଶାସନ ନୀରବ ରହିଛି । ଛାତ୍ର ମାନଙ୍କ ଗଣତାନ୍ତ୍ରିକ ଅଧିକାରକୁ ବିଜେପି ସରକାର ଅଗଣତାନ୍ତ୍ରିକ ଉପାୟରେ ହତ୍ୟା କରୁଛି । ବିଜେପିର ମନ୍ତ୍ରୀ, ବିଧାୟକ ଓ ନେତା ମାନେ ଅପରାଧିକ କାର୍ଯ୍ୟକଳାପ ଭିଆଉଛନ୍ତି, ଏହା ଆଦୌ ଗ୍ରହଣୀୟ ନୁହେଁ । ବିଜେପି ଅପଶକ୍ତିର ନିଶ୍ଚିତ ପରାଜୟ ହେବ ।

ଇପ୍ସିତା ସାହୁ କହିଥିଲେ ଯେ, ବିଜେପି ସରକାର ଛାତ୍ର ସଂସଦ ନିର୍ବାଚନ ଜିତିବା ପାଇଁ ହିଂସାର ବାଟ ଆପଣାଇଛି । ଏବିଭିପି ଓ ବିଜେପି ଯୁବମୋର୍ଚ୍ଚା ଯେତେ ବି ବାହାସ୍ଫୋଟ ମାରିଲେ ସୁଦ୍ଧା ନିର୍ବାଚନରେ ବିଜୟ ହେବା ଅସମ୍ଭବ । ବିଜେଡି ପ୍ରତି ଜେନ ଜି ମାନଙ୍କ ଅକୁଣ୍ଠ ସମର୍ଥନ ରହିଛି । ରାଜ୍ୟର ୧୦୦ରୁ ଉର୍ଦ୍ଧ୍ୱ କଲେଜରେ ବିଜେଡି ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି । ଯାହାକୁ ବିଜେପି ସରକାର ସହଜରେ ଗ୍ରହଣ କରିପାରୁନାହିଁ । ଛାତ୍ର ସଂସଦ ନିର୍ବାଚନକୁ ଅନେକ କଲେଜରେ ବିନା କୌଣସି କାରଣରେ ବାତିଲ କରାଯାଉଛି ।

### ଯଶୋଦା ହସ୍ପିଟାଲ୍ ର ଅତ୍ୟାଧୁନିକ ‘ଏମ.ଆର୍. ଲିନାକ୍’ ପ୍ରଯୁକ୍ତିବିଦ୍ୟା ପ୍ରବର୍ତ୍ତନ



ଭୁବନେଶ୍ୱର (ସବ୍ୟୁ): ଯଶୋଦା ହସ୍ପିଟାଲ୍ - ହାଇଟେକ୍ ସିଟିର ବରିଷ୍ଠ ପରାମର୍ଶଦାତା ରେଡିଏସନ୍ ଅଙ୍କୋଲୋଜିଷ୍ଟ ତଥା କ୍ଲିନିକାଲ୍ ଡାଇରେକ୍ଟର ଡାକ୍ତର ଏମ ସୁନିଆ (ଏମ୍.ବି.ବି.ଏସ୍, ଏମ.ଡି, ପି.ଏଚ୍.ଡି - ରେଡିଓଥେରାପି) ଗଣମାଧ୍ୟମକୁ ସମ୍ବୋଧନ କରି ପ୍ରକାଶ କରିଛନ୍ତି ଯେ “ସାଧାରଣତଃ ରେଡିଏସନ୍ ଥେରାପି ନେଉଥିବା ରୋଗୀମାନଙ୍କ ମନରେ ବହୁତ ଚିନ୍ତା ରହିଥାଏ। ‘ରେଡିଏସନ୍ ଯୋଗୁଁ କୌଣସି ପାର୍ଶ୍ୱ ପ୍ରତିକ୍ରିୟା (ସାଇଡ୍ ଏଫେକ୍ଟ) ହେବ କି?’ କିମ୍ବା ‘ଭବିଷ୍ୟତରେ କୌଣସି ଦୀର୍ଘସ୍ଥାୟୀ ସମସ୍ୟା ଦେଖାଦେବ କି?’ ଏଭଳି ପ୍ରଶ୍ନ ଗୁଡ଼ିକ ଅତ୍ୟାନ୍ତ ସାଧାରଣ ଅଟେ । ଏହିପରି ଭୟକୁ ଦୂର କରିବା ଏବଂ ଅଧିକ ସଠିକ୍ ଓ ନିରାପଦ ରେଡିଏସନ୍ ଚିକିତ୍ସା ଯୋଗାଇବା ପାଇଁ ଆମେ ଯଶୋଦା ହସ୍ପିଟାଲ୍ - ହାଇଟେକ୍ ସିଟିରେ ଅତ୍ୟାଧୁନିକ ‘ଏମ.ଆର୍. ଲିନାକ୍’ ପ୍ରଯୁକ୍ତିବିଦ୍ୟା ପ୍ରବର୍ତ୍ତନ କରିଛୁ। ଏମ ଆର୍ ଲିନାକ୍ ମାଧ୍ୟମରେ ପ୍ରଦାନ କରାଯାଉଥିବା ସେବା ସମ୍ବନ୍ଧରେ ମତବ୍ୟକ୍ତ କରି ଡାକ୍ତର ଏମ ସୁନିଆ କହିଛନ୍ତି ଯେ ଏହା ବିଶ୍ୱର ସବୁଠାରୁ ଅତ୍ୟାଧୁନିକ ରେଡିଏସନ୍ ମେସିନ୍ ଗୁଡ଼ିକ ମଧ୍ୟରୁ ଅନ୍ୟତମ।

# ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ ଦିବସ

ଭୁବନେଶ୍ୱର, (ସବ୍ୟୁ): ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ବ୍ୟାଙ୍କ ଏବଂ ବୀମା) ଭୁବନେଶ୍ୱରଙ୍କ ତତ୍ତ୍ୱାବଧାନରେ ହିନ୍ଦୀ ଦିବସ ୨୦୨୬ ଅବସରରେ ୯ ଅକ୍ଟୋବର ୨୦୨୬ ତାରିଖରେ ଏକ ଭବ୍ୟ ହିନ୍ଦୀ କବିତା ପାଠ ଓ ଭାଷଣ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ହିନ୍ଦୀ ଭାଷାର ପ୍ରଚାର ପ୍ରସାର ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆର୍ଥିକ ସଚେତନତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ଭୁବନେଶ୍ୱର ସହର ଅନ୍ତର୍ଗତ ସମସ୍ତ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି, ଭୁବନେଶ୍ୱର (ବ୍ୟାଙ୍କ ଏବଂ ବୀମା)ର ବନ ବିହାରୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ସଞ୍ଜୀବ ରଞ୍ଜନ ସହାୟ, ଉପ-ଆଞ୍ଚଳିକ ମୁଖ୍ୟ ଏବଂ ଆଞ୍ଚଳିକ ଆସ୍ୟୁରାନ୍ସ ମୁଖ୍ୟ ଶଙ୍କର ହେମ୍ବ୍ରମ, ଆଞ୍ଚଳିକ ଜ୍ଞାନାର୍ଜନ କେନ୍ଦ୍ର ପ୍ରଭାରୀ ଅଞ୍ଜନୀ କୁମାର, ରାଜଭାଷା ଅଧିକାରୀ ସୁଧିର ପ୍ରସାଦ ଏବଂ ଅଜୟ ପ୍ରସାଦଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀଗଣ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ବନ ବିହାରୀ ସାହୁ ୟୁନିୟନ୍ ବ୍ୟାଙ୍କର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏହି ପ୍ରତିଯୋଗିତା ହିନ୍ଦୀ ଭାଷାର ପ୍ରଚାର ପ୍ରସାର ସହିତ ଛାତ୍ରଛାତ୍ରୀମାନଙ୍କ ଅଭିବ୍ୟକ୍ତି, କୋ÷ଶଳ, ଆତ୍ମବିଶ୍ୱାସ ଓ ରାଷ୍ଟ୍ର ପ୍ରତି ସକାରତ୍ମକ ଦୃଷ୍ଟିଭଙ୍ଗୀର ବିକାଶରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଆଜିର ସମୟରେ ଆର୍ଥିକ ସାକ୍ଷରତା ଏକ ଜରୁରୀ ଆବଶ୍ୟକତା ଓ ଛାତ୍ରଛାତ୍ରୀମାନଙ୍କୁ କମ୍ ବୟସରୁ ଆର୍ଥିକ ଶୃଙ୍ଖଳାର ଅଭ୍ୟାସ କରି ଭବିଷ୍ୟତରେ ଏକ ସଶକ୍ତ ନାଗରିକ ଭାବେ ନିଜକୁ ଗଢି ତୋଳିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଆଞ୍ଚଳିକ ମୁଖ୍ୟ ଶ୍ରୀ ସହାୟ କହିଥିଲେ।

# ଓଡ଼ିଶା ଅପଡେଟର ଦ୍ୱିତୀୟ ସ୍ୱନକ୍ଷତ୍ର ଦିବସ

ଭୁବନେଶ୍ୱର, (ସବ୍ୟୁ): ‘ଓଡ଼ିଶା ଅପଡେଟ’ର ଦ୍ୱିତୀୟ ସ୍ୱନକ୍ଷେତ୍ର ଦିବସ ପାଳିତ ହୋଇଯାଇଛି




। ଶୁକ୍ରବାର ରାଜଧାନୀର ଏକ ତାରକା ହୋଟେଲରେ ଏହି ଉତ୍ସବ ପାଳିତ ହୋଇଛି । ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପରେ ‘ଓଡ଼ିଶା ଅପଡେଟ’ର ସମ୍ପାଦକ ଟିକାୟତ ନାୟକ ସମ୍ପାଦକୀୟ ପାଠ କରିଥିଲେ । ମୁଖ୍ୟ ଅତିଥି ଭାବେ ରାଜ୍ୟର ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ ଚନ୍ଦ୍ର ଘଡ଼ାଇ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ସମାଜସେବୀ ଦେବସ୍ମିତା ମହାନ୍ତି , ଓଡ଼ିଆ ସିନେମା ପ୍ରଯୋଜକ ଅତୀଶ କୁମାର ରାଉତ, ରାଜ୍ୟ ମହିଳା କଂଗ୍ରେସର ମିଡ଼ିଆ ଅଧକ୍ଷା ଜୟସ୍ମିତା ମହାନ୍ତି ଯୋଗଦେଇଥିଲେ । ଆଲୋଚନାର ବିଷୟ ଥିଲା ଆମ ସମାଜରେ ଜେନ୍ ଜୀଙ୍କ ଭୂମିକା । ମୁଖ୍ୟ ଅତିଥି ଶ୍ରୀ ଘଡ଼ାଇ ଆଜିର ସମାଜରେ ଜେନ୍ ଜୀଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ସେହିଭଳି ଅତିଥିମାନେ କହିଥିଲେ ଆଜିର ଯୁବପିଢୀ ଦେଶର ଆସନ୍ତାକାଲିର ଭବିଷ୍ୟତ । ଏଣୁ ସେମାନେ ପଥଭ୍ରଷ୍ଟ ନ ହୋଇ ଉଚିତ୍ ବାଟରେ ଯିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ‘ଓଡ଼ିଶା ଅପଡେଟ୍’ ପକ୍ଷରୁ ‘ଓଡ଼ିଶା ଅପଡେଟ୍ ଏକ୍ସିଲେନ୍ସ ଆୱାର୍ଡ’ ପ୍ରଦାନ କରାଯାଇଥିଲା । ଏହାପରେ ଏକ ପ୍ୟାନେଲ ଡିସକ୍ସନରେ ବହୁ ବୁଦ୍ଧିଜୀବ ଭାଗ ନେଇ ଏକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ କରାଯାଇଥିଲା ।

### ମିସ୍ ଫାବ୍ ଇଣ୍ଡିଆ, ଶ୍ରେୟାନସୀ ରନର୍ସ ଅପ୍

ଭୁବନେଶ୍ୱର (ସବ୍ୟୁ): ମିସ୍ ଫାବ୍ ଇଣ୍ଡିଆ ସଂସ୍ଥା ତରଫରୁ ଆୟୋଜିତ ହେଇଥିଲା ମିସ୍ ଫାବ ଇଣ୍ଡିଆ ସୁନ୍ଦରୀ ପ୍ରତିଯୋଗିତା । ଇଣ୍ଡିଆ ର ବିଭିନ୍ନ ରାଜ୍ୟ ରୁ ୪୦ ରୁ ଅଧିକ ପ୍ରତିଯୋଗୀ ଭାଗ ନେଇ ଥିଲେ। ଏହି ପ୍ରତିଯୋଗିତାରେ ଭୁବନେଶ୍ୱର ର ୧୮



ବୟସ ର ଶ୍ରେୟାନସୀ ଭାଗ୍ୟଶ୍ରୀ ଭାଗ ନେଇ ରନର୍ସ- ଅପ ର ବିଜେତା ହେଇ ଛନ୍ତି। ଶ୍ରେୟାନସୀ ଜଣେ ମେଡିକାଲ ଛାତ୍ରୀ, ତାଙ୍କ ମାଆ ମଧ୍ୟ ଜଣେ ଡାକ୍ତର, ଭବିଷ୍ୟତ ରେ ଜଣେ ଡାକ୍ତର ହୋଇ ଅସହାୟ ମାନଙ୍କର ସେବା କରିବାକୁ ତାଙ୍କର ସ୍ୱପ୍ନ ବୋଲି ସେ କହିଛନ୍ତି । ଭବିଷ୍ୟତ ରେ ସୁଯୋଗ ମିଳିଲେ ସେ ଫେସନ ସୋ ରେ ନିଜ ପ୍ରତିଭା ଦେଖାଇବାକୁ ମଧ୍ୟ ଆଗ୍ରହୀ ଅଛନ୍ତି। ଓଡ଼ିଶା ଫ୍ୟାସନ ମଡେଲ ଭିଲ୍ଲା ର ପ୍ରତିଷ୍ଠାନ ଏବଂ ସମସ୍ତ ଓଡ଼ିଶା ର ଫ୍ୟାସନ ପ୍ରେମୀ ମାନଙ୍କ ତରଫ ରୁ ତାଙ୍କୁ ଶୁଭକାମନା।

# ଓଜେସି ବ୍ଲକ ନଂ- ୫ ର ସାଙ୍ଗଠନିକ ପ୍ରସ୍ତୁତି ବୈଠକ

କଟକ, (ସ୍ୱପ୍ର): ଓଡ଼ିଶା ଜନତା କଂଗ୍ରେସ (ଓଜେସି), କଟକ ସହର ୫ ନମ୍ବର ବ୍ଲକ ପକ୍ଷରୁ ଓଜେସି କଟକ ସହର ସଭାନେତ୍ରୀ ଗିରିବାଳା ବେହେରାଙ୍କ ଆହ୍ୱାନ କ୍ରମେ ଏକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ପ୍ରସ୍ତୁତି ବୈଠକ ସ୍ଥାନୀୟ ବକ୍ସି ବଜାର ସ୍ଥିତ ଅନ୍ନପୂର୍ଣ୍ଣା ଥିଏଟର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୫ ନମ୍ବର ବ୍ଲକ ସଭାପତି ରାକେଶ ମହାରଣା ଅଧ୍ୟକ୍ଷତା କରିଥିଲେ । ବ୍ଲକ ଅନ୍ତର୍ଗତ ସମସ୍ତ ୱାର୍ଡରୁ ବହୁ ସଂଖ୍ୟାରେ ମହିଳା, ଯୁବକ ତଥା ଦଳୀୟ କର୍ମକର୍ତ୍ତା ଏଥିରେ ଯୋଗ ଦେଇଥିଲେ । ଏହି ଅବସରରେ ଓଜେସି ରାଜ୍ୟ ସଭାପତି ଇଂ. ମହମ୍ମଦ ମୋକିମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ କର୍ମୀମାନଙ୍କୁ ସମ୍ବୋଧିତ କରିଥିଲେ । ଶ୍ରୀ ମୋକିମ କହିଥିଲେ ଯେ, ତୃଣମୂଳ ସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବା ଆମର ମୁଖ୍ୟ ଲକ୍ଷ୍ୟ । ଆଗାମୀ ପୌର ନିର୍ବାଚନରେ କଟକବାସୀଙ୍କ ମୌଳିକ ସମସ୍ୟା, ସହରର ବିକାଶ ଓ ଲୋକଙ୍କ ଅଧିକାରକୁ ନେଇ ଆମେ ସାମ୍ନାକୁ ଯିବା । ପ୍ରତ୍ୟେକ ୱାର୍ଡରେ ଘରେ ଘରେ ପହଞ୍ଚି ଲୋକଙ୍କ ସୁଖ-ଦୁଃଖରେ ସାମିଲ ହେବା ସହ ଦଳର ବାର୍ତ୍ତା ପହଞ୍ଚାଇବାକୁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ସଙ୍ଗଠନର ଶକ୍ତି ହିଁ ଆଗାମୀ ଦିନରେ ନିର୍ବାଚନର ଫଳାଫଳ ନିର୍ଣ୍ଣୟ କରିବ । ସମ୍ମାନିତ ଅତିଥି ଭାବେ ଯୋଗଦେଇ କଟକ ସହର ସଭାନେତ୍ରୀ ଗିରିବାଳା ବେହେରା କହିଥିଲେ ଯେ, ମହିଳା ଓ ଯୁବଶକ୍ତି ହେଉଛନ୍ତି ସଙ୍ଗଠନର ମୁଖ୍ୟ ମେରୁଦଣ୍ଡ । ସଭାପତିତ୍ୱ କରି ରାକେଶ ମହାରଣା କହିଥିଲେ ଯେ, ୫ ନମ୍ବର ବ୍ଲକର ପ୍ରତ୍ୟେକଟି ୱାର୍ଡରେ କର୍ମୀମାନେ ସମ୍ପୂର୍ଣ୍ଣ ଉତ୍ସାହର ସହ କାର୍ଯ୍ୟ କରୁଛନ୍ତି । ଆଗାମୀ ଦିନରେ ଦଳ ଦେଇଥିବା ସମସ୍ତ କାର୍ଯ୍ୟକ୍ରମକୁ ଏହି ବ୍ଲକରେ ସଫଳତାର ସହ ପାଳନ କରାଯିବ ଏବଂ ପୌର ନିର୍ବାଚନରେ ବିଜୟ ହାସଲ କରିବା ପାଇଁ ଆମେ ସଂକଳ୍ପବଦ୍ଧ । ଅନ୍ୟମାନଙ୍କ ମଧ୍ୟରେ




ବରିଷ୍ଠ ଓଜେସି ନେତା କେଦାର ପୃଷ୍ଟି, ଅନିତା ନାୟକ, ଚନ୍ଦନ ଦାସ, ମୀର ମୁଜାଫର ଅଲ୍ଲୀ, ସେକ ସମ୍ମିମ ଉଲ୍ଲା, ସନ୍ତୋଷ କୁମାର ପାତ୍ର, ସଦାବ ସଲାମ, ଅରୁଣ ମହାପାତ୍ର, ଉସ୍ମାନ ଖାନ, ଗଣେଶ୍ୱର ମହାରଣା, ଶେଷଦେବ ବେହେରା, ଅଜିଜ ଖାନ, ସ୍ମିତା ସେନ, ଅମିତ ତ୍ରିବେଦୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଗାନ୍ଧୀଙ୍କଠାରୁ ଶିଖନ୍ତୁ ମୋଦୀ: ବ୍ରିଟିଶ ଶାସନର ଉଦାହରଣ ଦେଲେ ଆକାର ପଟେଲ

## ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଅନୁମତି ଦିଅନ୍ତୁ, ଭୋଟରଙ୍କ ପ୍ରତି ଅନ୍ୟାୟର ସମାଧାନ କରନ୍ତୁ

**ନୂଆଦିଲ୍ଲୀ:** ଗଣତନ୍ତ୍ରରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଓ ଜନସାଧାରଣଙ୍କ ମତ ପ୍ରକାଶର ଅଧିକାରକୁ ସମ୍ମାନ ଦେବା ସହ ଅଭିଯୋଗର ସମାଧାନ କରିବା ଶାସନର ଦାୟିତ୍ୱ। ଏହି ପ୍ରସଙ୍ଗରେ ମହାତ୍ମା ଗାନ୍ଧୀଙ୍କ ଚମ୍ପାରଣ ଆନ୍ଦୋଳନର ଉଦାହରଣ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରକୁ ଆତ୍ମସମୀକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି ସ୍ତମ୍ଭକାର ଆକାର ପଟେଲ। ରେଡିଫ୍ରେ ପ୍ରକାଶିତ ନିଜ ସ୍ତମ୍ଭରେ ସେ ଶାନ୍ତିପୂର୍ଣ୍ଣ ସମାବେଶର ଅଧିକାରକୁ ସ୍ୱୀକାର କରିବା, ଭୋଟରଙ୍କ ପ୍ରତି ହୋଇଥିବା ଅନ୍ୟାୟ ଦୂର କରିବା ଏବଂ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦେଇଛନ୍ତି। ପଟେଲଙ୍କ ମତରେ, ୧୯୧୭ରେ ଚମ୍ପାରଣରେ ଗାନ୍ଧୀଙ୍କ ଆନ୍ଦୋଳନ ବ୍ରିଟିଶ ଶାସନକୁ ଜନସାଧାରଣଙ୍କ ଦାବି ଆଗରେ ନିଜ ନିଷ୍ପତ୍ତିର ପୁନର୍ବିଚାର



କରିବାକୁ ବାଧ କରିଥିଲା। ସେତେବେଳେ ଚମ୍ପାରଣର କୃଷକମାନେ 'ତିନକଠିଆ' ପ୍ରଥା ଅନୁଯାୟୀ ନିଜ ଜମିର ଏକ ଅଂଶରେ ବାଧ୍ୟତାମୂଳକ ଭାବେ ନୀଳଚାଷ କରୁଥିଲେ। ଏହି ଅନ୍ୟାୟ ବିରୋଧରେ ଗାନ୍ଧୀ ତଥ୍ୟ ସଂଗ୍ରହ ଓ ତଦନ୍ତ ଆରମ୍ଭ କରିଥିଲେ। ବ୍ରିଟିଶ ପ୍ରଶାସନ ତାଙ୍କୁ ଚମ୍ପାରଣ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସେ ଶାନ୍ତିପୂର୍ଣ୍ଣ ଭାବେ ନିଜ ଅବସ୍ଥାନରେ ଅଟଳ ରହିଥିଲେ। ପରେ ପ୍ରଶାସନ ଗାନ୍ଧୀଙ୍କୁ ତଦନ୍ତ କରିବାର ଅନୁମତି ଦେବା ସହ ଏକ କମିଟି ଗଠନ କରିଥିଲା। କମିଟି କୃଷକଙ୍କ ସପକ୍ଷରେ ସୁପାରିସ କରିବା ପରେ ଅନ୍ୟାୟମୂଳକ ଆଦାୟର କିଛି ଅଂଶ ଫେରସ୍ତ ଓ ତିନକଠିଆ ପ୍ରଥାର ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯାଇଥିଲା। ପଟେଲ ଏହି ଘଟଣାକୁ ଉଦାହରଣ ଭାବେ ଉପସ୍ଥାପନ କରି କହିଛନ୍ତି ଯେ ଜନସାଧାରଣଙ୍କ ଦାବିକୁ ଦମନ କରିବା ପରିବର୍ତ୍ତେ ସରକାର ତାହାର ଯଥାର୍ଥତା ବିଚାର କରିବା ଉଚିତ। ବର୍ତ୍ତମାନ ଦେଶରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଓ ନିର୍ବାଚନ କମିଶନଙ୍କ ଜବାବଦେହିତାକୁ ନେଇ ଚାଲିଥିବା ବିବାଦ ଉପରେ ମଧ୍ୟ ପଟେଲ ପ୍ରଶ୍ନ ଉଠାଇଛନ୍ତି। ତାଙ୍କ ମତରେ, ଏଭଳି ପ୍ରସଙ୍ଗରେ କେବଳ ସାମାନ୍ୟ ପରିବର୍ତ୍ତନ କିମ୍ବା ଆଶ୍ୱାସନା ଦେବା ଯଥେଷ୍ଟ ନୁହେଁ; ଲୋକଙ୍କ ଅଭିଯୋଗର ବିଶ୍ୱସନୀୟ ସମାଧାନ ଆବଶ୍ୟକ। ଏହା ସହ ଛାତ୍ର ଆନ୍ଦୋଳନ, କୃଷକ ଆନ୍ଦୋଳନ ଓ ଅନ୍ୟାନ୍ୟ ଜନଆନ୍ଦୋଳନର ଉଦାହରଣ ଦେଇ ସେ ଦର୍ଶାଇଛନ୍ତି ଯେ ଦୀର୍ଘସ୍ଥାୟୀ ଜନପ୍ରତିବାଦ ସରକାରଙ୍କୁ ନିଷ୍ପତ୍ତି ବଦଳାଇବାକୁ ବାଧ କରିପାରେ। ସ୍ତମ୍ଭରେ ପଟେଲଙ୍କ ମୁଖ୍ୟ ଆହ୍ୱାନ ହେଉଛି—ଗଣତନ୍ତ୍ରରେ ଆନ୍ଦୋଳନକାରୀଙ୍କୁ ଶତ୍ରୁ ଭାବେ ଦେଖିବା ପରିବର୍ତ୍ତେ ସେମାନଙ୍କ ଅଭିଯୋଗ ଶୁଣିବା ଓ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଆବଶ୍ୟକ। ଶାନ୍ତିପୂର୍ଣ୍ଣ ସମାବେଶର ଅଧିକାରକୁ ସମ୍ମାନ ଦେବା ସହ ନିର୍ବାଚନ ପ୍ରକ୍ରିୟା ପ୍ରତି ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ଯେକୌଣସି ଗଣତାନ୍ତ୍ରିକ ସରକାରର ପ୍ରାଥମିକ ଦାୟିତ୍ୱ ବୋଲି ସେ ମତ ଦେଇଛନ୍ତି।

# ଜନ୍ତରମନ୍ତରର ଆନ୍ଦୋଳନର ନୂଆ ଚେହେରା ଅଜିଙ୍କ୍ୟ ସିନ୍ଦେ



**ନୂଆଦିଲ୍ଲୀ:** ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଦିଲ୍ଲୀର ଜନ୍ତରମନ୍ତରଠାରେ ଆନ୍ଦୋଳନ ଡାକରା ଦେଇଥିବା କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ନୂଆ ଚେହେରା ଭାବେ ଉଭା ହୋଇଛନ୍ତି ଅଜିଙ୍କ୍ୟ ସିନ୍ଦେ। ଦଳର ପ୍ରତିଷ୍ଠାତା ଅଭିଜିତ ଦୀପକେଙ୍କ ସମେତ ଅନ୍ୟ ଦୁଇ ନେତା ସୌରଭ ଦାସ ଓ ଆଶୁତୋଷ ରଙ୍କାଙ୍କୁ ଦିଲ୍ଲୀ ପୁଲିସ ଅଟକ ରଖିବା ପରେ ସିନ୍ଦେ ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି। ମହାରାଷ୍ଟ୍ରର ଲାତୁର ଜିଲ୍ଲାର ବାସିନ୍ଦା ୩୫ ବର୍ଷୀୟ ସିନ୍ଦେ ପେସାରେ ଜଣେ କମ୍ପ୍ୟୁଟର ଇଞ୍ଜିନିୟର ଥିଲେ। କିନ୍ତୁ ଦେଶର ସାମାଜିକ ଓ ରାଜନୈତିକ ପରିସ୍ଥିତି ତାଙ୍କୁ ସକ୍ରିୟ ରାଜନୀତି ଓ ଜନଆନ୍ଦୋଳନ ଆଡ଼କୁ ଟାଣି ଆଣିଥିଲା। ଆନ୍ନା ହଜାରେଙ୍କ ଦୁର୍ନୀତି ବିରୋଧୀ ଆନ୍ଦୋଳନ ଏବଂ ଅରବିନ୍ଦ କେଜ୍ରିୱାଲଙ୍କ ରାଜନୈତିକ ଅଭିଯାନ ତାଙ୍କୁ ପ୍ରଭାବିତ କରିଥିଲା। ପୁଣେର ଏକ ଆଇଟି କମ୍ପାନିରେ କାମ କରିବା ପରେ ସେ ଚାକିରି ଛାଡ଼ି ଆମ୍ ଆଦମୀ ପାର୍ଟି (ଆପ୍)ରେ ଯୋଗ ଦେଇଥିଲେ। ଦଳର ମହାରାଷ୍ଟ୍ର ଯୁବ ଶାଖାର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବା ସହ ଗୋଆରେ ମଧ୍ୟ ସଂଗଠନ ଦାୟିତ୍ୱ ତୁଲାଇଥିଲେ। ପରେ ସେ ଆପ୍ ଛାଡ଼ି ସିଜେପିରେ ଯୋଗ ଦେଇଥିଲେ। ୨୦୨୬ ଅଗଷ୍ଟରେ ଦଳର ଜାତୀୟ ସଂଗଠନ ପ୍ରଭାରୀ ଦାୟିତ୍ୱ ପାଇଥିଲେ। ଚଳିତ ବର୍ଷ ନିଟ୍-ୟୁଜି ସମେତ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଓ ଅନିୟମିତତା ଅଭିଯୋଗକୁ ନେଇ ଦିଲ୍ଲୀରେ ହୋଇଥିବା ଆନ୍ଦୋଳନରେ ମଧ୍ୟ ସିନ୍ଦେ ସକ୍ରିୟ ଥିଲେ। ଏହି ଆନ୍ଦୋଳନ ପରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି ସିଜେପି ପ୍ରାୟ ପାଞ୍ଚ ସପ୍ତାହ ଧରି ଧାରଣା ଦେଇଥିଲା। ଏବେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟା ଓ ଭୋଟର ପଞ୍ଜୀକରଣରେ ଅନିୟମିତତା ହୋଇଥିବା ଅଭିଯୋଗ କରି ସିଜେପି ମୁଖ୍ୟ ନିର୍ବାଚନ କମିଶନରଙ୍କ ଇସ୍ତଫା ଦାବି କରିଛି। ଏହି ଅଭିଯୋଗଗୁଡ଼ିକ ଦଳର ଦାବି ହୋଇଥିବାବେଳେ ଏହାର ସତ୍ୟତା ସ୍ୱତନ୍ତ୍ର ଭାବେ ପ୍ରମାଣିତ ହୋଇନାହିଁ। ଶନିବାର ମୁମ୍ବାଇରୁ ଦିଲ୍ଲୀ ଆସିଥିବା ସିଜେପିର ତିନି ଶୀର୍ଷ ନେତାଙ୍କୁ ବିମାନବନ୍ଦରରେ ଅଟକ ରଖାଯିବା ପରେ ଆନ୍ଦୋଳନର ନେତୃତ୍ୱ ସିନ୍ଦେଙ୍କ ହାତକୁ ଆସିଛି। ଜନ୍ତରମନ୍ତରରେ ପ୍ରଦର୍ଶନକୁ ରୋକିବା ପାଇଁ ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ଅନେକ ପ୍ରଦର୍ଶନକାରୀଙ୍କୁ ଅଟକ ରଖାଯାଇଛି। ଏଭଳି ପରିସ୍ଥିତିରେ ସିନ୍ଦେ ଆନ୍ଦୋଳନକୁ ଆଗକୁ ନେବା ସହ ସମର୍ଥକଙ୍କୁ ଏକଜୁଟ୍ କରିବାର ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି।

# ତେଲ କମ୍ପାନୀ ସିଧା ରିଜର୍ଭ ବ୍ୟାଙ୍କରୁ ଡଲାର ନେବେ

**ମୁମ୍ବାଇ:** ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେଉଛି। ବିନିମୟ ମୂଲ୍ୟ ହ୍ରାସ ପାଉଛି। ଉଭୟ ସରକାର ଓ ରିଜର୍ଭ ବ୍ୟାଙ୍କ ପାଇଁ ଏହା ମୁଣ୍ଡବିନ୍ଧାର କାରଣ ପାଲଟିଛି। ଟଙ୍କା ମୂଲ୍ୟରେ ହେଉଥିବା ହ୍ରାସକୁ ରୋକିବା ଲାଗି ରିଜର୍ଭ ବ୍ୟାଙ୍କ ନୂଆ ପଦକ୍ଷେପ ଘୋଷଣା କରିଛି। ରାଷ୍ଟ୍ରାୟତ୍ତ ତେଲ କମ୍ପାନିଗୁଡ଼ିକୁ ସ୍ପଟ ମାର୍କେଟରୁ ଡଲାର କ୍ରୟରୁ ଦୂରେଇ ରଖିଛି। ଅନ୍ୟପକ୍ଷରେ ସେମାନଙ୍କ ଦୈନିକ ଡଲାର ଆବଶ୍ୟକତା ପୂରଣ ପାଇଁ ରିଜର୍ଭ ବ୍ୟାଙ୍କ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରିଛି। ନୂଆ ବ୍ୟବସ୍ଥାରେ ଦେଶର ୩ଟି ଯାକ ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନିକୁ ରିଜର୍ଭ ବ୍ୟାଙ୍କ ସିଧାସଳଖ ତାହାର ମୁଦ୍ରା ଭଣ୍ଡାରରୁ ଡଲାର ଯୋଗାଇବ। ଭାରତୀୟ ତୈଳ ନିଗମ, ହିନ୍ଦୁସ୍ତାନ ପେଟ୍ରୋଲିୟମ ଏବଂ ଭାରତ ପେଟ୍ରୋଲିୟମ ଆସନ୍ତା ୧୨ ତାରିଖ ବା ସୋମବାରଠାରୁ ଏହି ସୁବିଧା ପାଇବେ। ତେଲ କମ୍ପାନିଗୁଡ଼ିକର ଡଲାର କ୍ରୟକୁ ଅଲଗା କରିଦେଲେ ସ୍ପଷ୍ଟ ବଜାରରେ ଡଲାରର ଚାହିଦା ଉପରେ ପଡୁଥିବା ଚାପ କମିଯିବ ବୋଲି ଅନୁମାନ କରାଯାଉଛି। କିନ୍ତୁ ଏହାର ପ୍ରଭାବରେ ରିଜର୍ଭ ବ୍ୟାଙ୍କର ବୈଦେଶିକ ମୁଦ୍ରା ଭଣ୍ଡାର ପରିମାଣ କମିବା ଆଶଙ୍କା ରହିଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏହା ବ୍ୟତୀତ ରିଜର୍ଭ ବ୍ୟାଙ୍କ ଟଙ୍କା ମୂଲ୍ୟ ହ୍ରାସକୁ ରୋକିବା ପାଇଁ ଅନ୍ୟ କେତେକ ପଦକ୍ଷେପ ମଧ୍ୟ ନେଇଛି। ଉଲ୍ଲେଖଯୋଗ୍ୟ, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଉଚ୍ଚା ରହିବା ସମେତ ଅନ୍ୟ କେତେକ କାରଣରୁ ଡଲାର ତୁଳନାରେ ଟଙ୍କା ମୂଲ୍ୟ କମିବାରେ ଲାଗିଛି। ଚଳିତବର୍ଷ ଟଙ୍କା ମୂଲ୍ୟରେ ୭ ପ୍ରତିଶତରୁ ଅଧିକ ହ୍ରାସ ଘଟିଲାଣି। ଗୋଟିଏ ଡଲାର ପାଇବା ପାଇଁ ବର୍ତ୍ତମାନ ପାଖାପାଖି ୯୭ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଯଦି ହ୍ରାସ ଧାରା ଲାଗି ରହେ ତାହେଲେ ଟଙ୍କା ଆହୁରି ଦୁର୍ବଳ ହୋଇ ୧୦୦ ଟପିଯିବା ଆଶଙ୍କା ରହିଛି।

# ସୁପ୍ରିମକୋର୍ଟରେ ରବିବାର ସ୍ୱତନ୍ତ୍ର ଶୁଣାଣି

**ନୂଆଦିଲ୍ଲୀ:** ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ପ୍ରତିବାଦ ସମୟରେ ଦିଲ୍ଲୀ ମେଟ୍ରୋ ଷ୍ଟେସନଗୁଡ଼ିକୁ ବନ୍ଦ କରିବା ଓ ଟ୍ରେନ୍ ସେବା ବାତିଲ କରି କର୍ତ୍ତୃପକ୍ଷ ଅକ୍ଟୋବର ୯ ତାରିଖରେ ସର୍ବୋଚ୍ଚ ଅଦାଲତ ଦେଇଥିବା ନିର୍ଦ୍ଦେଶକୁ ଉଲ୍ଲଂଘନ କରିଥିବା ଅବମାନନା ଆବେଦନ ଉପରେ ସୁପ୍ରିମକୋର୍ଟ ରବିବାର ସ୍ୱତନ୍ତ୍ର ଶୁଣାଣି କରିବେ। ଜଷ୍ଟିସ ଜୟମାଲ୍ୟ ବାଗ୍ଚୀ ଓ ଜଷ୍ଟିସ ଭି ମୋହନାଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ ଉଭୟ ଘଟଣା ଉପରେ ଶୁଣାଣି କରିବେ। କୋର୍ଟ ଅବମାନନା ଆବେଦନ ଆଡଭୋକେଟ ଶୈଳେନ୍ଦ୍ର ମଣି ତ୍ରିପାଠୀଙ୍କ ଦ୍ୱାରା ଦାୟର ହୋଇଛି। ଶନିବାର ଦିଲ୍ଲୀରେ ପ୍ରଦର୍ଶନ ସମୟରେ ପ୍ରଦର୍ଶନକାରୀଙ୍କ ଅଟକ ସମ୍ପର୍କରେ ଦାୟର ହୋଇଥିବା ଏକ ହେବିୟସ୍ କର୍ପସ୍ ଆବେଦନର ମଧ୍ୟ ସ୍ୱତନ୍ତ୍ର ଖଣ୍ଡପୀଠ ଶୁଣାଣି କରିବେ। ଚାରି ଜଣ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସମେତ ବିରୋଧୀ ନେତାଙ୍କ ସତର୍କତାମୂଳକ ଅଟକକୁ ଚ୍ୟାଲେଞ୍ଜ କରି ହେବିୟସ୍ କର୍ପସ୍ ଆବେଦନ ତୃଣମୂଳ କଂଗ୍ରେସ ସାଂସଦ ତଥା ବରିଷ୍ଠ ଓକିଲ ମେନକା ଗୁରୁସ୍ୱାମୀଙ୍କ ଦ୍ୱାରା ଦାୟର ହୋଇଛି। ଗୁରୁସ୍ୱାମୀ ଯୁକ୍ତି ଦେଇଛନ୍ତି ଯେ, ଶାନ୍ତିପୂର୍ଣ୍ଣ ପ୍ରତିବାଦର ମୌଳିକ ଅଧିକାରକୁ ଦମନ କରିବା ପାଇଁ ସତର୍କତାମୂଳକ ଅଟକ ବ୍ୟବହାର କରାଯାଇପାରିବ ନାହିଁ। ଆବେଦନକାରୀ ରାସ୍ତାରୁ ପ୍ରତିବାଦକାରୀମାନଙ୍କୁ ଓ ବିରୋଧୀ ନେତାମାନଙ୍କୁ ସେମାନଙ୍କ ବାସଭବନରୁ ଉଠାଇ ନେବାର ପୁଲିସ କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ଆବେଦନରେ କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ, ଦିଲ୍ଲୀ ପୁଲିସ କମିସନର ଅନୁରାଗ କୁମାର ଓ ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମ୍ଆର୍ସି) ଅଧ୍ୟକ୍ଷ ଡି ଥରାଙ୍କ ବିରୋଧରେ ଅଦାଲତଙ୍କ ନିର୍ଦ୍ଦେଶକୁ ଜାଣିଶୁଣି ଅବମାନନା କରିବା ଅଭିଯୋଗରେ ଅବମାନନା ମାମଲା ରୁଜୁ କରିବାକୁ ଦାବି କରାଯାଇଛି। ଆବେଦନକାରୀ ଯୁକ୍ତି ଦେଇଛନ୍ତି ଯେ, ଅକ୍ଟୋବର ୧୦ ତାରିଖରେ ହୋଇଥିବା ପ୍ରତିବାଦ ସମୟରେ ମେଟ୍ରୋ ଓ ରେଳ ସେବାକୁ ସମ୍ପୂର୍ଣ୍ଣ ବନ୍ଦ ନକରିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କର୍ତ୍ତୃପକ୍ଷ ସାଧାରଣ ପରିବହନ ଉପରେ କଟକଣା ଜାରି କରିଥିଲେ। ଆବେଦନ ଅନୁଯାୟୀ, ମେଟ୍ରୋ ଷ୍ଟେସନଗୁଡ଼ିକ ବନ୍ଦ ରହିବା ଓ ଟ୍ରେନ୍ ବାତିଲ ହେବା ଫଳରେ ଯାତ୍ରୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥିଲେ ଏବଂ ଜାତୀୟ ରାଜଧାନୀରେ ଜନଜୀବନ ଗୁରୁତର ଭାବରେ ବ୍ୟାହତ ହୋଇଥିଲା। ଅଭିଯୋଗଗୁଡ଼ିକର ଏପର୍ଯ୍ୟନ୍ତ କୋର୍ଟ ଦ୍ୱାରା ବିଚାର କରାଯାଇ ନାହିଁ।

# ବିଶ୍ୱର ଶ୍ରେଷ୍ଠ ୨% ବୈଜ୍ଞାନିକ ତାଲିକାରେ ବ୍ରିକ୍-ଆଇଏଲ୍ଏସ୍ର ଦୁଇ ବୈଜ୍ଞାନିକ

**ଭୁବନେଶ୍ୱର:** ବୈଜ୍ଞାନିକ ଗବେଷଣା କ୍ଷେତ୍ରରେ ଓଡ଼ିଶା ପାଇଁ ଆଉ ଏକ ଗୌରବର ଅଧ୍ୟାୟ ଯୋଡ଼ିଛନ୍ତି ଭୁବନେଶ୍ୱରସ୍ଥିତ ବ୍ରିକ୍-ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସେସ୍ (ବ୍ରିକ୍-ଆଇଏଲ୍ଏସ୍)ର ଦୁଇ ବୈଜ୍ଞାନିକ। ଡ. ସଞ୍ଜୀବ କୁମାର ସାହୁ ଓ ଡ. ଅମରେଶ ଚନ୍ଦ୍ର ପଣ୍ଡା ୨୦୨୬ ମସିହା ପାଇଁ ପ୍ରକାଶିତ ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକଙ୍କ ତଥ୍ୟ ଆଧାରରେ ଏଲ୍ସେଭିୟର୍ ପକ୍ଷରୁ ଏହି ତାଲିକା ପ୍ରକାଶ କରାଯାଇଛି। ଉଲ୍ଲେଖନୀୟ ଯେ, ଉଭୟ ବୈଜ୍ଞାନିକ ୨୦୧୯ରୁ ୨୦୨୬ ପର୍ଯ୍ୟନ୍ତ କ୍ରମାଗତ ଆଠ ବର୍ଷ ଧରି ଏହି ସ୍ୱୀକୃତି ହାସଲ କରିଆସୁଛନ୍ତି। ଚଳିତ ବର୍ଷର ତାଲିକାରେ ଭାରତର ୬,୯୫୪ ଜଣ ଗବେଷକ ସ୍ଥାନ ପାଇଛନ୍ତି। ଦୀର୍ଘ ସମୟ ଧରି ଗବେଷଣାର ଗୁଣବତ୍ତା, ଉପଯୋଗିତା ଓ ଅନ୍ୟ ଗବେଷକଙ୍କ ଉପରେ ଏହାର ପ୍ରଭାବର ପ୍ରତିଫଳନ ଭାବେ ଏହି ସ୍ୱୀକୃତିକୁ ବିବେଚନା କରାଯାଉଛି। ଡ. ସାହୁ କ୍ଲିନିକାଲ୍ ମେଡିସିନ୍ କ୍ଷେତ୍ରରେ ଗବେଷଣା କରୁଥିବାବେଳେ ତାଙ୍କର ବିଶେଷ ଅଧ୍ୟୟନ କ୍ଷେତ୍ର ହେଉଛି ଫାର୍ମାକୋଲୋଜି ଓ ଫାର୍ମାସି। ବିଶ୍ୱସ୍ତରରେ ତାଙ୍କର ସ୍ଥାନ ୫୧,୮୬୮ ରହିଛି। ଏହି ଉପକ୍ଷେତ୍ରର ୧,୬୬,୧୧୬ ଜଣ ଲେଖକଙ୍କ ମଧ୍ୟରେ ସେ ୩୦୨ତମ ସ୍ଥାନରେ ରହିଛନ୍ତି। ୨୦୨୫ ଶେଷ ସୁଦ୍ଧା ତାଙ୍କର ଏଚ୍-ଇଣ୍ଡେକ୍ସ ୧୭ ଏବଂ ଏଚ୍ଏମ୍-ଇଣ୍ଡେକ୍ସ ୧୦.୦୯




ରହିଛି। ଦୀର୍ଘକାଳୀନ ଗବେଷଣା ତଥ୍ୟଭିତ୍ତିକ ତାଲିକାରେ ମଧ୍ୟ ସେ ସ୍ଥାନ ପାଇଛନ୍ତି। ସେଠାରେ ତାଙ୍କର ବିଶ୍ୱ ମାନ୍ୟତା ୭୦,୪୬୮।

ସେହିପରି ଡ. ପଣ୍ଡା ବାୟୋମେଡିକାଲ୍ ରିସର୍ଚ୍ଚ କ୍ଷେତ୍ରରେ କାର୍ଯ୍ୟ କରୁଥିବାବେଳେ ତାଙ୍କର ବିଶେଷ ଗବେଷଣା କ୍ଷେତ୍ର ହେଉଛି ଡେଭଲପମେଣ୍ଟାଲ୍ ବାୟୋଲୋଜି। ବିଶ୍ୱସ୍ତରରେ ତାଙ୍କର ସ୍ଥାନ ୪୧,୮୧୦ ରହିଛି। ଏହି ଉପକ୍ଷେତ୍ରର ୧,୬୭,୧୨୧ ଜଣ ଗବେଷକଙ୍କ ମଧ୍ୟରେ ସେ ୯୦୮ ତମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଏଚ୍-ଇଣ୍ଡେକ୍ସ ୧୧ ଓ ଏଚ୍ଏମ୍-ଇଣ୍ଡେକ୍ସ ୫.୮୪ ରହିଛି। ବୈଜ୍ଞାନିକ ଗବେଷଣାରେ ଅନ୍ୟ ଗବେଷକଙ୍କ ଦ୍ୱାରା କୌଣସି ଗବେଷଣାପତ୍ରର ଉଦ୍ଧୃତି ବା ସାଇଟେସନ୍ ଏହାର ପ୍ରଭାବ ଓ ଉପଯୋଗିତାର ଏକ ସୂଚକ। ଏହି ତାଲିକା ପ୍ରସ୍ତୁତିରେ ମୋଟ ସାଇଟେସନ୍, ଏଚ୍-ଇଣ୍ଡେକ୍ସ ଓ ଏଚ୍ଏମ୍-ଇଣ୍ଡେକ୍ସ ଭଳି ଏକାଧିକ ମାନଦଣ୍ଡକୁ ବିଚାରକୁ ନିଆଯାଏ। ଗବେଷକଙ୍କ ନିଜସ୍ୱ ଗବେଷଣାପତ୍ରକୁ ସେମାନେ ନିଜେ ଉଦ୍ଧୃତ କରିଥିବା ତଥ୍ୟକୁ ଏହି ମୂଲ୍ୟାୟନରୁ ବାଦ୍ ଦିଆଯାଇଛି। ବ୍ରିକ୍-ଆଇଏଲ୍ଏସ୍ର ଏହି ଦୁଇ ବୈଜ୍ଞାନିକଙ୍କ ସଫଳତାକୁ ଅନୁଷ୍ଠାନ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି। ଏହି ସ୍ୱୀକୃତି ଦୀର୍ଘ ବର୍ଷର ନିଷ୍ଠାପର ଗବେଷଣା ଏବଂ ଅନୁଷ୍ଠାନର ସାମୂହିକ ପ୍ରୟାସର ପରିଚୟ ବୋଲି କୁହାଯାଇଛି। ଆଗାମୀ ଦିନରେ ଜୀବବିଜ୍ଞାନ ଓ ଚିକିତ୍ସା ଗବେଷଣା କ୍ଷେତ୍ରରେ ଆହୁରି ନୂଆ ସଫଳତା ହାସଲ କରିବା ନେଇ ଅନୁଷ୍ଠାନ ଆଶା ପ୍ରକାଶ କରିଛି।

# ଅକ୍ଟୋବର ୧୫ ପର୍ଯ୍ୟନ୍ତ ରିୟାଦକୁ ଏୟାର ଇଣ୍ଡିଆ ବିମାନ ଉଡ଼ାଣ ବାତିଲ

**ନୂଆଦିଲ୍ଲୀ:** ହୁତି ଆକ୍ରମଣ ଯୋଗୁ ସାଉଦି ଆରବରେ ଭୟଙ୍କର ସ୍ଥିତିକୁ ଲକ୍ଷ୍ୟ କରି ଏୟାର ଇଣ୍ଡିଆ ଆସନ୍ତା ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ସେଠାକୁ ଉଡ଼ାଣ ବନ୍ଦ ରଖିଛି। ଏହି କଟକଣା ଉଭୟ ରିୟାଦରୁ ଆସୁଥିବା ବିମାନ ଓ ଭାରତରୁ ରିୟାଦକୁ ଯାଉଥିବା ବିମାନ ଉପରେ ଲାଗୁ ହୋଇଛି। ପ୍ରଭାବିତ ଯାତ୍ରୀ ଯଦି ସେମାନଙ୍କ ଟିକେଟ ବାତିଲ କରନ୍ତି ତେବେ ସେମାନଙ୍କୁ ସେମାନଙ୍କ ଟଙ୍କା ଫେରସ୍ତ କରାଯିବ ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି। ଏୟାରଲାଇନ୍ସ ସ୍ଥିତି ଉପରେ ନଜର ରଖିଛି। ପୂର୍ବରୁ ୟେମେନର ହୁତି ବିଦ୍ରୋହୀମାନେ ସାଉଦି ଆରବ ରାଜଧାନୀସ୍ଥିତ କିଙ୍ଗ ଖାଲିଦ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଆକ୍ରମଣ କରିଥିବା ଦାବି କରିବା ପରେ ସୁରକ୍ଷା ଚିନ୍ତା ବୃଦ୍ଧି ପାଇବା ପରେ ଏୟାର ଇଣ୍ଡିଆ ଏକ୍ସପ୍ରେସ, ଇଣ୍ଡିଗୋ ଓ ଆକାସା ଏୟାର ରିୟାଦକୁ ଓ ରିୟାଦରୁ ଉଡ଼ାଣ ବାତିଲ କରିଥିଲେ।




# ତାମିଲନାଡୁକୁ ଟାର୍ଗେଟ୍ କରୁଛନ୍ତି କେନ୍ଦ୍ର ସରକାର

## 'ଛାତ୍ରୋଁ କୀ ଗୁଞ୍ଜ' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କୁ ନିଶାଣ



**ଚେନ୍ନାଇ:** ତାମିଲନାଡୁକୁ ସଂସଦରେ ଦୁର୍ବଳ କରିବାକୁ ସୀମା ପୁନଃନିର୍ଦ୍ଧାରଣ ଆଳରେ ଉଦ୍ୟମ କରାଯାଉଛି। ରାଜ୍ୟର ଭାଷା, ସଂସ୍କୃତି ଓ ଇତିହାସକୁ ଦୁର୍ବଳ କରିବାକୁ ମଧ୍ୟ ଚେଷ୍ଟା ଚାଲିଛି। ଶନିବାର ଚେନ୍ନାଇରେ ଆୟୋଜିତ 'ଛାତ୍ରୋଁ କୀ ଗୁଞ୍ଜ' କାର୍ଯ୍ୟକ୍ରମରେ ଯୋଗଦେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏଭଳି ଅଭିଯୋଗ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ନିଟ୍ ପରୀକ୍ଷା ଓ ଶିକ୍ଷା ପାଇଁ ଅର୍ଥ ଯୋଗାଣ ପ୍ରସଙ୍ଗରେ ମଧ୍ୟ ଚେନ୍ନାଇର ଆଇଲାଣ୍ଡ ଗ୍ରାଉଣ୍ଡ୍ସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ପ୍ରଶ୍ନ ଓ ଶିକ୍ଷା ସମ୍ପର୍କିତ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ରାହୁଲ କହିଥିଲେ ଯେ ପ୍ରଶ୍ନ ପଚାରିବା ହେଉଛି ଶିଖିବାର ପ୍ରଥମ ପଦକ୍ଷେପ। ଏହା ଗଣତନ୍ତ୍ରକୁ ମଧ୍ୟ ମଜଭୁତ କରେ। ଛାତ୍ରଛାତ୍ରୀମାନେ ନିଜ ଚାରିପାଖର ଘଟଣାକୁ ବୁଝିବା ସହ ପ୍ରତ୍ୟେକ ପ୍ରସଙ୍ଗରେ ନିଜର ମତ ରଖିବା ଆବଶ୍ୟକ। ସୀମା ପୁନଃନିର୍ଦ୍ଧାରଣକୁ ନେଇ ରାହୁଲ କହିଥିଲେ ଯେ ଏହି ପ୍ରକ୍ରିୟା ତାମିଲନାଡୁର ରାଜନୈତିକ ପ୍ରତିନିଧିତ୍ୱକୁ ପ୍ରଭାବିତ କରିପାରେ। ସଂସଦରେ ରାଜ୍ୟର ସ୍ୱର ଦୁର୍ବଳ ହେବାର ଆଶଙ୍କା ରହିଛି। ତାମିଲନାଡୁର ଭବିଷ୍ୟତ ଓ ରାଜ୍ୟର ଅଧିକାର ସମ୍ପର୍କିତ ନିଷ୍ପତ୍ତିରେ ସେଠାକାର ଲୋକଙ୍କ ମତକୁ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ସେ କହିଥିଲେ। ନିଟ୍ ପରୀକ୍ଷା ସମ୍ପର୍କରେ ରାହୁଲ ଅଭିଯୋଗ କରିଥିଲେ ଯେ ଏହାଦ୍ୱାରା ତାମିଲ ମାଧ୍ୟମରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଏମ୍ବିବିଏସ୍ ଆସନରେ ଅଂଶ ୮୭ ପ୍ରତିଶତ ହ୍ରାସ ପାଇଛି। ଭିନ୍ନ ଭାଷା ଓ ଶିକ୍ଷା ବୋର୍ଡର ଛାତ୍ରଛାତ୍ରୀଙ୍କୁ ସମାନ ସୁଯୋଗ ମିଳିବା ଦରକାର ବୋଲି ସେ ମତ ଦେଇଥିଲେ। ଏଥିସହ ତାମିଲନାଡୁ ପାଇଁ ପ୍ରାୟ ୩,୩୦୦ କୋଟି ଟଙ୍କାର ଶିକ୍ଷା ପାଣ୍ଠି କେନ୍ଦ୍ର ସରକାର ଅଟକାଇ ରଖିଥିବା ରାହୁଲ ଅଭିଯୋଗ କରିଥିଲେ। ରାଜ୍ୟର ପ୍ରାୟ ୭୦ ପ୍ରତିଶତ ବିଶ୍ୱବିଦ୍ୟାଳୟରେ କୁଳପତି ପଦ ଖାଲି ପଡ଼ିଥିବା ଏବଂ ଏଥିରେ ଆର୍ଏସ୍ଏସ୍ ସହ ଜଡ଼ିତ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବାକୁ ଉଦ୍ୟମ ହେଉଥିବା ମଧ୍ୟ ସେ କହିଥିଲେ। ଛାତ୍ରଛାତ୍ରୀମାନେ ନିଜ ଭାଷା ଓ ସଂସ୍କୃତିକୁ ବୁଝିବା ସହ ଭୟ ନକରି ପ୍ରଶ୍ନ ପଚାରିବା ଉଚିତ। ଏହାଦ୍ୱାରା ଗଣତାନ୍ତ୍ରିକ ମୂଲ୍ୟବୋଧ ସୁଦୃଢ଼ ହେବ ବୋଲି ସେ ମତ ଦେଇଥିଲେ।

# ଅଙ୍ଗନବାଡ଼ି କେନ୍ଦ୍ର ହେଉ ଜନଭାଗୀଦାରିର ମଞ୍ଚ: ମୋଦୀ

**ନୂଆଦିଲ୍ଲୀ:** ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ କେବଳ ଏକ ସରକାରୀ ଅନୁଷ୍ଠାନ ଭାବେ ସୀମିତ ନ ରଖି ଜନଭାଗୀଦାରିର କେନ୍ଦ୍ର ଭାବେ ବିକଶିତ କରିବାକୁ ଆହ୍ୱାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ମହିଳା ଓ ଶିଶୁ ବିକାଶ କ୍ଷେତ୍ରରେ ସମନ୍ୱିତ ପଦକ୍ଷେପ, ଶିଶୁଙ୍କ ପୋଷଣ, ମହିଳାଙ୍କ ସୁରକ୍ଷା ଏବଂ କିଶୋରୀଙ୍କ ସାମଗ୍ରିକ ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ନୂଆଦିଲ୍ଲୀସ୍ଥିତ ସୁଷମା ସ୍ୱରାଜ ଭବନରେ ଅନୁଷ୍ଠିତ ମହିଳା ଓ ଶିଶୁ ବିକାଶ ସମ୍ପର୍କିତ ଦୁଇଦିନିଆ ଜାତୀୟ ବିଭାଗୀୟ ସମ୍ମିଳନୀର ଉଦ୍ଯାପନୀ ଅଧିବେଶନରେ ଅଧ୍ୟକ୍ଷତା କରି ମୋଦୀ ଏହି ଆହ୍ୱାନ ଦେଇଛନ୍ତି। ସମ୍ମିଳନୀରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଶିଶୁଙ୍କ ପୋଷଣ, ପ୍ରାରମ୍ଭିକ ଶୈଶବ ଯତ୍ନ, ଶିଶୁ ସୁରକ୍ଷା, ମହିଳା ସଶକ୍ତୀକରଣ ଓ ସେବା ପ୍ରଦାନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ନେଇ ଆଲୋଚନା କରିଥିଲେ। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସହଯୋଗ ଏବଂ ସମନ୍ୱିତ ନିଷ୍ପତ୍ତି ଗ୍ରହଣର ଗୁରୁତ୍ୱ ଉପରେ ମୋଦୀ ଆଲୋକପାତ କରିଥିଲେ। ଏହି ମଡେଲ୍କୁ ଜିଲ୍ଲା, ନଗରପାଳିକା ଓ ମହାନଗରପାଳିକା ସ୍ତରରେ ମଧ୍ୟ ଲାଗୁ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଅଙ୍ଗନବାଡ଼ି କର୍ମୀମାନଙ୍କ ପାଇଁ ସ୍ୱତନ୍ତ୍ର ଚିନ୍ତନ ଶିବିର ଆୟୋଜନ କରି କ୍ଷେତ୍ରସ୍ତରର ଅନୁଭୂତି, ନୂତନ ପଦକ୍ଷେପ ଓ ସମସ୍ୟାର ସମାଧାନ ସମ୍ପର୍କରେ ମତ ବିନିମୟର ସୁଯୋଗ ସୃଷ୍ଟି କରିବାକୁ ମଧ୍ୟ ସେ କହିଥିଲେ। ଅଙ୍ଗନବାଡ଼ି କେନ୍ଦ୍ର ସହ ନିକଟବର୍ତ୍ତୀ ପରିବାରଗୁଡ଼ିକୁ ଯୋଡ଼ିବା ଉପରେ ମୋଦୀ ଗୁରୁତ୍ୱ ଦେଇଥିଲେ।



ବିଶେଷ ଅବସରରେ ପରିବାରଗୁଡ଼ିକ ଶିଶୁଙ୍କ ପାଇଁ ପୁଷ୍ଟିକର ଖାଦ୍ୟ, ଖେଳନା ଓ ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ଉପଯୋଗୀ ସାମଗ୍ରୀ ଯୋଗାଇ ଦେବାକୁ ଉତ୍ସାହିତ କରିବା ଲାଗି ସେ ପ୍ରସ୍ତାବ ଦେଇଥିଲେ। ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିକଟବର୍ତ୍ତୀ ଅଙ୍ଗନବାଡ଼ି କେନ୍ଦ୍ର ପୋଷ୍ୟ ଭାବେ ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ସହଯୋଗରେ ସାମାଜିକ ପ୍ରଭାବ ସମ୍ପର୍କିତ ଅଧ୍ୟୟନ କରାଗଲେ ସେବାର ଗୁଣବତ୍ତା ବୃଦ୍ଧି ପାଇଁ ଉପଯୋଗୀ ତଥ୍ୟ ମିଳିପାରିବ। ଏଥିସହ ମେଡିକାଲ୍ ଛାତ୍ରଛାତ୍ରୀ, ଏନ୍ଏସ୍ଏସ୍ ଓ ଏନ୍ସିସି ସ୍ୱେଚ୍ଛାସେବୀଙ୍କୁ ମଧ୍ୟ ଅଙ୍ଗନବାଡ଼ି ଓ ସମୁଦାୟଭିତ୍ତିକ କାର୍ଯ୍ୟକ୍ରମରେ ସାମିଲ କରିବାକୁ ସେ କହିଥିଲେ। ମହିଳାଙ୍କ ସୁରକ୍ଷା ପ୍ରସଙ୍ଗରେ ମୋଦୀ ଶିଶୁମାନଙ୍କ ପାଇଁ ବୟସ ଅନୁକୂଳ ଶିକ୍ଷଣୀୟ ମଡ୍ୟୁଲ୍ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ମହିଳାଙ୍କ ସୁରକ୍ଷା, ମର୍ଯ୍ୟାଦା ଓ ସଶକ୍ତୀକରଣ ସମ୍ପର୍କରେ ଶିକ୍ଷା ଦିଆଯିବ। ବିଭିନ୍ନ ବିଭାଗର ସମନ୍ୱିତ ଉଦ୍ୟମ ମାଧ୍ୟମରେ ଘଟଣା ଘଟିବା ପୂର୍ବରୁ ନିରାକରଣମୂଳକ ପଦକ୍ଷେପ ନେବା ଉପରେ ସେ ଜୋର୍ ଦେଇଥିଲେ। ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଓ ପୋଷଣ ମଧ୍ୟରେ ଥିବା ସମ୍ପର୍କକୁ ଉଲ୍ଲେଖ କରି ମୋଦୀ ଦେଶର ସମସ୍ତ ମହିଳା ଓ ଶିଶୁ ବିକାଶ ବିଭାଗକୁ ସ୍ୱଚ୍ଛତା ଅଭିଯାନରେ ସକ୍ରିୟ ଭୂମିକା ନେବାକୁ କହିଥିଲେ। ଅଙ୍ଗନବାଡ଼ି କେନ୍ଦ୍ର ଓ ଏହାର ଆଖପାଖ ଅଞ୍ଚଳକୁ ସ୍ୱଚ୍ଛତା ସମ୍ପର୍କିତ ସଚେତନତା ଏବଂ ଆଚରଣଗତ ପରିବର୍ତ୍ତନର ପ୍ରମୁଖ ମଞ୍ଚ ଭାବେ ଗଢ଼ି ତୋଳିବାକୁ ସେ ଆହ୍ୱାନ ଦେଇଥିଲେ।

ଏଥିସହ 'ଭୋକାଲ୍ ଫର୍ ଲୋକାଲ୍' ଓ 'ଏକ ଜିଲ୍ଲା, ଏକ ଉତ୍ପାଦ' ଭଳି ଜାତୀୟ ଅଭିଯାନକୁ ମହିଳା ସଶକ୍ତୀକରଣ ସହ ଯୋଡ଼ିବାକୁ ମୋଦୀ କହିଥିଲେ। ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ସମୁଦାୟଭିତ୍ତିକ ସଂସ୍ଥାଗୁଡ଼ିକ ସ୍ଥାନୀୟ ଉତ୍ପାଦ, ଜୀବିକା ଓ ମହିଳାଙ୍କ ଆର୍ଥିକ ସ୍ୱାବଲମ୍ବନକୁ ସୁଦୃଢ଼ କରିବାରେ ପ୍ରମୁଖ ଭୂମିକା ନେଇପାରିବେ ବୋଲି ସେ ମତ ଦେଇଥିଲେ। ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ରାଜ୍ୟଗୁଡ଼ିକର ସମ୍ପୃକ୍ତ ବିଭାଗ ଉପରେ ସମାଜର ଏକ ବୃହତ୍ ଓ ଗୁରୁତ୍ୱପୂର୍ଣ୍ଣ ବର୍ଗର ଦାୟିତ୍ୱ ନ୍ୟସ୍ତ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଆଜି ଅଙ୍ଗନବାଡ଼ି କେନ୍ଦ୍ରରେ ଯତ୍ନ ଓ ପୋଷଣ ପାଉଥିବା ଶିଶୁମାନେ ଆସନ୍ତାକାଲିର ଯୁବପିଢ଼ି ଏବଂ ବିକଶିତ ଭାରତର ନିର୍ମାତା ହେବେ। ତେଣୁ ସେମାନଙ୍କ ସାମଗ୍ରିକ ବିକାଶକୁ ସର୍ବାଧିକ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ।

# ରଣଜୀ ଟ୍ରଫିରେ ଷ୍ଟାରଙ୍କ ଚମକ

ନୂଆଦିଲ୍ଲୀ,୧୦।୧୦ (ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟର ସର୍ବପ୍ରମୁଖ ପ୍ରତିଯୋଗିତା ରଣଜୀ ଟ୍ରଫିର ୨୦୨୬-୨୭ ସଂସ୍କରଣ ରବିବାର, ଅକ୍ଟୋବର ୧୧ରୁ ଆରମ୍ଭ ହେବ। ଏଥର ଟୁର୍ଣ୍ଣାମେଣ୍ଟରେ ଅନେକ ଅନ୍ତର୍ଜାତୀୟ ଖେଳାଳିଙ୍କ ସହ ଯୁବ ପ୍ରତିଭାମାନେ ନିଜ ଦକ୍ଷତା ପ୍ରମାଣ କରିବାକୁ ପଡ଼ିଆକୁ ଓହ୍ଲାଇବେ। କେଏଲ୍ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ରବୀନ୍ଦ୍ର ଜାଡେଜା, ୱାଶିଂଟନ୍ ସୁନ୍ଦର ଓ ମହମ୍ମଦ ଶାମିଙ୍କ ଭଳି ଖେଳାଳିଙ୍କ ଉପସ୍ଥିତି ଏହି ପ୍ରତିଯୋଗିତାକୁ ଅଧିକ ଆକର୍ଷଣୀୟ କରିବ। ଗତ ସଂସ୍କରଣରେ ଜମ୍ମୁ-କାଶ୍ମୀର ଐତିହାସିକ ସଫଳତା ହାସଲ କରି ପ୍ରଥମଥର ପାଇଁ ରଣଜୀ ଟ୍ରଫି ଜିତିଥିଲା। ଫାଇନାଲରେ ଆଠଥରର ଚାମ୍ପିଅନ୍ କର୍ଣ୍ଣାଟକକୁ ହରାଇ ଦଳ ଦୀର୍ଘ ୬୭ ବର୍ଷର ଅପେକ୍ଷାର ଅନ୍ତ ଘଟାଇଥିଲା। ଚଳିତ ସଂସ୍କରଣରେ ଟାଇଟଲ୍ ବଜାୟ ରଖିବା ଜମ୍ମୁ-କାଶ୍ମୀର ପାଇଁ ବଡ଼ ଆହ୍ୱାନ ହେବ। ଅନ୍ୟପକ୍ଷରେ ମୁମ୍ବାଇ, କର୍ଣ୍ଣାଟକ, ବେଙ୍ଗଲ, ଦିଲ୍ଲୀ, ସୌରାଷ୍ଟ୍ର ଓ ବିଦର୍ଭ ଭଳି ଦଳ ଟ୍ରଫି ହାସଲ ପାଇଁ ଜୋରଦାର ଲଢ଼େଇ କରିବେ।

## ନ୍ୟୁଜିଲାଣ୍ଡ ଟେଷ୍ଟ ପୂର୍ବରୁ ପ୍ରସ୍ତୁତି

ଭାରତୀୟ ଟେଷ୍ଟ ଦଳର ଖେଳାଳିଙ୍କ ପାଇଁ ରଣଜୀ ଟ୍ରଫି ନିଜକୁ ପ୍ରସ୍ତୁତ କରିବାର ଉତ୍ତମ ସୁଯୋଗ। କର୍ଣ୍ଣାଟକ ପକ୍ଷରୁ କେଏଲ୍ ରାହୁଲ ଏବଂ ମୁମ୍ବାଇ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ଲାଲ୍ ବଲ୍ କ୍ରିକେଟ୍ରେ ଅଧିକ ସମୟ ବିତାଇବାକୁ ଚାହିଁବେ। ତାମିଲନାଡୁ ପକ୍ଷରୁ ଖେଳିବାକୁ ଥିବା ୱାଶିଂଟନ୍ ସୁନ୍ଦର ମଧ୍ୟ ନିଜ ବୋଲିଂକୁ ଅଧିକ ଧାରୁଆ କରିବା ଉପରେ ଧ୍ୟାନ ଦେବେ। ସେହିପରି ସୌରାଷ୍ଟ୍ର ପକ୍ଷରୁ ରବୀନ୍ଦ୍ର ଜାଡେଜା ଖେଳିବାକୁ ଥିବାବେଳେ ବେଙ୍ଗଲ ପାଇଁ ମହମ୍ମଦ ଶାମିଙ୍କ ପ୍ରଦର୍ଶନ ଉପରେ ଚୟନକର୍ତ୍ତାଙ୍କ ନଜର ରହିବ। ଦୀର୍ଘ ସମୟ ଧରି ଭାରତୀୟ ଟେଷ୍ଟ ଦଳରୁ ଦୂରେଇ ରହିଥିବା ଶାମି ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରି ଜାତୀୟ ଦଳକୁ ଫେରିବାର ଆଶା ରଖିବେ। ଆସନ୍ତା ବର୍ଷ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ପାଞ୍ଚଟି ଟେଷ୍ଟ ମ୍ୟାଚ୍ ଥିବାରୁ ଏହି ପ୍ରତିଯୋଗିତାର ଗୁରୁତ୍ୱ ବଢ଼ିଛି।

## ଯୁବ ଖେଳାଳିଙ୍କ ଉପରେ ନଜର

ଏଥର ରଣଜୀ ଟ୍ରଫି କେବଳ ଅଭିଜ୍ଞ ଖେଳାଳିଙ୍କ ପାଇଁ ନୁହେଁ, ଯୁବ କ୍ରିକେଟର୍ଙ୍କ ପାଇଁ ମଧ୍ୟ ନିଜ ପ୍ରତିଭା ଦେଖାଇବାର ମଞ୍ଚ ହେବ। ବିହାରର ବୈଭବ ସୂର୍ଯ୍ୟବଂଶୀ ଓ ସାକିବୁଲ ଗନିଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରାଯାଉଛି। ଝାଡ଼ଖଣ୍ଡର କୁମାର କୁଶାଗ୍ର, ଅନୁକୂଳ ରୟ, ବିରାଟ ସିଂହଙ୍କ ଭଳି ଖେଳାଳି ମଧ୍ୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ ପାଇଁ ପ୍ରୟାସ କରିବେ।ଏହି ପ୍ରତିଯୋଗିତାରେ ଖେଳାଳିଙ୍କ ବ୍ୟକ୍ତିଗତ ପ୍ରଦର୍ଶନ ସହ ଦଳଗତ ସଫଳତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେବ। ଅକ୍ଟୋବର ୧୧ରୁ ଆରମ୍ଭ ହେଉଥିବା ଏହି କ୍ରିକେଟ୍ ମହାସମରରେ କେଉଁ ଦଳ ଆଗୁଆ ରହିବ ଏବଂ କେଉଁ ଯୁବ ଖେଳାଳି ନିଜ ପ୍ରଦର୍ଶନରେ ଚର୍ଚ୍ଚା ସୃଷ୍ଟି କରିବେ, ତାହା ଉପରେ କ୍ରିକେଟରଙ୍କ ନଜର ରହିବ।

# ଆଜିଠୁ ଓଡ଼ିଶାର ରଣଜୀ ଅଭିଯାନ

ଭୁବନେଶ୍ୱର,୧୦।୧୦(ସବ୍ୟୁ): ଭାରତୀୟ ଘରୋଇ କ୍ରିକେଟର ସବୁଠାରୁ ପ୍ରତିଷ୍ଠିତ ପ୍ରଥମ ଶ୍ରେଣୀ ପ୍ରତିଯୋଗିତା ରଣଜୀ ଟ୍ରଫିର ୨୦୨୬-୨୭ ଋତୁରେ ଆଜିଠାରୁ ଅଭିଯାନ ଆରମ୍ଭ କରିବ ଓଡ଼ିଶା। ପ୍ରଥମ ମ୍ୟାଚରେ ଦଳ ଗୁଜରାଟକୁ ଭେଟିବ। ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଏହି ଚାରିଦିନିଆ ମୁକାବିଲା ଖେଳାଯିବ। ନୂଆ ଋତୁରେ ଭଲ ଆରମ୍ଭ କରି ଏଲିଟ୍ ଗ୍ରୁପ୍-ସିରେ ନିଜ ସ୍ଥିତି ମଜଭୁତ କରିବା ଓଡ଼ିଶା ଦଳର ପ୍ରମୁଖ ଲକ୍ଷ୍ୟ ରହିବ। ସୁଭ୍ରାଂଶୁ ସେନାପତି ଦଳର ନେତୃତ୍ୱ ନେଉଥିବା ବେଳେ ପ୍ରଭଞ୍ଜନ ମଲ୍ଲିକ ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱରେ ଅଛନ୍ତି। ଏଥର ଦଳରେ ଓମ୍ ଟି. ମୁଣ୍ଡେ, ଶ୍ରେୟାଂଶ ଭରଦ୍ୱାଜ, ସୌମ୍ୟ ଲେଙ୍କା ଓ ସମ୍ବିତ ବେଜାଙ୍କ ଭଳି ନୂଆ ମୁହଁ ସାମିଲ ହୋଇଛନ୍ତି। ଏହା ସହ ଗୌରବ



ଚୌଧୁରୀ, ନିନାଦ ରାଠୱା ଓ ଲଳିତ ଯାଦବଙ୍କ ଭଳି ଅନ୍ୟ ରାଜ୍ୟର ଖେଳାଳି ମଧ୍ୟ ଦଳରେ ସ୍ଥାନ ପାଇଛନ୍ତି। ନୂଆ ଓ ଅଭିଜ୍ଞ ଖେଳାଳିଙ୍କ ମିଶ୍ରଣ ଦଳକୁ ସନ୍ତୁଳନ ଦେବ ବୋଲି ଆଶା କରାଯାଉଛି। ରଣଜୀ ଟ୍ରଫିର ଏଲିଟ୍ ଗ୍ରୁପ୍-ସିରେ ଓଡ଼ିଶା ସହ ଗୁଜରାଟ, କେରଳ, ସର୍ଭିସେସ୍, ଝାଡ଼ଖଣ୍ଡ, ଦିଲ୍ଲୀ, ମହାରାଷ୍ଟ୍ର ଓ ବେଙ୍ଗଲ ରହିଛନ୍ତି। ଏହି ଗ୍ରୁପରେ ପ୍ରତ୍ୟେକ ମ୍ୟାଚ୍ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ। ଲିଗ୍ ପର୍ଯ୍ୟାୟରେ ନିୟମିତ ଭଲ ପ୍ରଦର୍ଶନ କରିବା ସହ ଘରୋଇ ଓ ବାହାର ମାଟିରେ ପଏଣ୍ଟ ହାସଲ କରିବା ନକ୍ଆଉଟ୍ ପର୍ଯ୍ୟାୟରେ ପହଞ୍ଚିବା ପାଇଁ ନିର୍ଣ୍ଣାୟକ ହେବ। ଗୁଜରାଟ ବିପକ୍ଷ ମ୍ୟାଚ୍ ପରେ ଓଡ଼ିଶା ଅକ୍ଟୋବର ୧୮ରୁ ୨୧ ପର୍ଯ୍ୟନ୍ତ ଥିରୁଅନନ୍ତପୁରମରେ କେରଳକୁ ଭେଟିବ। ଏହାପରେ ଅକ୍ଟୋବର ୨୬ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱରର କିସ୍ ଷ୍ଟାଡିୟମରେ ସର୍ଭିସେସ୍ ବିପକ୍ଷରେ ଖେଳିବ। ନଭେମ୍ବର ୨ରୁ ୫ ପର୍ଯ୍ୟନ୍ତ ସେହି ଭୁବନେଶ୍ୱରରେ ଝାଡ଼ଖଣ୍ଡ ସହ ମୁକାବିଲା ରହିଛି। ଚଳିତ ଋତୁରେ ରଣଜୀ ଟ୍ରଫି ଦୁଇଟି ପର୍ଯ୍ୟାୟରେ ଖେଳାଯିବ। ପ୍ରଥମ ପର୍ଯ୍ୟାୟ ନଭେମ୍ବର ୫ରେ ଶେଷ ହେବା ପରେ ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ୧୭ରୁ ଆରମ୍ଭ ହେବ। ଜାନୁଆରୀ ୧୭ରୁ ୨୦୨୭ ମଧ୍ୟରେ ଓଡ଼ିଶା ଦିଲ୍ଲୀକୁ କଟକର ବାରବାଟୀ ଷ୍ଟାଡିୟମରେ ଭେଟିବ। ଏହାପରେ ମହାରାଷ୍ଟ୍ର ଓ ବେଙ୍ଗଲ ବିପକ୍ଷ ମ୍ୟାଚ୍ ରହିଛି। ରଣଜୀ ଟ୍ରଫି ଯୁବ ଖେଳାଳିଙ୍କ ପାଇଁ ନିଜ ପ୍ରତିଭା ପ୍ରମାଣ କରିବା ଓ ଜାତୀୟ ଦଳରେ ସ୍ଥାନ ପାଇବାର ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ। ଓଡ଼ିଶା ଦଳ ପାଇଁ ଏହି ଋତୁରେ ନିରନ୍ତର ପ୍ରଦର୍ଶନ, ବ୍ୟାଟିଂରେ ଦୃଢ଼ତା ଓ ବୋଲିଂରେ ଶୃଙ୍ଖଳା ହିଁ ସଫଳତାର ଚାବିକାଠି ହେବ। ଗୁଜରାଟ ବିପକ୍ଷ ପ୍ରଥମ ମ୍ୟାଚରେ ହିଁ ଦଳ ନିଜ ଅଭିଯାନକୁ ସକାରାତ୍ମକ ଦିଗରେ ଆଗେଇ ନେବାକୁ ଚେଷ୍ଟା କରିବ।

































Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି